

ନର୍ସ ଭୂମିକାରେ କଙ୍ଗନା

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-257 ◆MONDAY ◆16 MARCH 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୫୭ ◆ସୋମବାର ◆୧୬ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ୫ ରାଜ୍ୟରେ ନିର୍ବାଚନ

# ଦୁଇ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଭୋଟ

■ ନୂଆଦିଲ୍ଲୀ, ୧୫।୩ (ଏଜେନ୍ସି): ଏସଆଇଆର୍ ବିସ୍ଫୋରଣ ମଧ୍ୟରେ ନିର୍ବାଚନ କମିସନ ଆଜି ପଶ୍ଚିମ ବଙ୍ଗ ସମେତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । ଆସନ୍ତା ଏପ୍ରିଲ ମାସ ୯ ତାରିଖରେ ମତଦାନ ଆରମ୍ଭ ହେବାକୁ ଥିବା ବେଳେ ସେହି ମାସ ୨୯ ରେ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ । ପଶ୍ଚିମ ବଙ୍ଗକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ମତଦାନ କରାଯିବ । ଆସାମ, କେରଳ ଓ ପୁଡୁଚେରିରେ ଏପ୍ରିଲ ୯ ତାରିଖରେ ଭୋଟ ଗ୍ରହଣ କରାଯିବାକୁ ଥିବା ବେଳେ ତାମିଲନାଡୁରେ ମଧ୍ୟ ଗୋଟିଏ ପର୍ଯ୍ୟାୟରେ ୨୩ ତାରିଖରେ ମତଦାନ କରାଯିବ । ତେବେ ପଶ୍ଚିମବଙ୍ଗରେ ୨୩ ଏବଂ ୨୯ ତାରିଖରେ ନିର୍ବାଚନ ହେବ । ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ତାରିଖ ଘୋଷଣା କରି କମିସନ କହିଛନ୍ତି ଯେ ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ୧୫୨ ଏବଂ ଦ୍ୱିତୀୟରେ ୧୪୨ ଆସନରେ ଲୋକେ ନିଜ ମତାଧିକାର ସାବ୍ୟସ୍ତ କରିବେ । ମାତ୍ର ସବୁ ରାଜ୍ୟର ନିର୍ବାଚନ ଫଳାଫଳ ଏକାଥରକେ ମେ' ୪ ତାରିଖରେ ପ୍ରକାଶ ପାଇବ । ଏଥିସହିତ ନିର୍ବାଚନୀମୁହାଁ ଏହି ରାଜ୍ୟରେ ▶ପୃଷ୍ଠା-୭

**ଏପ୍ରିଲ ୯ରୁ ଆରମ୍ଭ, ୨୯ରେ ଶେଷ; ମେ' ୪ରେ ଫଳାଫଳ**

**ଆସାମ, କେରଳ, ପୁଡୁଚେରୀରେ ୯ରେ ମତଦାନ**

**ତାମିଲନାଡୁରେ ଏପ୍ରିଲ ୨୩ରେ ଭୋଟ**

**ପଶ୍ଚିମବଙ୍ଗରେ ୨୩ ଓ ୨୯**

# ଆଜି ରାଜ୍ୟସଭା ଭୋଟ

## ୧୦ ବିଧାୟକଙ୍କ ଉପରେ ରାଜ୍ୟର ନଜର



ନିର୍ବାଚନ ମଇଦାନରେ ମନମୋହନ, ସୁଜିତ, ସଂତୃପ୍ତ, ଦଣ୍ଡେଶ୍ୱର ଓ ଦିଲ୍ଲୀପ

■ ଭୁବନେଶ୍ୱର, ୧୫।୩ (ସମିସ): ରାତି ପାହିଲେ ରାଜ୍ୟସଭାର ୪ ଆସନ ପାଇଁ ଭୋଟଗ୍ରହଣ ହେବ । ଘୋଡ଼ା ବେପାର, ରିସର୍ଟ ରାଜନୀତି ଓ କିଛି ବିଧାୟକଙ୍କ ଲୁଚକାଳି ଖେଳକୁ ନେଇ ରାଜ୍ୟ ରାଜନୀତିରେ ସୃଷ୍ଟି କରିଥିବା କମ୍ପନ ଆସନ୍ତାକାଲି ଶେଷ ହେବ । ଚତୁର୍ଥ ଆସନ ହାତେଇବା ପାଇଁ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି ଓ ମିଳିତ ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପାଇଁ ବିଜେଡି ଓ କଂଗ୍ରେସ ନିଜ ନିଜ ରଣନୀତି ଅନୁଯାୟୀ ଆଗକୁ ବଢ଼ୁଛନ୍ତି । ମାତ୍ର ବିଜେଡିର ଦୁଇ ଏବଂ କଂଗ୍ରେସର ଜଣେ ବିଧାୟକଙ୍କ ଆକସ୍ମିକ ଅନ୍ତର୍ଦ୍ଧାନ ରାଜ୍ୟ ରାଜନୀତିକୁ ରୋଚକ କରିଛି । ଉଭୟ ଦଳ ପକ୍ଷରୁ ନିଜ ନିଜ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି ▶ପୃଷ୍ଠା-୭

**ଶେଷରାତିରେ ୩ ଦଳର ଭିନ୍ନଭିନ୍ନ ବୈଠକ**

**ସନ୍ଦେହଘେରରେ ବିଜେଡିର ୨, ବିଜେପିର ୨, ଦୁଇ ସ୍ୱାଧୀନ ଓ କଂଗ୍ରେସର ଜଣେ ବିଧାୟକ**

### ଘୋଡ଼ା ବେପାର ଅଭିଯୋଗ

## ୪ଜଣଙ୍କୁ ବାନ୍ଧିଲା କର୍ଣ୍ଣାଟକ ପୁଲିସ

■ ଭୁବନେଶ୍ୱର, ୧୫।୩ (ସମିସ): ରାଜ୍ୟସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ବିଜେପି ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିରୋଧରେ ବଡ଼ ଅଭିଯୋଗ ଆଣିଛି କଂଗ୍ରେସ । ବେଙ୍ଗାଲୁରୁରେ ଏକ ହୋଟେଲରେ କଂଗ୍ରେସର ୮ ବିଧାୟକ ଥିବାବେଳେ ସେମାନଙ୍କୁ ଦିଲ୍ଲୀପ ରାୟଙ୍କ ସପକ୍ଷରେ ଭୋଟ ଦେବା ପାଇଁ ପ୍ରଲୋଭନ ଦେଖାଯାଇଛି । ଦିଲ୍ଲୀପଙ୍କ ସପକ୍ଷରେ ଭୋଟ ପାଇଁ ୫ କୋଟି ଟଙ୍କା ଯଚାଯାଇଥିବା ଓ ବ୍ୟାଙ୍କ ଚେକ୍ ପ୍ରଦାନ ପାଇଁ ଉଦ୍ୟମ ହୋଇଥିବା ଅଭିଯୋଗ କରିଛନ୍ତି କଂଗ୍ରେସର କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା । ଏ ସମ୍ପର୍କରେ ଅଭିଯୋଗ ପରେ କର୍ଣ୍ଣାଟକ ପୁଲିସ ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଅଜିତ ସାହୁ, ରାଉରକେଲାର ବୀରେନ୍ଦ୍ର ପ୍ରସାଦ, ▶ପୃଷ୍ଠା-୭

**କଂଗ୍ରେସ ବିଧାୟକଙ୍କୁ କିଣିବା ଉଦ୍ୟମ !**

**ଜଣକା ୫ କୋଟି ଟଙ୍କା ଅଫର: କଂଗ୍ରେସ**


### ଭିତର ପୃଷ୍ଠାରେ...

- କରଞ୍ଜିଆରେ କାଳବୈଶାଖୀ ତାଣ୍ଡବ; ୨ ଗାଁ ଛାରଖାର; ୨ ମୃତ
- କଳିଙ୍ଗାରେ କଶ୍ମୀରର ଭ୍ରମ: କୁଆପଥରରେ ଢାଙ୍କି ହୋଇଗଲା ରାସ୍ତା
- ନେତନ୍ୟାହୁ ମୃତ ! ଇସ୍ରାଏଲ କହିଲା ଗୁଜବ



SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



KISS

Organisation in Special Consultative Status with the United Nations Economic & Social Council (UN-ECOSOC)

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 Tribal children



KISS HUMANITARIAN AWARD 2025

16th March 2026



Smt. Nita M. Ambani, Founder and Chairperson, Reliance Foundation receiving the prestigious KISS Humanitarian Award 2025

AWARDEES ARE FROM
5 Continents | 13 Countries | 2 Nobel Laureates among the awardees

Chief Guest: Prof. Mohan Munasinghe, Nobel Laureate from Sri Lanka

• KISS Humanitarian Award
Founded by Dr. Achyuta Samanta, Founder, KIIT-KISS-KIMS
• Watch Live on Kalinga TV from 5.00 p.m. onwards

PAST RECIPIENTS
- Mr. Bill Gates, Co-chair of the Bill & Melinda Gates Foundation, and Co-Founder & former CEO of Microsoft (2023)
- Her Excellency Mama Rachel Ruto, EGH, First Lady of the Republic of Kenya (2022)
- Mr. Ratan Naval Tata, Chairman Emeritus, Tata Sons (2021)
- Dr. Ary S Graça, President-International Volleyball Federation (FIVB) (2020)
- Dr. Dansa KOUROUMA, President, National Transition Council of Guinea, Guinea (2019)
- Professor Muhammad Yunus (Nobel Laureate), Founder, Grameen Bank, Bangladesh (2018)
- His Holiness The 14th Dalai Lama, Nobel Laureate, 2005 and Spiritual Leader (2017)
- Ms. Ashley Judd, Hollywood Actor, Activist & Global Goodwill Ambassador, UNFPA (2016)
- His Excellency Dr Alejandro Toledo, Former President of Peru (2015)
- Ms. Anne F. Stenhammer, Former Regional Programme Director, UN Women, South Asia Regional Office (2014)
- Madam Albina Du Boisrouvray, Founder, Association François-Xavier Bagnoud (FXB International), Switzerland (2013)
- His Excellency Lyonchhen Jigmi Y. Thinley, Hon'ble Prime Minister, The Royal Government of Bhutan (2012)
- Rt Hon. Lord Nicholas Addison Phillips, President (Chief Justice) of the Supreme Court of the United Kingdom (2011)
- Rt. Hon. Sir Anerood Jugnauth, Eminent Social Worker & His Excellency the President of Mauritius (2010)
- Dr. Ham Kee-Sun, Eminent Educationist & Physician and Hon'ble President & Founder, Hanseo University, South Korea (2009)
- Ms. Edna Bomo Molewa, Noted Social Worker & Hon'ble Cabinet Minister, Social Development, South Africa National Assembly, South Africa (2008)

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

ସକାଳ THE SAKALA





# ଚଇତି ତାଣ୍ଡବ

## ଉତ୍ତରରେ ଘୂର୍ଣ୍ଣିଝଡ଼ - ଦକ୍ଷିଣରେ କରକା ମାଡ଼



ରବିବାର 'ଚଇତି ତାଣ୍ଡବ'ରେ ଥରହର ହୋଇଛି ଉତ୍ତର ଓ ଦକ୍ଷିଣ ଓଡ଼ିଶା । ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ରେ କାଳବୈଶାଖୀର 'ଘୂର୍ଣ୍ଣି' ଦୁଇଟି ଗାଁ'କୁ ଆଖିପିଛୁଳାକେ ଛାରଖାର କରିଦେଇଛି । ଗାଁ'ର ଚାଳଘର ଛପର ହରାଇ ଶ୍ରୀହୀନ ହୋଇଯାଇଛି । ଗଛଲତା ସବୁ ଡାଳପତ୍ର ବିନା ଥୁଣ୍ଟା । ଜାତୀୟ ରାଜପଥରେ ଚଳତ୍‌ମାନ ଯାନବାହନ 'ଘୂର୍ଣ୍ଣି'ର ଆଁରେ ପଡ଼ି ତୁଳା ଭଳି ଉଡ଼ିଯାଇଛନ୍ତି ବହୁ ଦୂରକୁ । ଏହି ଆକସ୍ମିକ 'ଘୂର୍ଣ୍ଣି'ରେ ଲିଭିଯାଇଛି ଦୁଇଟି ଅମୂଲ୍ୟ ଜୀବନ,ଆଉ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଡାକ୍ତରଖାନାରେ । ସେପଟେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ କାଳବୈଶାଖୀ ପ୍ରଭାବରେ ହୋଇଛି ପ୍ରଚଣ୍ଡ କୁଆପଥର ବର୍ଷା । ଚୈତ୍ର ମାସର ତାତି ଭିତରେ ଜି.ଉଦୟଗିରିର କଳିଙ୍ଗା ଅଞ୍ଚଳର ରାସ୍ତାଘାଟରେ ପରସ୍ତପରସ୍ତ ବରଫର ବହଳ ସୃଷ୍ଟି କରିଛି କଶ୍ମୀରର ଭ୍ରମ । କଳାହାଣ୍ଡିଆ ମେଘକୁ ଫଟାଇ ହୋଇଥିବା କୁଆପଥର ବର୍ଷାରେ ଛିନ୍‌ଛତର୍ ହୋଇଯାଇଛି ଆମ୍ବ, ଲିଚୁ ଓ ଅନ୍ୟାନ୍ୟ ଫଳନ୍ତି ଗଛ ।

### କରଞ୍ଜିଆରେ କାଳବୈଶାଖୀ

# ୨ ଗାଁ ଛାରଖାର୍; ୨ ମୃତ

- ୭୦ ଘର ଛପର ଉଡ଼ିଲା, ବିଦ୍ୟୁତ୍ ଖୁଣ୍ଟ ଉପାଡ଼ିଲା
- ରାଜପଥରୁ ଉଡ଼ାଇନେଇ ପୋଖରୀରେ ଫିଙ୍ଗିଦେଲା ବାଇକ୍, ଅଟୋ
- ୮ ଗୁରୁତରଙ୍କୁ କେନ୍ଦୁଝର ସ୍ଥାନାନ୍ତର
- ଉଦ୍ଧାର କାର୍ଯ୍ୟ ଜାରି



ବାରିପଦା/କରଞ୍ଜିଆ, ୧୫।୩ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ରେ ଆଜି କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ବ୍ଲକ୍ ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଥିବା କଙ୍କଡ଼ା ଓ କିଆପାଣିପୋଷି ଗ୍ରାମ ଛାରଖାର ହୋଇଯାଇଛି । ୭୦ରୁ ଊର୍ଦ୍ଧ୍ୱ ଘରର ଛପର ଉଡ଼ି ଯାଇଥିବା ବେଳେ ପକ୍କାଘରଗୁଡ଼ିକର ଝରକା କାଚ ଭାଙ୍ଗିଯାଇଛି । ସେହିପରି, ରାଜପଥରେ ଯାଉଥିବା ଏକ ଅଟୋକୁ ପବନ ଉଡ଼ାଇ ନେଇ ପାଖରେ ଥିବା ଏକ ପୋଖରୀରେ ଫିଙ୍ଗିଦେବାରୁ ଚାଳକ ସମେତ ୨ ଜଣଙ୍କ ଜୀବନ ଯାଇଛି । ମୃତକଦ୍ୱୟ ହେଲେ, ଅଟୋ ଚାଳକ ହଳଦୀପଟାର ପୁଲିସ ନାଏକ(୪୫) ଓ ସେଥିରେ ବସିଥିବା ତାଟୋ ଅଞ୍ଚଳର ମହିଳା ମାଳତୀ ମହାନ୍ତ(୫୫) । ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ପ୍ରକୃତିର ଏହି ରୌଦ୍ରରୂପ ଦେଖିବାକୁ ମିଳିଛି । ଏଥିରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬ରୁ ଊର୍ଦ୍ଧ୍ୱ ଗୁରୁତରଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ଭୀଷଣ ପବନରେ ବହୁ ସଂଖ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଶେଷ ଖବର ଲେଖା ହେବା ବେଳକୁ ଅଗ୍ନିଶମ ବାହିନୀ ଓ ପ୍ରଶାସନ ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି ।

ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୪ଟା ବେଳେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଜୋର୍‌ରେ ପବନ ବହିଥିଲା । ଚାହୁଁଚାହୁଁ ଆକାଶ ଉଚ୍ଚର ଘୂର୍ଣ୍ଣିଝଡ଼ ପୂରା ଅଞ୍ଚଳକୁ ଆଚ୍ଛାଦିତ କରି ଦେଇଥିଲା । କେହି କିଛି ବୁଝିବା ପୂର୍ବରୁ ଆକାଶରୁ ଖଣ୍ଡଖଣ୍ଡ କୁଆପଥର ଗଳିଥିଲା । ଏହି ଘୂର୍ଣ୍ଣିଝଡ଼ ଏତେ ଶକ୍ତିଶାଳୀ ଥିଲା ଯେ ବଡ଼ବଡ଼ ଗଛଗୁଡ଼ିକୁ ରାସ୍ତାରେ ଶୁଆଇ ପକାଇଥିଲା । ଗାଁରେ ଥିବା ଖପର ଘର, ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଧରାଶାୟୀ ହୋଇଯାଇଥିଲା । ଗାଁରେ ଥିବା ପକ୍କାଘରଗୁଡ଼ିକର କବାଟ ଝରକାରେ ଲାଗିଥିବା କାଚଗୁଡ଼ିକ ଗୁଣ୍ଡ ହୋଇ ତଳେ ଖସି ପଡ଼ିଥିଲା । ଏହି ସମୟରେ ଜାତୀୟ ରାଜପଥ ୪୯ ଦେଇ ଯାଉଥିବା ଗାଡ଼ିଗୁଡ଼ିକ ଅଟକି ଯାଇଥିଲେ ହେଁ ଗୋଟିଏ ଅଟୋ ଓ ୨ରୁ ୩ଟି ବାଇକ୍ ଘୂର୍ଣ୍ଣିଝଡ଼ର ଠିକ୍ କେନ୍ଦ୍ରରେ ପଡ଼ି ଯାଇଥିଲା । ଭୀଷଣ ପବନ ଅଟୋଟିକୁ ଉଡ଼ାଇ ନେଇ ରାସ୍ତାକଡ଼ରେ ଥିବା ଏକ ପୋଖରୀରେ ଫିଙ୍ଗି ଦେଇଥିଲା । ଏଥିରେ ଅଟୋ ଚାଳକଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଥିଲା ।

ସେହିପରି ବାଇକ୍‌ଆରୋହୀମାନେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ଅଗ୍ନିଶମ ବାହିନୀ ସଂଧ୍ୟା ସୁଦ୍ଧା ୨୦ରୁ ଊର୍ଦ୍ଧ୍ୱ ଆହତଙ୍କୁ ଉଦ୍ଧାର କରିଛି । ସେମାନଙ୍କ ମଧ୍ୟରୁ ପାଖାପାଖି ୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

### କଳିଙ୍ଗାରେ କଶ୍ମୀରର ଭ୍ରମ

# କୁଆପଥରରେ ଢାଙ୍କିଗଲା ରାସ୍ତା



ଜି.ଉଦୟଗିରି, ୧୫।୩ (ସମିସ): କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ଅଞ୍ଚଳରେ ଆଜି କୁଆପଥର (କରକା) ମାଡ଼ ହୋଇଛି । ଘଡ଼ଘଡ଼ି ସହ ପ୍ରବଳ କୁଆପଥର ବର୍ଷା ହେବାରୁ ପୂରା ଅଞ୍ଚଳରେ କାଶ୍ମୀରର ଭ୍ରମ ସୃଷ୍ଟି ହୋଇଛି । ରାସ୍ତାଘାଟଠାରୁ ଆରମ୍ଭ କରି କ୍ଷେତରେ ପାଦେ ଉଚ୍ଚର କୁଆପଥର ଜମା ହୋଇଯିବା ସହ ପୂରା ପରିବେଶ ଥଣ୍ଡା ପଡ଼ି ଯାଇଛି । ବିଶେଷକରି କଳିଙ୍ଗାରେ କୁଆପଥର ବର୍ଷା ରେକର୍ଡ କରିଛି ।

ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ କଳିଙ୍ଗାରେ କଳାହାଣ୍ଡିଆ ମେଘ ମାଡ଼ି ଆସି ବର୍ଷିବା ସହ ପବନ ଓ ପ୍ରବଳ କୁଆପଥର ପଡ଼ିଥିଲା । ପାଖାପାଖି ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କୁଆପଥର ବର୍ଷା ହେବା ଫଳରେ ଆମ୍ବ, ଲିଚୁ, ବଉଳ ଝଡ଼ିବା ସହ ଅନେକ ଗଛର ଡାଳ ଭାଙ୍ଗି ପଡ଼ିଥିଲା । ଏଥିଯୋଗୁଁ ଅପରାହ୍ଣ ୩ଟାରୁ ପୂରା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବା ସହ ବିଏସ୍‌ଏନ୍‌ଏଲ୍ ନେଟୱାର୍କ ସେବା ବାଧାପ୍ରାପ୍ତ ହୋଇଛି । ଅଞ୍ଚଳର ବୟସ୍କ ଲୋକମାନେ ଆଗରୁ ଏମିତି କୁଆପଥର ବର୍ଷା କେବେ ଦେଖି ନଥିବା କହିଛନ୍ତି । କିଛି ସମୟ ପାଇଁ ବରଫର ଚାଦରରେ ପୂରା ରାସ୍ତାଘାଟ ଢାଙ୍କି ହୋଇଯାଇଥିବା ବେଳେ ପିଲାମାନେ ବରଫରେ ବଲ୍ ତିଆରି କରି ଖେଳର ମଜା ନେଇଥିଲେ ।

### ସନ୍ଦେହ ଉଜାଡ଼ିଲା ସଂସାର

# ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

ବାଲେଶ୍ୱର/ବାହାନଗା, ୧୫।୩(ସମିସ): 'ସନ୍ଦେହ' ପୁଣି ଏକ ହସଖୁସିର ସଂସାର ଉଜାଡ଼ି ଦେଇଛି । ସ୍ତ୍ରୀକୁ ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀ ଗଛରେ ଫାଶୀ ଦେଇ ଆତ୍ମହତ୍ୟା କରିଛି । ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ବରିପଦା ପଞ୍ଚାୟତ ମହାରୁଦ୍ରପୁର



ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି । ମୃତ ଦମ୍ପତି ହେଲେ, ଗାଁର ପରେଶ ମାଝୀ (୨୮) ଓ ତାଙ୍କ ପତ୍ନୀ ରଶ୍ମିରେଖା ମାଝୀ (୨୨) । ଦୁହିଁଙ୍କ ମୃତ୍ୟୁ ପରେ ସେମାନଙ୍କ ୨ବର୍ଷର ଶିଶୁକନ୍ୟା ଏବେ ବାପା-ମା' ଛେଉଣ୍ଡ ହୋଇଯାଇଛି ।

ମହାରୁଦ୍ରପୁର ଗ୍ରାମର ଦିବାକର ମାଝୀଙ୍କ ପୁଅ ପରେଶ ୪ ବର୍ଷ ତଳେ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ନୂଆଗାଁର ଗୟାଧର ପରିଡ଼ାଙ୍କ ଝିଅ ରଶ୍ମିରେଖାଙ୍କୁ ପ୍ରେମ ବିବାହ କରିଥିଲେ । ସେମାନଙ୍କର ୨ ବର୍ଷର ଏକ କନ୍ୟା ସନ୍ତାନ ମଧ୍ୟ ଅଛି । ଗତ କିଛି ଦିନ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା । ରଶ୍ମିଙ୍କ ଚରିତ୍ର ଉପରେ ସନ୍ଦେହ କରି ପରେଶ ବିଭିନ୍ନ ସମୟରେ ମଦ ପିଇ ଘରକୁ ଫେରିବା ସହ ରଶ୍ମିଙ୍କୁ ମାରପିଟ୍ କରୁଥିଲେ । ଏହାକୁ ନେଇ ପୂର୍ବରୁ ଅନେକଥର ଗ୍ରାମର ଭଦ୍ରଲୋକଙ୍କ ଦ୍ୱାରା ସମାଧାନ କରାଯାଇଥିଲା । ଗତ ଶନିବାର ରାତିରେ ସମାନ ଘଟଣାକୁ ନେଇ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହାପରେ ମଦ ନିଶାରେ ପରେଶ ଉତ୍ତ୍ୟକ୍ତ ହୋଇ ରଶ୍ମିରେଖାଙ୍କୁ ହତ୍ୟା କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ଭୟଭୀତ ହୋଇ ପରେଶ ଘର ପଛପଟେ ଥିବା ଏକ

### ୨ବର୍ଷର ଶିଶୁକନ୍ୟା ବାପା-ମା' ଛେଉଣ୍ଡ

ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିଲେ ।

ପରେଶଙ୍କ ବାପା ଦିବାକର ରାତିରେ ସମୁଦ୍ରରୁ ମାଛ ମାରି ଫେରିବା ପରେ ଛୋଟ ଝିଅଟିର କାନ୍ଦ ଶୁଣି ପୁଅ ଘର ଭିତରକୁ ଯାଇଥିଲେ । ସେଠାରେ ବୋହୂ ରଶ୍ମିରେଖା ତଳେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ପରେ ପୁଅକୁ ଖୋଜାଖୋଜି କରିବା ସମୟରେ ଘର ପଛପଟ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଗୋପାଳପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ରଶ୍ମିରେଖାଙ୍କ ବାପା ଗୟାଧର ପରିଡ଼ାଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ସେପଟେ ଉଭୟ ବାପା ଏବଂ ମାଆଙ୍କ ମୃତ୍ୟୁପରେ ୨ ବର୍ଷର ଝିଅ ବେସାହାରା ହୋଇଯାଇଛି ।

# ଗଛକୁ ଧକ୍କା ଦେଇ ଓଲଟିଲା କାର୍; ମା'-ପୁଅ ମୃତ

ବୁଗୁଡ଼ା, ୧୫।୩ (ସମିସ): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡ଼ା ଗ୍ରାମ ନିକଟରେ ଏକ ଦୁଃଖଦ ଘଟଣା ଘଟିଛି । ଏକ କାର୍ ଦୁର୍ଘଟଣାରେ ମା'-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା-ଝିଅ



ଆହତ ହୋଇଛନ୍ତି । ମୃତକଦ୍ୱୟ ହେଲେ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ଛାମୁସାହିର କୁନମୁନ ଚୌଧୁରୀ (୩୪) ଓ ତାଙ୍କ ପୁଅ ଦେବାଶିଷ ଚୌଧୁରୀ(୯) । କୁନମୁନଙ୍କ ସ୍ୱାମୀ ଦେବପ୍ରସାଦ ଚୌଧୁରୀ ଓ ଦେଢ଼ବର୍ଷର ଝିଅ ଦିବ୍ୟାଂଶୀ ଆହତ ହୋଇଛନ୍ତି । ବୁଗୁଡ଼ା ଥାନା ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୧୧୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି ।

ଦେବପ୍ରସାଦ ଜଣେ ସିମେଣ୍ଟ ବ୍ୟବସାୟୀ । ଆଜି ସେ ସପରିବାରେ ବ୍ରହ୍ମପୁରରୁ ଏକ କାର୍‌ରେ ଫେରୁଥିଲେ । ଅପରାହ୍ଣ ପ୍ରାୟ ୧ଟାରେ ତାକରଡ଼ା ଗ୍ରାମ ପୂର୍ବରୁ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇ ବିଲ ଭିତରକୁ ଓଲଟି ପଡ଼ିଥିଲା । ଘଟଣାସ୍ଥଳରେ କୁନମୁନଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଦେବାଶିଷ ଗୁରୁତର ଆହତ ହୋଇଥିଲେ । ଦେବପ୍ରସାଦ ଓ ଝିଅ ଦିବ୍ୟାଂଶୀ ସାମାନ୍ୟ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର କୁନମୁନଙ୍କୁ ମୃତ ଘୋଷଣା କରିଥିବା ବେଳେ ଦେବାଶିଷଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ବାଟରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧା ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ଦେବାଶିଷଙ୍କୁ ମୃତ ଘୋଷଣା କରିଥିଲେ । ଚାଳକଙ୍କ ଆଖି ଲାଗିଯିବାରୁ କାର୍‌ଟି ଗଛରେ ପିଟି ହୋଇଯାଇଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ମୃତଦେହ ଜବତ କରି ତଦନ୍ତ ଚଳାଇଛି ।

# ବନ୍ଦ ଦୋକାନ ଭିତରେ ଜିଅନ୍ତା ଜଳିଗଲେ ବାପ-ପୁଅ

ଖୋର୍ଦ୍ଧା/ବେଗୁନିଆ, ୧୫।୩(ସମିସ): ବନ୍ଦ ଦୋକାନ ଭିତରେ ଜୀବନ୍ତ ଜଳିଗଲେ ବାପ-ପୁଅ । ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ତଥା ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗାଁରେ ଏହି ଅଘଟଣ ଘଟିଛି । ମୃତକଦ୍ୱୟ ହେଲେ, ରାଜେଶ କୁମାର ସାହୁ (୫୬) ଓ ତାଙ୍କ ଦିବ୍ୟାଙ୍ଗ ପୁଅ ଲକ୍ଷ୍ମୀଧର ସାହୁ(୨୪) । ଆଜି ସକାଳୁ ଏହି ଖବର ପ୍ରଘଟ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ସାନପଦର-ଦେଉଳି ରାସ୍ତାର ବିନ୍ଧ୍ୟଗିରି ପାହାଡ଼କୁ ଯିବା ରାସ୍ତାକଡ଼ରେ ତେଜରାତି ଓ ଚା'-ବିସ୍କୁଟ୍ ଦୋକାନ କରିଥିଲେ ରାଜେଶ । ପୁଅ ଲକ୍ଷ୍ମୀଧର ତାଙ୍କୁ ଏଥିରେ ସହଯୋଗ କରୁଥିଲେ । ପ୍ରତିଦିନ ଭଳି ସେ ଗତକାଲି ରାତିରେ ଖାଇ ସାରିବା ପରେ ଆସି ପୁଅ ସହ ଦୋକାନ ଭିତରେ ଶୋଇଥିଲେ । ପ୍ରତିଦିନ ଭୋର୍ ୫ଟାରୁ ଦୋକାନ ଖୋଲନ୍ତି, କିନ୍ତୁ ଆଜି ସକାଳୁ ଦୋକାନ ଖୋଲି ନଥିଲା । ଭିତରୁ କବାଟ ବନ୍ଦ ଥିଲା । ପରିବାରଲୋକେ ଏହା ଜାଣିବା ପରେ ସେମାନଙ୍କ ମନକୁ ପାପ ଛୁଇଁଥିଲା । କିଛି ଅଘଟଣ ଘଟିଥିବା ସନ୍ଦେହ କରି ସେମାନେ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଦେଖିଲା ବେଳକୁ ରାଜେଶ ଓ ପୁଅ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଯାଇଥିଲା । ସେମାନଙ୍କ ଶବ ବି ଅଧା ପୋଡ଼ି ଯାଇଥିଲା । ଖବର ପାଇ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ, ବେଗୁନିଆ ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି । ପରେ ପୁଲିସ ଦୋକାନ ଘର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରି



ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି । ଦୁଇଜଣଯାକ କିପରି ପୋଡ଼ିଗଲେ, ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ୍ ସର୍ଟ୍‌ସର୍କିଟ୍ ଯୋଗୁଁ ଘଟିଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛି । ଅପରପକ୍ଷେ, ଏହି ଘଟଣାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ବିଧାୟକ ପ୍ରଦୀପ କୁମାର ସାହୁ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ଅଲିଭ୍‌ରିଡ୍‌ଲେ ଶବକୁ ଝୁଣି ଖାଇଲା କୁକୁର

ଛତ୍ରପୁର, ୧୫।୩ (ସମିସ): ଅଲିଭ-ରିଡ୍‌ଲେ ଶବ ଝୁଣି ଖାଉଛି କୁକୁର । ଗଞ୍ଜାମ ଜିଲ୍ଲା ହରିପୁର ସମୁଦ୍ର ବେଳାଭୂମିରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି । ଆଜି ଭୋର୍‌ରେ ସମୁଦ୍ର ବେଳାଭୂମିରେ ବହୁ ସଂଖ୍ୟାରେ ବିରଳ ଅଲିଭ୍-ରିଡ୍‌ଲେଙ୍କ ଶବ ପଡ଼ିଥିବା ବେଳେ କିଛି କୁକୁର ତାକୁ ଝୁଣି ଖାଉଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ । ଏହି ଦୃଶ୍ୟ ବନ୍ୟପ୍ରାଣୀପ୍ରେମୀଙ୍କୁ ଆଘାତ ଦେଇଛି । ଅପରପକ୍ଷେ, ଏହି ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବର୍ତ୍ତମାନ ଅଲିଭରିଡ୍‌ଲେଙ୍କ ଗଣ-ଅଣ୍ଡାଦାନ ପ୍ରକ୍ରିୟା ଚାଲିଛି । ଏଥିପାଇଁ ପ୍ରତିବର୍ଷ ନଭେମ୍ବର ୧ରୁ ମେ' ୩୧ପର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗୀ ପର୍ଯ୍ୟନ୍ତ 'ନୋ ଫିସିଂ ଜୋନ୍' ଘୋଷଣା କରାଯାଇଥାଏ । କିନ୍ତୁ, ଏହା ସତ୍ତ୍ୱେ କିଭଳି ଏତେ ସଂଖ୍ୟକ କଇଁଛ ମରୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୁଦ୍ର ମଧ୍ୟରେ ବେଆଇନ ଭାବେ ଚାଲୁଥିବା ମାଛଧରା ଟ୍ରଲର୍ ଜାଲରେ ଛନ୍ଦି ହୋଇ ଅଧିକାଂଶ କଇଁଛଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି । ବନ ବିଭାଗ ଏବଂ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ପାଟ୍ରୋଲିଂ ସତ୍ତ୍ୱେ କିଭଳି ଏପରି ଘଟଣା ଘଟୁଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-257 ◆MONDAY ◆16 MARCH 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୫୭ ◆ସୋମବାର ◆୧୬ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସାପ ଚୋଟ ଖାଇ ସାପ ଧରାଳିଙ୍କ ଆତ୍ମହତ୍ୟା ଉଦ୍ୟମ

■ ଜୟପୁର, ୧୫ ।୩ (ସମିସ): ସାପ ଚୋଟ ଖାଇ ସାପଧରାଳିଙ୍କ ଆତ୍ମହତ୍ୟା ଉଦ୍ୟମ। କୋରାପୁଟ ଜିଲ୍ଲା ସୁନାବେଡ଼ା ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ଏବେ ସେ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗତ ରାତିରେ ସୁନାବେଡ଼ା ପିଏଚ୍‌ଡି କଲୋନୀ ଅଞ୍ଚଳର ୪୦ବର୍ଷୀୟା ଏହି ବ୍ୟକ୍ତି ଘରୋଇ ଗଣ୍ଡଗୋଳକୁ ନେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଜଣେ ସାପ ଧରାଳି ହୋଇଥିବାରୁ ଜାଣିଜାରି ଏକ ବିଷଧର ସାପ ଚୋଟ ଖାଇଥିଲେ। ସାପର ବିଷ ତାଙ୍କ ଶରୀରରେ ପ୍ରବେଶ କରିବା ପରେ ସେ ଗୁରୁତର ହୋଇଯାଇଥିଲେ। ଏହି ଘଟଣା ଦେଖିବା ପରେ ସ୍ଥାନୀୟ ଲୋକେ ନବୀନଙ୍କୁ କୋରାପୁଟ ମେଡିକାଲ କଲେଜକୁ ନେଇଥିଲେ। ସେଠାରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ଆଜି ଭୋର୍‌ରୁ ତାଙ୍କୁ ଜୟପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।



# ଇରାକ, ଇସ୍ରାଏଲରେ ଇରାନର ପ୍ରଚଣ୍ଡ ଆକ୍ରମଣ

■ ବାଗଦାଦସ୍ଥିତ ଦୂତାବାସ ବନ୍ଦ କଲା ଆମେରିକା
■ ପ୍ରଥମଥର ପାଇଁ ଡ୍ୟାନ୍ସିଂ ମିସାଇଲ୍ ଛାଡ଼ିଲା ଇରାନ

■ ତେହରାନ/ଦୁବାଇ, ୧୫ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆଜି ତୃତୀୟ ସପ୍ତାହରେ ପ୍ରବେଶ କରିଥିବା ବେଳେ ପରିସ୍ଥିତି ଶାନ୍ତ ପଡ଼ିବା ପରିବର୍ତ୍ତେ ଭୟଙ୍କର ହେବାକୁ ଲାଗିଛି। ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣ ଜାରି ରହିଥିବା ବେଳେ ଏହାକୁ ଖାତିର ନକରି ଇରାନ କଡ଼ା ଜବାବ ଦେବାରେ ଲାଗିଛି। ଇସ୍ରାଏଲ ସମେତ ଇରାକ, କୁଏତ, ୟୁଏଇ ଭଳି ପଡ଼ୋଶୀ ଦେଶ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼କୁ ଜୋରଦାର କରିଛି ଇରାନ। ଇରାନ ଶତାଧିକ କ୍ଷେପଣାସ୍ତ୍ର ମାଡ଼ କରି ଇସ୍ରାଏଲର ଅନେକ ସହରକୁ ଧ୍ୱଂସସ୍ତୂପରେ ପରିଣତ କରିଥିବା ବେଳେ ଉପସାଗୀୟ ଦେଶମାନଙ୍କରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ଛାରଖାର କରିଦେଇଛି। ଆଜି ଇରାକ ରାଜଧାନୀ ବାବଗଦାଦରେ ଥିବା ଆମେରିକାର ଦୂତାବାସ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ କ୍ଷତିଗ୍ରସ୍ତ କରିଦେଇଛି। ଦୂତାବାସ ପରିସରରେ ଥିବା ଏୟାର ଡିଫେନ୍ସ ସିଷ୍ଟମ ଧ୍ୱଂସ ହୋଇଯାଇଥିବା ଇରାକୀ ସେନା ପକ୍ଷରୁ କୁହାଯାଇଛି। ଏହି ଆକ୍ରମଣ ପରେ ଦୂତାବାସକୁ ବର୍ତ୍ତମାନ ପାଇଁ ବନ୍ଦ କରିବାକୁ ଘୋଷଣା କରିଛି ଆମେରିକା। ଏହାସହିତ ଇରାକରେ ଥିବା ସମସ୍ତ ଆମେରିକୀୟ ନାଗରିକଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ଲାଗି ନିର୍ଦ୍ଦେଶ ଦେଇଛି ଆମେରିକା। ଏପୂର୍ବରୁ ଇସ୍ରାଏଲରେ ଥିବା ଆମେରିକୀୟ ନାଗରିକମାନଙ୍କୁ ମଧ୍ୟ ସାମନ ନିର୍ଦ୍ଦେଶ ଦିଆଯାଇଥିଲା।

ଇରାନ ଆକ୍ରମଣରେ ଦୁବାଇରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିବାର ଖବର ମିଳିଥିବା ବେଳେ ସାଉଦି ଆରବ ଏବଂ ଓମାନ ଉପରେ ମଧ୍ୟ ଆକ୍ରମଣ କରିଛି। ସାମରିକ ପ୍ରତିଷ୍ଠାନ ତୈଳ ଭଣ୍ଡାରକୁ ମଧ୍ୟ ଟାର୍ଗେଟ କରୁଛି ଇରାନ। ଇରାନ ପକ୍ଷରୁ କୁହାଯାଇଛି ଯେ ଏହାର ତୈଳ ପ୍ରତିଷ୍ଠାନକୁ ଆକ୍ରମଣ କରି ଆମେରିକା ଓ ଇସ୍ରାଏଲ ଯେଉଁ କ୍ଷତି କରିଛନ୍ତି ତାହାର ପ୍ରତିଶୋଧ ନିଆଯିବ। ଇରାନ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ମାଲ ପରିବହନ ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ହରମୁଜ ସାମୁଦ୍ରିକ ପଥକୁ ସମସ୍ତ ଦେଶ ପାଇଁ ଖୋଲା ରଖାଯାଇଛି। ତେବେ ଇସ୍ରାଏଲ, ଆମେରିକା କିମ୍ବା ଏହାର ସହଯୋଗୀ ରାଷ୍ଟ୍ରଙ୍କୁ ତେଲ ପରିବହନ ପାଇଁ ଅନୁମତି ଦିଆଯିବ ନାହିଁ।

ଇତିମଧ୍ୟରେ ଇରାନ ଆଜି ପ୍ରଥମଥର ପାଇଁ ଇସ୍ରାଏଲ ଉପରେ ଡ୍ୟାନ୍ସିଂ ମିସାଇଲ ମାଡ଼ କରିଛି। ଅତ୍ୟାଧୁନିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ସେଜିଲ-୨କୁ ହିଁ ଡ୍ୟାନ୍ସିଂ ମିସାଇଲ କୁହାଯାଏ। ଏହି କ୍ଷେପଣାସ୍ତ୍ର ଅତ୍ୟଧିକ ଉଚ୍ଚତାରେ ନିଜର ଦିଗ ପରିବର୍ତ୍ତନ କରିବାର କ୍ଷମତା ରଖିଛି। ଏହି ବିଶେଷ ଗୁଣ ଯୋଗୁଁ ଏହା ଇସ୍ରାଏଲର ଆଇରନ ଡୋମ୍ ପରି ମିସାଇଲ ପ୍ରତିରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେଇପାରେ, ତେଣୁ ଏହାକୁ ଡ୍ୟାନ୍ସିଂ ମିସାଇଲ ଭାବେ ▶ପୃଷ୍ଠା-୭

# ଘୋଡ଼ା ବେପାର
# ବଦଳାଇବ ସମୀକରଣ !

## ୨୦୨୯ ନିର୍ବାଚନକୁ ପ୍ରଭାବିତ କରିବ ରାଜ୍ୟସଭା ଫଳ

■ ଭୁବନେଶ୍ୱର,୧୫।୩(ସମିସ): ଅନେକ ବର୍ଷ ପରେ ଓଡ଼ିଶାରେ ଘୋଡ଼ା ହେବାକୁ ମନ କରିଛନ୍ତି କିଛି ନିର୍ବାଚିତ ପ୍ରତିନିଧି । ଟିକଟ ଦେଇଥିବା ନିଜ ଦଳର ଆସ୍ଥା, ରାତିରାତି ଅନିଦ୍ରା ରହି ପ୍ରଚାର କରିଥିବା କର୍ମୀ, ନିର୍ବାଚିତ କରିଥିବା ଲକ୍ଷଲକ୍ଷ ଭୋଟରଙ୍କ ବିଶ୍ୱାସ ଓ ନିଜର ଆତ୍ମ ସମ୍ମାନକୁ ବଳି ଦେଇ ଏହି କତିପୟ ନେତାମାନେ ନିଜକୁ ବିକ୍ରି ପାଇଁ ନିଷ୍ପତ୍ତି ନେଇଛନ୍ତି। ହୁଏତ ଦଳୀୟ ନିର୍ଦ୍ଦେଶ ବିରୋଧରେ ସେମାନେ ଭୋଟ ଦେଇପାରନ୍ତି ବା ପ୍ରତିପକ୍ଷକୁ ସୁହାଇବା ପରି ଅନୁପସ୍ଥିତ ବା ଭୋଟ୍ ନାକଚ କରିବା ପରି କାର୍ଯ୍ୟ କରିପାରନ୍ତି। ଏଥିପାଇଁ 'ବିବେକର ଡାକ', 'ବ୍ୟକ୍ତିଗତ କାରଣ', 'ଦଳୀୟ ନିଷ୍ପତ୍ତିରେ ଅସହମତି' ପରି ହୁଏ ଅନେକ ବାହାନା ବି କରିପାରନ୍ତି; ମାତ୍ର 'ଘୋଡ଼ା' ଆସନ୍ତାକାଲି ଧରା ପଡ଼ିବା ଆପାତତଃ ନିଶ୍ଚିତ। 'ଘୋଡ଼ା' ହେବା ପାଇଁ ନିଆଯାଉଥିବା କେଇ କୋଟି କୋଟି ଟଙ୍କା ହୁଏତ ସମ୍ପୃକ୍ତ ନେତାମାନଙ୍କୁ ସାମୟିକ ଲାଭାନ୍ୱିତ କରିପାରେ; ମାତ୍ର ଏହା ଯେ ରାଜନୈତିକ ଜୀବନକୁ ଶେଷ କରିଦେଇ ପାରେ ଏ କଥା ବୋଧହୁଏ ସେମାନେ କଳ୍ପନା କରି ନ ଥିବେ। ତେବେ ଆସନ୍ତାକାଲି

### ଶେଷ ହୋଇ ଯାଇପାରେ 'ଘୋଡ଼ା'ମାନଙ୍କ ଭାଗ୍ୟ

ରାଜ୍ୟସଭା ନିର୍ବାଚନର ପରିଣାମ ଆଗାମୀ ଦିନରେ ଓଡ଼ିଶାର ରାଜନୈତିକ ସମୀକରଣ ପରିବର୍ତ୍ତନ ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରିବ; ଏ କଥାକୁ କେହି ଅସ୍ୱୀକାର କରିବେ ନାହିଁ।

ଅତୀତରେ ଓଡ଼ିଶାରେ ଘୋଡ଼ା କିଣାବିକା ହୋଇଛି, ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ହୋଇଛି; ମାତ୍ର ସେତେବେଳ ଓ ବର୍ତ୍ତମାନର ସମୟ ମଧ୍ୟରେ ଅନେକ ପାର୍ଥକ୍ୟ। ସାମାଜିକ ଗଣମାଧ୍ୟମର ଯୁଗରେ ଗାଁ ଗହଳିର ସାଧାରଣ ଲୋକ ବି ସେମାନଙ୍କ ନେତାମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଟିକିନିଖି ଖବର ରଖୁଛନ୍ତି। ଏକକାଳୀନ କେଇ କୋଟି ଟଙ୍କା ହୁଏତ କୌଣସି ନେତାଙ୍କ ବ୍ୟକ୍ତିଗତ ଜୀବନକୁ ଅନେକ ପରିମାଣରେ ସୁଧାରି ଦେଇପାରେ, ମାତ୍ର ଟିକଟ ଦେଇଥିବା ଦଳ ବିରୋଧରେ ଯାଇ ସେ ଯେଉଁ ପ୍ରତିପକ୍ଷ ପ୍ରାର୍ଥୀଙ୍କୁ ଭୋଟ ଦେବେ, ସେହି ଦଳ ତାଙ୍କୁ ଆଗାମୀ ନିର୍ବାଚନରେ ତାଙ୍କୁ ନିଜ ଦଳରୁ ଟିକଟ ଦେବ କି ବୋଲି ସେମାନେ ନିଶ୍ଚିତ କି? ଦଳ ପ୍ରତି ବିଶ୍ୱାସଘାତକତା ବଦଳରେ ସେ ସିନା ଅନୁକମ୍ପା ରାଶି ପାଇବେ; ତାଙ୍କ ପାଇଁ ନିର୍ବାଚନମଣ୍ଡଳୀରେ ଲଢ଼ିଥିବା କର୍ମୀ, ଭୋଟ ଦେଇଥିବା ସାଧାରଣ ଲୋକଟି କ'ଣ ପାଇବ? 'ଦାଗୀ' ଦାଗ ନେଇ ସେ ନିଜ ଅଞ୍ଚଳର ଲୋକଙ୍କୁ ମୁହଁ ଦେଖାଇ ପାରିବେ ତ?

ଅତୀତରେ ବିଭିନ୍ନ ଦଳର ଅନେକ ନେତା ନିଜ ଦଳ ବିରୋଧରେ ଅନ୍ତର୍ଘାତୀ କାର୍ଯ୍ୟ କରିଥିବାର ଦୃଷ୍ଟାନ୍ତ ରହିଛି । ନିଜକୁ ଯୋଗ୍ୟ ଓ ଜ୍ଞାନୀ ବୋଲି ମନେ କରୁଥିବା ଏହି ନେତାମାନଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀର ଲୋକମାନେ ଠିକ୍ ସମୟରେ ଠିକଣା ଶାସ୍ତି ଦେଇଛନ୍ତି; ସେମାନଙ୍କ ମଧ୍ୟରୁ ଅନେକ ନେତା ପୁନର୍ବାର ସଂସଦ ବା ବିଧାନସଭାକୁ ଫେରି ପାରିନାହାନ୍ତି ।

ଦୀର୍ଘ ୨୪ ବର୍ଷ ଧରି ନିଜର ମୁଖ୍ୟମନ୍ତ୍ରିତ୍ୱ ସମୟରେ ନବୀନ ପଟ୍ଟନାୟକ ସର୍ବଦା ରାଜନୈତିକ ସାଧୁତା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ପ୍ରତିପକ୍ଷ ରାଜନୈତିକ ଦଳ ବା ତାଙ୍କର ରାଜନୈତିକ ▶ପୃଷ୍ଠା-୭

## ବିଜେଡି ବୈଠକରେ ଦୁଇ ବିଧାୟକ ଅନୁପସ୍ଥିତ
# ନବ, ଚକ୍ରମଣିଙ୍କୁ କାରଣଦର୍ଶାଅ ନୋଟିସ

■ ଭୁବନେଶ୍ୱର,୧୫।୩(ସମିସ): ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଓ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ବିଜେଡି। ରାଜ୍ୟସଭା ନିର୍ବାଚନ ନେଇ ଗତ ୩ ଦିନ ଧରି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ବୈଠକ ଅନୁଷ୍ଠିତ ହେଉଛି। ମାତ୍ର ଦଳର ଏହି ଦୁଇ ବିଧାୟକ କ୍ରମାଗତ ୩ ଦିନ ଧରି ବୈଠକରେ ଅନୁପସ୍ଥିତ ଅଛନ୍ତି। ତେଣୁ ବିଧାନସଭାରେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଧାୟକଦ୍ୱୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ରବିବାର ରାତି ୯ଟା ସୁଦ୍ଧା ନବୀନ ନିବାସରେ ହାଜର ହେବାକୁ ବିଧାୟକଦ୍ୱୟଙ୍କୁ କୁହାଯାଇଥିଲେ ବି ସେମାନେ ଅନୁପସ୍ଥିତ ଥିବା ସୂଚନା ମିଳିଛି ଅପରପକ୍ଷେ ବିଧାୟକଦ୍ୱୟ ବୈଠକରେ ଅନୁପସ୍ଥିତ ରହିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ଦଳର ଅନ୍ୟତମ ବିଧାୟକ ଡ. ଅରୁଣ କୁମାର ସାହୁ। ଦଳର ଦୁଇଜଣ ବିଧାୟକଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ନିଜ ବାସଭବନରେ ▶ପୃଷ୍ଠା-୭

### ସନାତନ, ଅରବିନ୍ଦଙ୍କୁ ବିଜେଡିର ଚିଠି
## ହ୍ୱିପ୍ ମାନିଲେ ନିଲମ୍ବନର ପୁନର୍ବିଚାର

ହ୍ୱିପ୍‌ର ଅନୁପାଳନ ନ କଲେ ଯାଇପାରେ ସଭ୍ୟ ପଦ

■ ଭୁବନେଶ୍ୱର,୧୫।୩(ସମିସ): ବିଜେଡିରୁ ନିଲମ୍ବିତ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାକୁଡ଼ଙ୍କୁ ରବିବାର ରାତିରେ ଚିଠି ଲେଖିଛି ବିଜେଡି। ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପର ଅନୁପାଳନ କରି ଭୋଟ ଦେବାକୁ ବିଧାନସଭାରେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଉଭୟଙ୍କୁ ଚିଠି ଲେଖିଛନ୍ତି।

ନୋଟିସରେ କୁହାଯାଇଛି ଯେ ଉଭୟ ବିଧାୟକ ବିଜୁ ଜନତା ଦଳର ପ୍ରାର୍ଥୀ ଭାବରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଦଳରୁ ନିଲମ୍ବିତ ହୋଇଥିଲେ ମଧ୍ୟ ଦଳୀୟ ଚିହ୍ନରେ ନିର୍ବାଚିତ ସଦସ୍ୟ ଭାବରେ ସାମ୍ବିଧାନିକ ଦାୟିତ୍ୱରୁ ସେମାନଙ୍କୁ ମୁକ୍ତ କରୁନାହିଁ। ଦଳର ସଦସ୍ୟମାନଙ୍କୁ ଆଗାମୀ ରାଜ୍ୟସଭା ନିର୍ବାଚନରେ ଦଳର ଅଧିକୃତ ପ୍ରାର୍ଥୀଙ୍କ ପକ୍ଷରେ ଭୋଟ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଉଭୟ ବିଧାୟକ ଦଳୀୟ ହ୍ୱିପ୍‌କୁ ପାଳନ କରି ସେହି ଅନୁଯାୟୀ ଭୋଟ୍ ଦେବା ▶ପୃଷ୍ଠା-୭

### ଧରାଛୁଆଁ ଦେଉନାହାନ୍ତି ଦାଶରଥି
# ଆତ୍ମଗୋପନ ନା ଅପହରଣ!

■ ଭୁବନେଶ୍ୱର,୧୫।୩(ସମିସ): ରାତି ପାହିଲେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ୍ ପଡ଼ିବାକୁ ଥିବାବେଳେ ଏଯାଏଁ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗୋଙ୍କର ଖୋଜ ଖବର ମିଳୁନାହିଁ। ଏପରିକି ଦଳ ପକ୍ଷରୁ ତାଙ୍କୁ ନୋଟିସ୍ ଜାରି କରାଯାଇ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ବ୍ୟକ୍ତିଗତ ଭାବେ ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସତ୍ତ୍ୱେ ଶ୍ରୀ ଗମାଙ୍ଗୋ ଦଳର ନିର୍ଦ୍ଦେଶକୁ ଭ୍ରୁପେକ୍ଷ କରିନାହାନ୍ତି। ଏହିକ୍ରମରେ ଶ୍ରୀ ଗମାଙ୍ଗୋଙ୍କୁ ଶେଷ ସୁଯୋଗ ଦେଇଛି ପିସିସି। ଆସନ୍ତାକାଲି ସକାଳ ୯ଟା ସୁଦ୍ଧା ଦଳୀୟ ନେତୃବୃନ୍ଦଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏଥିରେ ବିଫଳ ହେଲେ ସମ୍ବିଧାନର ଦଶମ ଅନଚ୍ଛେଦ ବ୍ୟବସ୍ଥା ଅନୁଯାୟୀ ତାଙ୍କର ଦଳୀୟ ସଭ୍ୟପଦ ରଦ୍ଦ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ୍ କୁମାର ପାଢ଼ୀ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

ସକାଳ ୯ଟା ସୁଦ୍ଧା ଦଳୀୟ ନେତାଙ୍କୁ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ

ଖିଲାପ କଲେ ଦଳୀୟ ସଭ୍ୟପଦ ରଦ୍ଦ ପାଇଁ ନିଆଯିବ ପଦକ୍ଷେପ

ଦଳ ପକ୍ଷରୁ ଗତ ୮ ତାରିଖରୁ ତାଙ୍କୁ ଯୋଗାଯୋଗ କରିବାକୁ ▶ପୃଷ୍ଠା-୭

### ନୋଟିସ୍‌ର ଉତ୍ତର ରଖିଲେ ଦାଶରଥୀ
## "ବିବେକ ଅନୁଯାୟୀ ଭୋଟ ଦେବି"

■ ଭୁବନେଶ୍ୱର,୧୫।୩(ସମିସ): ପ୍ରାର୍ଥୀ ଚୟନ ପୂର୍ବରୁ କଂଗ୍ରେସର ବିଧାୟକଙ୍କ ସହ କୌଣସି ଆଲୋଚନା କରାଯାଇ ନାହିଁ। ରାଜ୍ୟସଭା ନିର୍ବାଚନରେ ମତଦାନ କରିବି କି ନାହିଁ କିମ୍ବା କାହା ସପକ୍ଷରେ ମତଦାନ କରିବି, ତାହା ମୋର ବିବେକ ଅନୁଯାୟୀ ନିଷ୍ପତ୍ତି ନେବି। କଂଗ୍ରେସର କାରଣ ଦର୍ଶାଅ ନୋଟିସର ଉତ୍ତର ରଖିଛନ୍ତି ଦାଶରଥୀ ଗାମାଙ୍ଗ। ଏଥିସହ ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ତଥ୍ୟହୀନ, ଅବିଚାରମୂଳକ ଏବଂ ମୋର ରାଜନୈତିକ ଆଦର୍ଶର ସମ୍ପୂର୍ଣ୍ଣ ବିରୋଧୀ ବୋଲି ବିବେଚନା କରୁଛି ବୋଲି ଦାଶରଥୀ କହିଛନ୍ତି।

ଦାଶରଥୀ ଉତ୍ତରରେ ଦର୍ଶାଇଛନ୍ତି ଯେ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହେବା ପରେ ମୁଁ ନିଃସ୍ୱାର୍ଥପର ▶ପୃଷ୍ଠା-୭

## ଏମ୍ସରୁ ଫେରିଲେ ରାଜସ୍ୱ ମନ୍ତ୍ରୀ ସୁରେଶ


■ ଭୁବନେଶ୍ୱର, ୧୫।୩ (ସମିସ): ନୂଆଦିଲ୍ଲୀରୁ ସୁସ୍ଥ ହୋଇ ରବିବାର ରାତିରେ ଓଡ଼ିଶା ଫେରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଆସନ୍ତାକାଲି ସେ ରାଜ୍ୟସଭା ନିର୍ବାଚନରେ ମତଦାନ କରିବେ । ସୂଚନାଯୋଗ୍ୟ ଯେ ଗତ ୩ ତାରିଖରେ ଛାତିରେ ପ୍ରବଳ ଯନ୍ତ୍ରଣା ହେବା କାରଣରୁ ତାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କର ଅଧିକ ତଥା ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

### ବର୍ଷିଲେ ପିସିସି ସଭାପତି, ଏଆଇସିସି ପ୍ରଭାରୀ
# ବିଜେପି ଭ୍ରଷ୍ଟ ଦଳ ବୋଲି ପୁଣି ପ୍ରମାଣିତ

■ ଅଦାଲତରେ ଦଣ୍ଡିତ ଦିଲ୍ଲୀପଙ୍କୁ ପ୍ରାର୍ଥୀ କରାଗଲା କାହିଁକି: ଲଲ୍ଲୁ
■ ରାଜ୍ୟ ରାଜନୀତିକୁ କଳୁଷିତ କରୁଛି ଶାସକ ବିଜେପି: ଭକ୍ତ

■ ଭୁବନେଶ୍ୱର,୧୫।୩(ସମିସ): ବିଜେପି ଏକ ଭ୍ରଷ୍ଟ ଦଳ ବୋଲି ନିଜକୁ ପ୍ରମାଣିତ କରିଦେଇଛି। ପାଖରେ ସଂଖ୍ୟା ନଥାଇ ବିଜେପି ନିଜ ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଇଦାନକୁ ଛାଡ଼ିଛି ଓ ଘୋଡ଼ା ବେପାରକୁ ଆମନ୍ତ୍ରଣ କରିଛି ବୋଲି କହିଛନ୍ତିଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ। କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲଲ୍ଲୁ କହିଛନ୍ତି ଯେ ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ବିଜେପି ଦୁଇଜଣ ରାଜ୍ୟସଭା ପାଇଁ ପ୍ରାର୍ଥୀ ଦେଇଥିଲା ଏବଂ ବିଜେଡି ମଧ୍ୟ ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ଜଣଙ୍କୁ ପ୍ରାର୍ଥୀ ଦେଇଥିଲା। ଅନ୍ୟପକ୍ଷରେ କଂଗ୍ରେସର ୧୪ ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି। ତେଣୁ ଏକ ଅଣରାଜନୈତିକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସ୍ୱାର୍ଥ ପାଇଁ ପ୍ରାର୍ଥୀ କରିବାକୁ ସମଭାବାପନ୍ନ ଦଳ ବିଜେଡିକୁ କଂଗ୍ରେସ ଆହ୍ୱାନ କରିଥିଲା। ଯାହାଫଳରେ ବିଜେଡି ଓ କଂଗ୍ରେସ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଚତୁର୍ଥ ପ୍ରାର୍ଥୀ ଘୋଷଣା କରିଥିଲେ। ସଂଖ୍ୟା ଦୃଷ୍ଟିରୁ ଡାକ୍ତର ଦତ୍ତେଶ୍ୱର ହୋତା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇପାରିଥାନ୍ତେ; ମାତ୍ର ବିଜେପି ନିଜର ସଂଖ୍ୟା ନଥାଇ ମଧ୍ୟ ୫ମ ପ୍ରାର୍ଥୀଙ୍କ ନାମାଙ୍କନ କଲା। ଏହା ଘୋଡା ବେପାର ନୁହେଁ କି? କେନ୍ଦ୍ରମନ୍ତ୍ରୀ ଥିବାବେଳେ ଝାଡ଼ଖଣ୍ଡ କୋଇଲା ଆବଣ୍ଟନ ମାମଲାରେ ଦୁର୍ନୀତି ଯୋଗୁଁ ଦୋଷୀ ସାବସ୍ତ୍ୟ ହୋଇ ଦିଲ୍ଲୀପ ରାୟ ୩ବର୍ଷ କାରାଦଣ୍ଡାଦେଶ ପାଇଥିଲେ। ଯଦିଓ ସେ ଉଚ୍ଚତମ ନ୍ୟାୟାଳୟରୁ ଜାମିନ ପାଇଛନ୍ତି, ସିବିଆଇ କାହିଁକି ଏସ୍ଏଲଆର ଦାଖଲ କଲାନାହିଁ? ତେଣୁ ଆଗକୁ ସେ ପୁଣି ଜେଲ ଯିବା ଆଶଙ୍କା ଥିବାବେଳେ ସେଭଳି ଲୋକଙ୍କୁ ବିଜେପି ପ୍ରାର୍ଥୀ କରିବା ଦଳର ଦୁର୍ନୀତି ପ୍ରତି ଆଭିମୁଖ୍ୟକୁ ପଦାରେ ପକାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ପିସିସି ସଭାପତି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଛନ୍ତି ଯେ ବିଜେପି ରାଜ୍ୟ ରାଜନୀତିକୁ ଯେଉଁଭଳି ଭାବରେ କଳୁଷିତ କରୁଛି ତାହା କଳ୍ପନାତୀତ । ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଭେଟି ଆଲୋଚନା ଓ ଆଶୀର୍ବାଦ ପାଇଁ ଆମ ୮ ଜଣ ବିଧାୟକ ଏବଂ ମୁଁ ବାଙ୍ଗାଲୋର ଯାଇଥିଲୁ । ଆମ ବିଧାୟକ ଯେଉଁ ହୋଟେଲରେ ରହୁଥିଲେ ସେହି ହୋଟେଲକୁ ରାଜ୍ୟ ବିଜେପିର ସର୍ବଶକ୍ତିମାନ ନେତାଙ୍କ ପରାମର୍ଶକ୍ରମେ ୪ ଜଣ ବିଜେପି ଲୋକ ଆସି ଆମ ବିଧାୟକଙ୍କୁ ଭେଟି ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲେ । ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଅଜିତ ସାହୁ, ରାଉରକେଲାର ବୀରେନ୍ଦ୍ର ପ୍ରସାଦ, ସୀମାଞ୍ଚଳ ମହାକୁଡ ଓ ▶ପୃଷ୍ଠା-୭

## ବିସ୍ଫୋରକ ଓ ନକ୍ସଲ ସାମଗ୍ରୀ ଜବତ

# ନକ୍ସଲ ସ୍ମାରକୀ ଧ୍ୱଂସ କଲେ ଯବାନ



ମାଲକାନଗିରି, ୧୫ ।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାର ହାପାଟୋଲା ଏବଂ ବିନାଗୁଡ଼ା ଜଙ୍ଗଲରେ ନକ୍ସଲ ଦମନ ନିମନ୍ତେ ସର୍ଚ୍ଚ ଅପରେସନ୍ ସମୟରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି । ଯବାନ ମାନେ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ଚାରୋଟି ଆଇଇଡି ବୋମା ଉଦ୍ଧାର କରିଛନ୍ତି, ଯାହାକୁ ପରେ ଘଟଣାସ୍ଥଳରୁ ସୁରକ୍ଷିତ ଭାବରେ ନିଷ୍କ୍ରିୟ କରାଯାଇଛି । ପୋଲିସ ଅନୁଯାୟୀ, ଛୋଟେବେଠିଆ ଥାନା ଅଞ୍ଚଳର ହାପାଟୋଲା ଏବଂ ବିନାଗୁଡ଼ା ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ସମୟରେ ଏହି ସଫଳତା ମିଳିଥିଲା । ନକ୍ସଲ ବିରୋଧୀ ଅଭିଯାନର ଅଂଶ ସ୍ୱରୂପ ସୁରକ୍ଷା ବାହିନୀର ଏକ ଦଳ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ୍ କରୁଥିବା ସମୟରେ, ମାଓବାଦୀ ମାନେ ଜଙ୍ଗଲରେ ଲୁଚାଇ ଖଞ୍ଜିଥିବା ଚାରୋଟି ଆଇଇଡି ବୋମାକୁ ଉଦ୍ଧାର କରିଥିଲେ । ଏହି ବୋମା ଗୁଡ଼ିକ ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଲଗାଯାଇଥିଲା । ତେବେ ଘଟଣା ସ୍ଥଳରୁ ଯବାନ ମାନେ ନକ୍ସଲ ୟୁନିଫର୍ମ ଏବଂ ଅନ୍ୟାନ୍ୟ ନକ୍ସଲ ସାମଗ୍ରୀ ମଧ୍ୟ ଜବତ କରିଥିଲେ । ସୁରକ୍ଷା ଦୃଷ୍ଟିରୁ, ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରୁ ସମସ୍ତ ଆଇଇଡି ବୋମାକୁ ସୁରକ୍ଷିତ ଭାବରେ ନିଷ୍କ୍ରିୟ କରିଥିବା ବେଳେ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଥିଲା । ତେବେ ସେହି ଅଞ୍ଚଳରେ ଥିବା ଏକ ନକ୍ସଲ ସ୍ମାରକୀକୁ ମଧ୍ୟ ଯବାନ ମାନେ ଭାଙ୍ଗି ଦେଇଥିଲେ ।

## ପ୍ରଶାସନ ଶୁଣିଲାନି

# ୪ କିମି ରାସ୍ତା ନିର୍ମାଣ କଲେ କୁଞ୍ଜେରି ଗ୍ରାମବାସୀ



ବନ୍ଧୁଗାଁ, ୧୫।୩(ସମିସ): ରାସ୍ତାଘାଟରୁ ଆରମ୍ଭ କରି ବିଜୁଳୀ, ସ୍ୱାସ୍ଥ୍ୟସେବା, ପାଠପଢା ଇତ୍ୟାଦି ମୌଳିକ ସୁବିଧା ପାଇଁ ଅନେକ ଥର ଜିଲ୍ଲାପାଳ ଓ ବ୍ଲକ ପ୍ରଶାସନଙ୍କୁ ଗୁହାରି କରି ନିରାଶ ହୋଇ ଶେଷରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ କୁଞ୍ଜେରୀ ଗ୍ରାମବାସୀ ୪ କିମି ନିଜ ଗାଁ ରାସ୍ତା ତିଆରି କରିଛନ୍ତି । କୁଞ୍ଜେରି ରାଜସ୍ୱ ଗ୍ରାମ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗାଁକୁ ରାସ୍ତା ହୋଇପାରି ନାହିଁ । ବ୍ଲକ କାର୍ଯ୍ୟାଳୟରୁ କୁଞ୍ଜେରୀ ୧୧ କିମି ଦୂର ଥିବା ବେଳେ ପ୍ରାୟ ୬ କିମି ପାହାଡ ପାଦଚଲା ରାସ୍ତାରେ ଚଢ଼ି ଗାଁକୁ ଯିବାକୁ ପଡୁଛି । କିଛି ବର୍ଷ ତଳେ ୩୫ ଘର ପରିବାର ଗାଁରେ ବସବାସ କରୁଥିଲେ । ଗାଁକୁ ଯିବା ପାଇଁ ରାସ୍ତା ଖଣ୍ଡିକ ନ ଥିବାରୁ ଲୋକେ ଅନେକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେବାରୁ ପ୍ରାୟ ୨୦ଟି ପରିବାର ଗାଁ ଛାଡି ଚାଲି ଯାଇଛନ୍ତି । ଅବଶିଷ୍ଟ ଯେଉଁ ୧୫ ପରିବାର ରହିଥିବା ବେଳେ ପରିବାର ଗୁଡିକ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କୁ ସାଥିରେ ନେଇ ଜିଲ୍ଲାପାଳ ଓ ବିଡିଓଙ୍କୁ ଗାଁକୁ ରାସ୍ତା ନିର୍ମାଣ କରିବା ପାଇଁ ଲିଖିତ ଅଭିଯୋଗ କରି ଆସୁଛନ୍ତି । କୁଞ୍ଜେରି, ତଳଡବାରି ଓ ଉପରଡବାରି ଗ୍ରାମକୁ ନେଇ କୁଞ୍ଜେରି ପଞ୍ଚାୟତର ଏକ ୱାର୍ଡ ଥିବା ବେଳେ ଏକ ବୁଥ କେନ୍ଦ୍ର ମଧ୍ୟ ରହିଛି । ଗ୍ରାମରେ ୮ ଜଣ ଶିଶୁ ସ୍କୁଲ ଯିବା ବୟସର ଥିଲେ ମଧ୍ୟ ଜଣେ ମଧ୍ୟ ପିଲା ସ୍କୁଲ ପିଣ୍ଡା ଚଢ଼ି ପାଠ ପଢୁ ନାହାନ୍ତି । ଗ୍ରାମବାସୀ ପଞ୍ଚାୟତକୁ ପିଡିଏସ ଚାଉଳ ଆଣିବାକୁ ଗଲେ ତାଙ୍କ ଗାଁ ର ୫ କିମି ପାହାଡ ତଳେ ଥିବା ମାର୍ଦ୍ଦିଝଲା ଗ୍ରାମରେ ରଖି ପୁଣି ୨ୟ ଦିନ ଯାଇ ପାଦ ଚଲା ରାସ୍ତା ଦେଇ ଚାଉଳ ବହି ଆଣୁଛନ୍ତି । ପ୍ରଶାସନ ଗାଁ ଲୋକଙ୍କ ଦୁଃଖ ନ ଶୁଣିବାରୁ ଆଜି କୁଞ୍ଜେରି ଗ୍ରାମର ସମସ୍ତ ଯୁବା ଯୁବତୀ ତଳଡବାରି ଗାଁକୁ ସଂଯୋଗ କରୁ ଥିବା ରାସ୍ତା ପର୍ଯ୍ୟନ୍ତ ରାସ୍ତା ତିଆରି କରି ଥିଲେ । ଗ୍ରାମବାସୀ ନିଜେ ରାସ୍ତା ତିଆରି କରୁଥିବା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କୁ ଅବଗତ କରାଇବା ପରେ ସରପଞ୍ଚ ପହଞ୍ଚି ନିଜେ ସେମାନଙ୍କ ସହିତ ରାସ୍ତା ନିର୍ମାଣ କରିବାରେ ସାମିଲ ହୋଇ ଥିଲେ । ସରପଞ୍ଚ ଲକ୍ଷ୍ମୀଙ୍କ ବୟାନ ଅନୁସାରେ ପଞ୍ଚାୟତ ଏହି ଏକମାତ୍ର ଗାଁକୁ ରାସ୍ତା ନ ଥିବାରୁ ଅନେକ ଥର ଜିଲ୍ଲାପାଳ ଓ ବ୍ଲକ ବିଡ଼ିଓଙ୍କୁ ଅବଗତ କରାଯାଇଥିଲା । ପ୍ରଶାସନ ତରଫରୁ ଗାଁ ରାସ୍ତା ନିର୍ମାଣ ନ କରିବାରୁ ଲୋକେ ଆଜି ବାହାରି ବାଧ ହୋଇ ରାସ୍ତା ନିର୍ମାଣ କରିଛନ୍ତି । ଆଦିବାସୀ ପରିବାର ଯେପରି ନିଜର ମୌଳିକ ସୁବିଧା ସୁଯୋଗ ପାଇବେ, ଏଥିପାଇଁ ପ୍ରଶାସନ ଓ ରାଜ୍ୟ ସରକାର , ଗାଁକୁ ପିଚୁ ରାସ୍ତା ଖଣ୍ଡିକ ନିର୍ମାଣ ପାଇଁ ସରପଞ୍ଚ ଲକ୍ଷ୍ମୀ ଅନୁରୋଧ କରିଛନ୍ତି । ଯଦି ପ୍ରଶାସନ କୁଞ୍ଜେରି ଗ୍ରାମକୁ ରାସ୍ତା ନିର୍ମାଣ ନ କରନ୍ତି ଆଗାମୀ ଦିନରେ ଏକ ରାଜସ୍ୱ ଗ୍ରାମ ନିଶ୍ଚିହ୍ନ ହୋଇଯିବ ।

## 'ଆମ ପୁଲିସ ସମିତି'ର ଜନସମ୍ପର୍କ ଅଭିଯାନ




ଖଇରପୁଟ,୧୫ ।୩(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ଗ୍ରାମ ପଞ୍ଚାୟତର ଚଢେଇଗୁଡା ଗ୍ରାମରେ "ଆମ ପୋଲିସ ସମିତି" ଆନୁକୁଲ୍ୟରେ ଏକ ଜନ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଓର୍କେଲ ଥାନା ଅଧିକାରୀ ଧୀରେନ୍ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ରାସବେଡା ସରପଞ୍ଚ ପ୍ରମିଳା ଗୁଟ୍ଟା, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଡୀ, ଲ୍ୟାମ୍ପ ସଭାପତି ଗୋପି ପାଙ୍ଗୀ , ନାଏବ ସରପଞ୍ଚ ଇଶ୍ୱର ମୁଦୁଲି, ୱାର୍ଡ ସଭ୍ୟା ବତୀ ଭୂମିଆ, ସମାଜସେବୀ ଘାସିରାମ ଗୁଟ୍ଟା, ଭଗବାନ ସାହୁ ଓ ହିମାଂଶୁ ଶେଖର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଚଢେଇଗୁଡା ଗ୍ରାମର ମହିଳାମାନେ ଅତିଥି ମାନଙ୍କୁ ଚାଉଳ ଟିକା ଓ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ନିଜର ଅଭିଭାଷଣରେ ନାରୀ ସୁରକ୍ଷା, ସାଇବର ଠକାମୀ , ପ୍ରତିବନ୍ଧିତ ନିଶା ଦ୍ରବ୍ୟ ସେବନ, ଯୁବକ ମାନଙ୍କ କୁକୁଡା ଗାଲି ଯୁଆ ଖେଳ, ନାବାଳକ ମୋଟର ସାଇକେଲ ଚାଳନା, ବାଲ୍ୟ ବିବାହ ଓ ଭାରତୀୟ ନ୍ୟାୟ ସଂହିତା ଭଳି ବିଭିନ୍ନ ବିଷୟର ସକାରାତ୍ମକତା ଓ ନକାରାତ୍ମକତା ଉପରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥି ମାନେ ମଧ୍ୟ ଆମ ପୋଲିସ କିପରି ଜନ ସାଧାରଣଙ୍କ ଅତି ନିକଟତର ହୋଇପାରିଛି ସେ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମ ଶେଷରେ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଶ୍ରୀ ହିଆଲ ଅତିଥି ମାନଙ୍କୁ ଧନ୍ୟବାଦ ଦେବାସହ ପୋଲିସ କାର୍ଯ୍ୟରେ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଆଜିର ଜନ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓର୍କେଲ ଥାନା ଓ କୁଡୁମୁଲୁଗୁମ୍ମା ଫାଣ୍ଡିର ସମସ୍ତ ପୁଲିସ କର୍ମଚାରୀ ସହଯୋଗ କରିଥିଲେ । ପୁଲିସର ଏହିପରି ଅଭିଯାନକୁ ସ୍ଥାନୀୟ ଲୋକମାନେ ଭୂୟସୀ ପ୍ରଶଂସା କରିଛନ୍ତି ।

## କଂଗ୍ରେସର ବ୍ଲକ୍ସ୍ତରୀୟ ପ୍ରସ୍ତୁତି ବୈଠକ



କୋଷାଗୁମୁଡ଼ା,୧୫।୩(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ସମସ୍ତ କଂଗ୍ରେସ ଦଳର ବରିଷ୍ଠ ଓ ଯୁବ କର୍ମୀ ମାନେ ସ୍ଥାନୀୟ ଜୁନାପାଣି ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ସହ କର୍ମୀଙ୍କୁ ବିଭିନ୍ନ ବର୍ଗରେ ଦାୟିତ୍ୱ ପ୍ରଦାନ କରିଛନ୍ତି । ଅଗାମୀ ୨୦୨୭ ନିର୍ବାଚନକୁ ଆଖି ଆଗରେ ରଖି ବର୍ତ୍ତମାନ ବ୍ଲକ ଓ ଜିଲ୍ଲାସ୍ତରୀୟ କଂଗ୍ରେସ କର୍ମୀ ଓ ନେତାମାନେ ସରକାରଙ୍କ ଦରଦାମ ବୃଦ୍ଧିକୁ ନେଇ ଆଗାମୀ ଦିନରେ ବ୍ଲକ ଓ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି । ଚାଷୀଙ୍କୁ ହଇରାଣ , ସାଧାରଣ ବର୍ଗର ଲୋକ, ଦିନ ଖଟୁଆ ଶ୍ରମିକ ମାନଙ୍କୁ ସରକାର ମହଙ୍ଗାକୁ ଠେଲିଛନ୍ତି ତାହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି କଂଗ୍ରେସର ନେତା କର୍ମୀମାନେ କହିଥିଲେ । ପୂର୍ବତନ ସାଂସଦ ଭୁଜବଳ ମାଝୀ, କଂଗ୍ରେସ ଜିଲ୍ଲା ସଭାପତି ଡ. ଲିପିକା ମାଝୀ, କୋଷାଗୁମୁଡ଼ା ବ୍ଲକ କଂଗ୍ରେସ ସଭାପତି ପଦ୍ମସାଇ ମାଳି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୀତାମଣି ସମରଥ, ଚିତ୍ତରଞ୍ଜନ ଗୌଡ଼, ପଦ୍ମନ ବିଶୋଇ, ବାବୁଲି ବାଘ, ଧନୁର୍ଜୟ ବିଶୋଇ, କେ ଏନ ରାଜୁ, ନେତୁ ପୂଜାରୀ, ଦୟାରାମ ପୂଜାରୀ, ରଘୁ ମାଝୀ, ଯୁଗଧର ହରିଜନ ପ୍ରମୁଖଙ୍କ ଶହ ଝରିଗାଁ, ଡ଼ାବୁଗାଁ, ଉମରକୋଟ, ନବରଙ୍ଗପୁର, ପାପଡାହାଣ୍ଡିର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ବାଇକ୍ ଧକ୍କାରେ ମହିଳା ମୃତ

ଡାବୁଗାଁ, ୧୫।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଏକଲବ୍ୟ ବିଦ୍ୟାଳୟ ନିକଟରେ ମୋଟରସାଇକେଲ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ରବିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଡାବୁଗାଁ ବ୍ଲକ ଅଧୀନ ଘୋଡାଖୁଣ୍ଟା ଗ୍ରାମର ଚମ୍ପା ଶବର (୪୫) ଶନିବାର ସକାଳେ ଧନଶରା ଗ୍ରାମରେ ଥିବା ନିଜର ବନ୍ଧୁ ଘରକୁ ଆସିଥିଲେ । ସନ୍ଧ୍ୟାରେ ଧନଶରା ଗ୍ରାମରୁ ବାହାରି ନିଜ ଘର ଘୋଡାଖୁଣ୍ଟା ଗ୍ରାମକୁ ଯାଉଥିବା ବେଳେ ବୋରିଗାଁ-ଘୋଡାଖୁଣ୍ଟା ମୁଖ୍ୟ ରାସ୍ତାରେ ଉପରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିକଟରେ ରାତ୍ର ପ୍ରାୟ ୭ଟାରୁ ୮ଟା ସମୟ ମଧ୍ୟରେ ଚାଲି ଚାଲି ଯାଉଥିବା ବେଳେ ପଛ ପଟୁ ଏକ ମୋଟରସାଇକେଲ ନମ୍ବର ଓଡି ୧୦ ଏବି ୩୯୮୪ ଗାଡିଟି ଦ୍ରୁତ ଗତିରେ ଆସି ଧକ୍କା ଦେଇ ଚାଲି ଯାଇଥିଲା । ଫଳରେ ଚମ୍ପା ଶବର ରାସ୍ତା କଡକୁ ଛିଟିକି ପଡି ଆହତ ହୋଇ ପଡି ରହିଥିଲେ । କିଛି ସମୟ ପରେ ସେହି ରାସ୍ତାରେ ଆସୁଥିବା ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରାତି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାତ୍ରି ପ୍ରାୟ ୯ ଘ. ସମୟ ରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ଯାଞ୍ଚ କରି ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ବାପା କମଳସାଏ ଶବର ରବିବାର ସକାଳେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବ୍‌ଇନ୍‌ସପେକ୍ଟର ବିକ୍ରମ କିଶୋର ସାହୁ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଥାନା କେସ ନଂ ୫୧/୨୬ରେ ଏକ ମାମଲା ରୁଜୁ କରାଯାଇଛି ।

## ଏନୁଙ୍ଗ ଗ୍ରାମରେ ଅଷ୍ଟପହରୀ ନାମଯଜ୍ଞ

କୋରାପୁଟ,୧୫।୩(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ବାଲେଲ ପଞ୍ଚାୟତର ଏନୁଙ୍ଗ ଗ୍ରାମରେ ଅଷ୍ଟପହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଅଧିବାସ ପରେ ଗଙ୍ଗା ଆବାହନ, କଳସଯାତ୍ରା ଆରମ୍ଭ ହୋଇଥିଲା । ହରିନାମ ଧ୍ୱନୀରେ କମ୍ପି ଉଠିଥିଲା ଗାଁ ଦାଣ୍ଡ । ଭକ୍ତରାମ ଦାସ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ଆଖପାଖ ଅଞ୍ଚଳର ପ୍ରାୟ ୩୦ଟି ଗାଁର ନାମ ସଂକୀର୍ତ୍ତନ ମଣ୍ଡଳୀ ସମେତ ଶତାଧିକ ଭକ୍ତ ଯୋଗ ଦେଇଥିଲେ । ଡମ୍ବରୁଧର ନାୟକ. ନାରାୟଣ ନାୟକ, ଜଗେଶ ଖିଲ, ଅମର ଖିଲ, ରାମଚନ୍ଦ୍ର ଖରା, ମଙ୍ଗଳା ଖିଲ, ଡ଼ମ୍ବୁଧର ଆଲାଙ୍ଗ, ଟୁନା ହନ୍ତାଳ, ଜଗେଶର ଖିବୁଡୀ, ମଙ୍ଗରାଜ ଦଳପତି, ଖଗପତି ଦଳପତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● ଦଶମନ୍ତପୁର ବ୍ଲକ୍‌ରେ ୬୯୨ ପରୀକ୍ଷାର୍ଥୀ

## ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆକଳନ ପରୀକ୍ଷା

ପୋଡ଼ାଗଡ଼,୧୫।୩(ସମିସ): କୋରାପୁଟ ଜିଲ୍ଲା ୧୪ଟି ବ୍ଲକରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆକଳନ ପରୀକ୍ଷା ଅନୁଷ୍ଠିତ ହେଇଯାଇଛି । ସେହିପରି ଦଶମନ୍ତପୁର ବ୍ଲକର ସମସ୍ତ ଆଞ୍ଚଳିକ ସାଧନା କେନ୍ଦ୍ର ମାନଙ୍କର ବିଭିନ୍ନ ପରୀକ୍ଷା କେନ୍ଦ୍ର ମାନଙ୍କରେ ଅନୁଷ୍ଠିତ ହୋଇଯାଇଛି । ଦଶମନ୍ତପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଷେକ ଭୁଏ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନାଧର ସାଗର ଏବଂ ମନ୍ମଥ ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ବ୍ଲକ୍‌ରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆକଳନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ବ୍ଲକର ମହିଳା ଓ ପୁରୁଷ ମିଶି ୬୯୨ ଜଣ ପଞ୍ଜିକରଣ କରିଥିଲେ । ସେଥି ମଧ୍ୟରୁ ପ୍ରାୟ ଶତପ୍ରତିଶତ ଲୋକ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ବ୍ଲକରେ ୪୪୭ ଜଣ ପୁରୁଷ ପରୀକ୍ଷା ଦେଇଥିବା ବେଳେ ୨୪୫ ଜଣ ମହିଳା ପରୀକ୍ଷା ଦେଇଥିବା ଦେଖା ଦେଇଛି । ଏହି ପରୀକ୍ଷା ପରିଚାଳନା କରିଥିଲେ ଆଞ୍ଚଳିକ ସାଧନକେନ୍ଦ୍ର କର୍ମୀ ଓ ପରୀକ୍ଷା କେନ୍ଦ୍ରର ଶିକ୍ଷକ ମାନେ । ସେହିପରି ପୋଡ଼ାଗଡ ଆଞ୍ଚଳିକ ସାଧନା କେନ୍ଦ୍ର ଅଧିନସ୍ଥ ପଟା ମାଲିଗୁଡ଼ା, ଲୁକୁମାରି ଓ ମାଲିଙ୍ଗ ଯୋଡି ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ମାନଙ୍କରେ ଏହି ଅଞ୍ଚଳର ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେଇଥିବା ସିଆରସିସି ଏମ ସୁରେଶ କୁମାର କହିଛନ୍ତି । ସେହିପରି ବିଭିନ୍ନ ପରୀକ୍ଷା କେନ୍ଦ୍ର ମାନଙ୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନାଧର ସାଗର ଓ ମନ୍ମଥ ମାଡ଼ାଙ୍ଗୀ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ।

● ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା

## ୧୦୦୩ କେନ୍ଦ୍ରରେ ୧୩୨୧୭ ପରୀକ୍ଷାର୍ଥୀ

କୋରାପୁଟ,୧୫।୩(ସମିସ): କୋରାପୁଟ ଜିଲ୍ଲାର ୧୪ ଟି ବ୍ଲକରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ୧୦୦୩ ଟି କେନ୍ଦ୍ରରେ ୫୧୩୩ ପୁରୁଷ ଓ ୮୫୮୪ ମହିଳା ମୋଟ ୧୩୨୧୭ ଜଣ ୧୫ ବର୍ଷରୁ ଉର୍ଦ୍ଧ୍ୱର ନିରକ୍ଷର ଏହି ପରୀକ୍ଷାରେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ସୂଚନା ଦେଇଛନ୍ତି । ଜୟପୁର,କୋରାପୁଟ ଓ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ବିଭିନ୍ନ କେନ୍ଦ୍ରକୁ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ପରିଦର୍ଶନ କରିଥିବା ଜଣାପଡିଛି । ସେହିପରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ଓ ଶ୍ରୀମତୀ ପ୍ରଧାନ ବିଭିନ୍ନ ବ୍ଲକରେ ଅନୁଷ୍ଠିତ କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରିଥିଲେ । ନିଜ ବ୍ଲକର କେନ୍ଦ୍ର ଗୁଡ଼ିକୁ ବିଇଓ, ଏବିଇଓ ଓ ସିଆରସିସି ମାନେ ପରିଦର୍ଶନ କରିଥିବା ଜଣାପଡିଛି ।

## ବିବେକାନନ୍ଦ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବୈପାରୀଗୁଡ଼ା, ୧୫।୩(ସମିସ): ବୈପାରୀଗୁଡା ସ୍ଥିତ ବିବେକାନନ୍ଦ ଇଂରାଜୀ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅନୁଷ୍ଠାନର ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ତ ନଳିନ ରଞ୍ଜନ ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଅଧ୍ୟାପକ ଡାକ୍ତର ମନରଞ୍ଜ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଅନୁଷ୍ଠାନ ସମ୍ପାଦକ ବଳଭଦ୍ର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ବୈପାରୀଗୁଡା ଭଳି ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶିକ୍ଷାର ଉନ୍ନତି ପାଇଁ ବିବେକାନନ୍ଦ ଇଂରାଜୀ ମିଡିୟମ ବିଦ୍ୟାଳୟ ସ୍ଥାପନ ହୋଇଥିଲା ବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ନେଇ ଅଭିଭାବକ ମାନଙ୍କ ଠାରୁ ଅଧିକ ଗୁରୁ ଦାୟିତ୍ୱ ଶିକ୍ଷକ ମାନଙ୍କ ରହିବା ଆବଶ୍ୟକ ବୋଲି କହିଛନ୍ତି ଅତିଥିମାନେ । ଏହି ଅବସରରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ ଏବଂ କୁନି କୁନି ଛୁଆଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ନବଭାରତ ସାକ୍ଷରତା 'ଉଲ୍ଲାସ' କାର୍ଯ୍ୟକ୍ରମ

ଡାବୁଗାଁ,୧୫।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ୮ ଗୋଟି କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'ର ମୌଳିକ ସାକ୍ଷରତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୫ ବର୍ଷରୁ ଅଧିକ ବୟସ୍କ ଉଭୟ ମହିଳା ଓ ପୁରୁଷଙ୍କୁ ଚିହ୍ନଟ କରି ସେମାନଙ୍କୁ ସାକ୍ଷର କରିବା ନିମନ୍ତେ ଏକ ଆକଳନ କାର୍ଯ୍ୟକ୍ରମ କରାଯାଇଥିଲା । ଡାବୁଗାଁ ବ୍ଲକ ର ବିଭିନ୍ନ ଗ୍ରାମରୁ ୩୯୨ ଜଣ ମହିଳା ଓ ୧୭୭ ଜଣ ପୁରୁଷ ମୋଟ ୫୬୯ ଜଣ ନିରକ୍ଷର ଙ୍କୁ ନେଇ ସାକ୍ଷରତା ଆକଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମାଝି ଓ ସନ୍ତୋଷ ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ଧନଞ୍ଜୟ ବଡଜେନା, ଗୁପ୍ତେ ପ୍ରସାଦ ନାଗ, ହେମନ୍ତ ପଣ୍ଡା, ହେମେନ୍ଦ୍ରନାଥ ବେହେରା, ଗିରିଶବାଳା ଜେନା ଓ ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ପରିଚାଳନା କରିଥିଲେ ।

## 'ସ୍ୱେଡ୍' ପକ୍ଷରୁ 'ବାଉଁଶ ପର୍ବ'



ବୈପାରୀଗୁଡ଼ା,୧୫।୩(ସମିସ): ଦିନକୁ ଦିନ ବାଉଁଶ ଗଛ ମଧ୍ୟ ଗାଁ ଗହଳିରୁ କମିଲାଣି । ଯେଉଁଠି କିଛି କିଛି ମିଳୁଛି, ତାକୁ ମଧ୍ୟ ଅଧିକ ଦାମରେ କିଣିବାକୁ ପଡୁଛି । ତେଣୁ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନାହିଁ । ପୂର୍ବରୁ ଅଳ୍ପ ରୋଜଗାର ହେଉଥିଲେ ମଧ୍ୟ ପରିବାର ପ୍ରତିପୋଷଣର ଏହା ଏକ ମାଧ୍ୟମ ଥିଲା । ହେଲେ ଏବେ ଏହାକୁ ମାଧ୍ୟମ କରି ପରିବାର ଚଳାଇବା ବେଶ କଷ୍ଟକର ହେଉଥିବା କହିଛନ୍ତି କାରିଗର । ଏଭଳି ପରିସ୍ଥିତିରେ ଅଣ୍ଟା ଭିଡିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ୍ । ଅନୁଷ୍ଠାନ ପକ୍ଷରୁ ଆଜି ବୈପାରୀଗୁଡା ବ୍ଲକ ରାମଗିରି ବନାଞ୍ଚଳ ଅନ୍ତର୍ଗତ ଖଜୁରୀପଦର ଠାରେ "ବାଉଁଶ ପର୍ବ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଉଁଶ ଚାଷୀ ଏବଂ ବିଭିନ୍ନ ଗ୍ରାମାଞ୍ଚଳ ଲୋକେ ଉପସ୍ଥିତ ଥିବା ବେଳେ ସେମାମଙ୍କୁ ବାଉଁଶର ଚାହିଦା ଏବଂ ବଜାରୀକରଣ ସହ ଆଧୁନିକ କୌଶଳ ଅବଲମ୍ବନ କିପରି କରାଯାଇପାରିବ ସେ ନେଇ ଆଲୋକପାତ କରାଯାଇଛି । ସ୍ୱେଡ୍ ଅନୁଷ୍ଠାନ ଅଧ୍ୟକ୍ଷ ବିଦ୍ୟୁତ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାଇରେକ୍ଟର ଅଫ୍ ଓଡିଶା ବାମ୍ବୁ ଡେଭଲପମେଣ୍ଟ ମିଶନ, କାର୍ତ୍ତିକ ଭି ଯୋଗ ଦେଇଥିବା ବେଳେ ଅନ୍ୟନ୍ୟ ଅତିଥିଭାବେ ମାଲକାନଗିରି ଏସିଏଫ ମନସୁନ ଖେମୁଡୁ, ଜୟପୁର ଏସିଏଫ ପ୍ରଶନ୍ନ କୁମାର ମିଶ୍ର, ଗୁପ୍ତେଶ୍ୱର ରେଞ୍ଜର ଛବି ରନ୍ଧାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଜିଲ୍ଲାପରିଷଦ ସଭ୍ୟ ରାଜେଶ ମହୁରିଆ ଓ ସଭ୍ୟା ମଣି ଜାନି, ରାମଗିରି ସରପଞ୍ଚ କୁମନ ମୁଦୁଲି, ଦଣ୍ଡାବାଡ଼ି ସରପଞ୍ଚ ଚେଣ୍ଡିଆ ଖିଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ରାମଗିରି ଏବଂ ଦଣ୍ଡାବାଡ଼ି ପଞ୍ଚାୟତର ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ । ସ୍ୱେଡ୍ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ୮୪ ମହିଳା ସମ୍ମାନିତ


# ନାରୀ ସଶକ୍ତ ହେଲେ ଦେଶ ଆଗେଇବ



ଉମରକୋଟ,୧୫।୩ (ସମିସ): ପୌର ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳନ ଅବସରରେ ବିଶିଷ୍ଟ ମହିଳା, ସ୍ୱଚ୍ଛସାଥି ଓ ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ ହୋଇଛନ୍ତି । ଉମରକୋଟ ପୌର ପରିଷଦ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ଅବସରରେ ଏକ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସମାଜରେ ଉଲ୍ଲେଖନୀୟ ଓ ଉତ୍ସର୍ଗୀୟ କାର୍ଯ୍ୟ କରୁଥିବା ବିଶିଷ୍ଟ ମହିଳାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଜଣାଯାଇଥିଲା । ସମ୍ବର୍ଦ୍ଧିତ ମହିଳା ମାନଙ୍କ ମଧ୍ୟରେ ଉମରକୋଟ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଯୁକ୍ତା ବେହେରା, ସୁପରଭାଇଜର ସରିତା ଜେନା ଫରେଷ୍ଟ ରେଞ୍ଜର ଦେବସ୍ମିତା ସାହୁ, ଫରେଷ୍ଟର ସ୍ଥିତିପ୍ରଜ୍ଞା ତ୍ରିପାଠୀ, ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାପାତ୍ର, ବରିଷ୍ଠ ସମାଜସେବୀ ତଥା ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଶାନ୍ତି ଲତା ମହାନ୍ତି, ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ ସେବିକା କୁସୁମ ନାୟକ, ଗୁରୁକୃପା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟା ତ୍ରିପାଠୀ, ପିଏମ ଶ୍ରୀ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଆଦିତ୍ୟା ଶର୍ମା ପ୍ରମୁଖ ଥିଲେ । ଏହା ସହିତ ପୌରାଞ୍ଚଳର ସ୍ୱଚ୍ଛତା ବ୍ୟବସ୍ଥାକୁ ସୁଚାରୁ ରଖିବାରେ ଅହର୍ନିଶ ପରିଶ୍ରମ କରୁଥିବା ମହିଳା ସ୍ୱଚ୍ଛସାଥି ଓ ମହିଳା ସଫେଇ କର୍ମଚାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ତାଙ୍କର ଅବଦାନକୁ ସ୍ମରଣ କରି ଉପଢୌକନ ପ୍ରଶଂସା ପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଅତିଥିମାନେ ଉପସ୍ଥିତ ରହି କହିଥିଲେ ଯେ, ମହିଳାମାନେ ଆଜି ସମାଜର ପ୍ରତ୍ୟେକ କ୍ଷେତ୍ରରେ ସ୍ୱୟଂକୁ ପ୍ରମାଣ କରୁଛନ୍ତି । ପରିବାର ଠାରୁ ସମାଜ ଗଠନ ପର୍ଯ୍ୟନ୍ତ ତାଙ୍କର ଅବଦାନ ଅପରିସୀମା ବିଶେଷକରି ସ୍ୱଚ୍ଛତା ଓ ସାମାଜିକ ସେବା କ୍ଷେତ୍ରରେ କାମ କରୁଥିବା ମହିଳାମାନଙ୍କ ଭୂମିକା ପ୍ରଶଂସନୀୟ । କାର୍ଯ୍ୟକ୍ରମରେ ପୌର ପରିଷଦର ଅଧ୍ୟକ୍ଷା ରାଧା ଭତ୍ରା, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ମନ୍ତ୍ରୀ ପ୍ରତିନିଧି ଅଶୋକ ପଢୀ, ସାଂସଦ ପ୍ରତିନିଧି ରାମ ନାୟକ କାଉନ୍ସିଲର ତପନ ଦେବନାଥ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କ ସମ୍ମାନ ଓ ସଶକ୍ତିକରଣ ପାଇଁ ସେମାନଙ୍କୁ ସମ୍ମାନିତ କରିଥିଲେ ।

## କେନାଲରୁ ନାବାଳକଙ୍କ ଶବ ଉଦ୍ଧାର

ଜୟପୁର,୧୫।୩(ସମିସ): ଜୟପୁର ସହରର ପାରାବେଢା ନିକଟସ୍ଥ ଧନପୁର ଡିଷ୍ଟ୍ରିବ୍ୟୁଟର ଉପ କେନାଲରେ ଗାଧୋଇବା ସମୟରେ ଜଣେ ନାବାଳକ କୌଣସି କାରଣରୁ ପାଣିରେ ବୁଡି ପ୍ରାଣ ହରାଇଥିବା ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି । ଆଜି ମଧ୍ୟାହ୍ନରେ ସମୟରେ ଜୟପୁର ମୁଖ୍ୟ କେନାଲ ଫରେଷ୍ଟ ରେଞ୍ଜ ଅଫିସ ପଛପାଖ ନିକଟରେ ଥିବା ଏକ ଗାଧୁଆ ତୁଠରେ କିଛି ବାଳକ ମାନେ ମିଶି ଗାଧୋଉଥିଲେ । ହଠାତ୍ ଛୋଟାଗୁଡା ଅଞ୍ଚଳର ସୋମ ହିଆଲ(୮) ପାଣିରେ ବୁଡିଯାଇଥିଲା । ଟାଉନଥାନା ପୁଲିସକୁ ସୂଚନା ଦିଆଯାଇଥିଲା । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୩ଶହ ମିଟର ପରିଧିରେ ବୁଡିଯାଇଥିବା ନାବାଳକଙ୍କ ଖୋଜଖୋଜି କରିଥିଲେ । କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ଏହାପରେ କିନ୍ତୁ ସ୍ଥାନୀୟ ଯୁବକ ମାନେ ପାଣି ଭିତରେ ଖୋଜାଖୋଜି କରିବା ସହିତ ଅପରାହ୍ନ ୪ଟା ସମୟରେ ନାବାଳକକୁ ଉଦ୍ଧାର କରିବା ସହିତ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ନାବାଳକଙ୍କ ମୃତ୍ୟ ଘୋଷଣା କରିଥିଲେ । ଏଥିନେଇ ଟାଉନଥାନାରେ ଏକ ଅପମୃତ୍ୟୁ ମାମାଲା ରୁଜୁ ହେବା ସହିତ ନାବାଳକଙ୍କ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ପ୍ରାପ୍ତ ହୋଇଛି ।



## ଭିନ୍ନକ୍ଷମ ନାବାଳିକା ଗର୍ଭବତୀ ଘଟଣା

# ସମ୍ପର୍କୀୟ ଦାଦାଙ୍କ ସହ ୨ ଗିରଫ

କୋରାପୁଟ/ବନ୍ଧୁଗାଁ,୧୫।୩ (ସମିସ): ବନ୍ଧୁଗାଁ ବ୍ଲକ କେ ଜାଗୁଗୁଡା ପଞ୍ଚାୟତ ଭଙ୍ଗାତାମୁଡି ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିକା ୬ ମାସର ଗର୍ଭବତୀ ହୋଇ ଥିବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ତୀବ୍ର ଆଲୋଡନ ସୃଷ୍ଟି ହୋଇଥିଲା। ଦିବ୍ୟାଙ୍ଗ ନାବାଳିକା ଜଣକ ମୁକ ହୋଇଥିବାରୁ ଗାଁ କୁଟୁମ୍ବ ଓ ବାପା ମାଆଙ୍କୁ ମୋବାଇଲରେ ଫୋଟ ଦେଖି ଶାରୀରିକ ସମ୍ପର୍କ ରଖିଥିବା ଜଣାଇଥିଲା। ଏଥିପାଇଁ ଗ୍ରାମବାସୀ ଓ ପିତାମାତା ସମ୍ପର୍କୀୟ ଦାଦା ବିଷ୍ଣୁ ମେଲେକା, ଭଙ୍ଗାତାମୁଡି ଓ ଅର୍ଜୁନ ଓରଫ ନୀରୁ ହାରାକାଙ୍କୁ ଡାକି ସତ୍ୟତା ଜାଣିବାକୁ ଗ୍ରାମରେ ଆଲୋଚନା କରିଥିଲେ।




ଗ୍ରାମରେ ୫ ଦିନ ଧରି ଦୁଇ ଜଣ ଯୁବକୁ ନେଇ ପଚରା ଉଚୁରା କରିବା ପରେ ସମ୍ପର୍କୀୟ ଦାଦା ବିଷ୍ଣୁ ମେଲେକା ଦିବ୍ୟାଙ୍ଗ ନାବାଳିକାଙ୍କ ପିତାମାତାଙ୍କ ସହ ଗଣ୍ଡଗୋଳ କରିଥିଲେ। ଦିବ୍ୟାଙ୍ଗ ନାବାଳିକାକୁ ଘରେ ଏକୁଟିଆ ରହିବାର ସୁଯୋଗ ନେଇ ସମ୍ପର୍କୀୟ ଦାଦା ଆସି ଶାରୀରିକ ସମ୍ପର୍କ ରଖୁଥିଲା। ନାବାଳିକା ୬ ମାସର ଗର୍ଭବତୀ ହେବା ପରେ ଘଟଣାର ପ୍ରଘଟ ହୋଇଥିଲା। ପରିବାର ଲୋକେ ଓ ଗ୍ରାମବାସୀ ସମାଧାନ କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ନ୍ୟାୟ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ବନ୍ଧୁଗାଁ ଥାନା ପୁଲିସ ଅଭିଯୁକ୍ତ ମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସିନ୍ଧୁ ସାରାକା ସୂଚନା ଦେଇଛନ୍ତି।

## • ଜିଲ୍ଲାରେ 'ଉଲ୍ଲାସ' ସାକ୍ଷରତା ପରୀକ୍ଷା ଦେଲେ ଜେଲ୍ କଏଦୀ

# ହଜାର ହଜାର ପରୀକ୍ଷାର୍ଥୀ ସାମିଲ



ମାଲକାନଗିରି, ୧୫।୩(ସମିସ): କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନା 'ଉଲ୍ଲାସ' ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ମାଲକାନଗିରି ଜିଲ୍ଲାରେ ଫାଉଣ୍ଡେସନାଲ ଲିଟ୍ରେସି ଏଣ୍ଡ ନ୍ୟୁମେରେସି ଆସେସମେଣ୍ଟ ଟେଷ୍ଟ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜିଲ୍ଲାର ପ୍ରାୟ ୮୬୫ଟି କେନ୍ଦ୍ରରେ ଏହି ପରୀକ୍ଷା ଆୟୋଜନ କରାଯାଇଛି। ଏହା କେନ୍ଦ୍ର ସରକାରଙ୍କ ଏକ ଫ୍ଲାଗସିପ ପ୍ରୋଗ୍ରାମ। ଯାହାର ଲକ୍ଷ୍ୟ ହେଉଛି ୧୫ବର୍ଷ ବୟସରୁ ଊର୍ଦ୍ଧ୍ୱ ଗୋଷ୍ଠୀର ନିରକ୍ଷରଙ୍କୁ ସାକ୍ଷର କରିବା। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅନୁସାରେ ମାଲକାନଗିରି ଜିଲ୍ଲାରେ ଯେତେ ସ୍କୁଲରୁ ୟୁଡାଇସ୍ କୋଡ୍ ଅଛି, ସେଗୁଡିକ ଏଫ୍‌ଏଲ୍‌ଏନ୍‌ଏଟି ପରୀକ୍ଷା କେନ୍ଦ୍ର ରୂପେ ନିର୍ଦ୍ଧାରିତ ହୋଇଛି। ଏହା ସହ ମାଲକାନଗିରି ଜିଲ୍ଲା ଜେଲରେ ଏକ ସ୍ପେଶାଲ ଏଫ୍‌ଏଲ୍‌ଏନ୍‌ଏଟି କେନ୍ଦ୍ର ସ୍ଥାପିତ ହୋଇଛି। ଯେଉଁଠାରେ ପ୍ରାୟ ୨୦୦ ଜଣ କାରାବାସୀ ପରୀକ୍ଷାରେ ସାମିଲ ହୋଇଛନ୍ତି। ମାଲକାନଗିରି ଜିଲ୍ଲାର ଲିଟେରେସି ଟାର୍ଗେଟ ୩୫୦୦୦ ଥିଲାବେଳେ ଆଜିର ପରୀକ୍ଷାରେ ପ୍ରାୟ ୯୬୦୩ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଜଣ ଲିଟେରେସି ପରୀକ୍ଷା ଦେଇଥିବାର ସୂଚନା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ତଦାରଖ ସମୟରେ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ରକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର କର୍ମଚାରୀ ବୃନ୍ଦ ଆଜି ଏହି ପରୀକ୍ଷାକୁ ପରିଚାଳନା କରି ପରିଦର୍ଶନ କରିଛନ୍ତି।

# ନବଦିନ ଘଟଯାତ୍ରା ପାଇଁ ପ୍ରସ୍ତୁତ ବୈଠକ

କାକିରିଗୁମା, ୧୫।୩(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରି ଗୁମାବଡ଼ ଦେବତା ମନ୍ଦିର ସମ୍ମୁଖରେବୈଠକ ଅନୁଷ୍ଠିତ ହୋଇଥିଲା। ଯାତ୍ରା କମିଟିର ସଭାପତି ନବୀନ ଖରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେଇଥିଲା। ଚଳିତ ବର୍ଷ ନବଦିନ ଘଟଯାତ୍ରା ମାର୍ଚ୍ଚ ୨୯ଠାରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ୩୦ ଦିନ ମା'ଙ୍କୁ ସ୍ଥାୟୀ ମନ୍ଦିରରୁ ଗ୍ରାମର ଅସ୍ଥାୟୀ ମନ୍ଦିରକୁ ଅଣାଯିବ। ମାର୍ଚ୍ଚ ୩୧ ତାରିଖ ଦିନ ତିନି ଠାକୁର ସାତ ଘର ପରିକ୍ରମା କରି ଏପ୍ରିଲ୍ ୧ ତାରିଖରେ କାକିରି ଗୁମା ସହର ପରିକ୍ରମା କରିବେ। ଭକ୍ତ ମାନେ ନିଜ ନିଜ ଘର ସମ୍ମୁଖରେ ରହି ଠାକୁର ଦର୍ଶନ କରିବେ। ଯାତ୍ରା ପାଇଁ ଅଞ୍ଚଳରେ ଆଲୋକୀକରଣ ସାଜସଜ୍ଜା



କରିବା ଠାକୁରଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ଶାନ୍ତି ଶୃଙ୍ଖଳା ସହିତ ଦର୍ଶନ କରି ଆଶୀର୍ବାଦ ନେବେ। ଆସନ୍ତା ଏପ୍ରିଲ ୫,୬ ଓ ୭ ତିନି ଦିନ ମନୋରଞ୍ଜନ ପାଇଁ ବ୍ୟବସ୍ଥା କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଗଲା। ବୈଠକରେ ଠାକୁରାଣୀ ପୂଜକ ଜଗ ପ୍ରଧାନୀ ,ବଡ଼ ଦେବତା ପୂଜକ ଶିବ ପୁଜାରୀ, ଉପସଭାପତି ନିରଞ୍ଜନ ନାୟକ, କୋଷାଧକ୍ଷ ଭୁବନେଶ୍ୱର ବିଶୋଇ ଓ ଗୁପ୍ତ କୁଳଦୀପ, ସମାଜ ସେବୀ ଶଙ୍କର ସାଉଁନ୍ତା, ହେମନ୍ତ ବିଶୋଇ ,କମିଟିର ଅନେକ ସଦସ୍ୟ ଓ ବୁଦ୍ଧିଜୀବୀ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମଙ୍କ ସେବା ପ୍ରଦାନକାରୀ କର୍ମୀ ତାଲିମ ଶିବିର

ନବରଙ୍ଗପୁର,୧୫।୩(ସମିସ): ନବରଙ୍ଗପୁର ଜିଲ୍ଲା ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷ ଠାରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ ତଥା ପୌରାଞ୍ଚଳର ୭୦ ଜଣ ଅଙ୍ଗନବାଡି କର୍ମୀଙ୍କ ଏକ ଭିନ୍ନକ୍ଷମଙ୍କ ସେବା ପ୍ରଦାନକାରୀ କର୍ମୀ ତାଲିମ ଓଡିଶା ରାଇଜିଙ୍ଗ ଫାଉଣ୍ଡେସନ ଓ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ନବରଙ୍ଗପୁର ଦ୍ୱାରା ଆୟୋଜନ ହୋଇଛି। କାର୍ଯ୍ୟକ୍ରମର ସ୍ୱାଗତ ଅଭିଭାଷଣରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ନବରଙ୍ଗପୁର ଅଧିକାରୀ ସୁଧାଂଶୁ ପାତ୍ର ପ୍ରଦାନ କରିବା ସହିତ ଏହି ତାଲିମର ଉପଯୋଗୀତା ବିଷୟରେ ଆଲୋକପାତ କରିଥିଲେ। ନବରଙ୍ଗପୁର ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ମିନତୀ ନାୟକ ତୃଣ ମୂଳ ସ୍ତରରେ କାର୍ଯ୍ୟରତ କର୍ମୀ ତାଲିମ ମାଧ୍ୟମରେ ବିଭିନ୍ନ ଭିନ୍ନକ୍ଷମ ଚିହ୍ନଟ କରିବା ମାନଦଣ୍ଡ ଜାଣି ରଖିବାକୁ ଆହ୍ୱାନ ଦେଇଥିଲେ କ୍ଷ ନବରଙ୍ଗପୁର ପୌର ପରିଷଦ କାଉନ୍ସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ ଭିନ୍ନକ୍ଷମଙ୍କ ସେବାର ନିଜ ଅଭିଜ୍ଞତା ଜଣେଇବା



ସହ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟେର ଉପସ୍ଥାପନା କରିଥିଲେ। ଓଆର୍‌ଏଫ୍ ଅନୁଷ୍ଠାନର ସୁବାସିତ ପାତ୍ର ଓଆର୍‌ଏଫ୍ ଜୟପୁର ଠାରେ ପ୍ରେମକୁଞ୍ଜ ସ୍ୱତନ୍ତ୍ର ବିଦ୍ୟାଳୟ କିପରି ଭିନ୍ନକ୍ଷମ ପିଲାଙ୍କ ଅଭିବୃଦ୍ଧିରେ ସହାୟକ ହୋଇପାରୁଛି ତାହା ସୂଚାଇ ଥିଲେ। ପ୍ରେମକୁଞ୍ଜ ସ୍ୱତନ୍ତ୍ର ବିଦ୍ୟାଳୟର ଏକ ଭିନ୍ନକ୍ଷମ ଛାତ୍ରୀ ଶ୍ରାବ୍ୟାଙ୍କ ମାଆ ପ୍ରସନ୍ନା ନିଜ ଝିଅର ସମସ୍ୟାରେ ନିଜେ ତଥା ନିଜ ପରିବାର କିପରି ଆହ୍ୱାନର ଲଢେଇ ଜାରି ରଖିଛନ୍ତି ତାହା ବ୍ୟକ୍ତ କରିଥିଲେ। ଭିନ୍ନକ୍ଷମ ବିଷୟରେ ସବିଶେଷ ଧାରଣା ପ୍ରଦାନ କରିଥିଲେ ଜୟପୁର ପ୍ରେମକୁଞ୍ଜ ସ୍ୱତନ୍ତ୍ର ବିଦ୍ୟାଳୟର ଫିଜିଓଥେରାପିଷ୍ଟ ଶାବନ ସୁନ୍ଦର। ଶେଷରେ ଆଗାମୀ ଦିନରେ ନବରଙ୍ଗପୁର ଜିଲ୍ଲାର ଭିନ୍ନକ୍ଷମଙ୍କ ଆବଶ୍ୟକୀୟ ସେବା ଚିହ୍ନଟ କରି ନବରଙ୍ଗପୁର ଠାରେ ଓଆର୍‌ଏଫ୍‌ର ସେଣ୍ଟର ସ୍ଥାପନର ବ୍ୟବସ୍ଥା କରିବା ପ୍ରସ୍ତାବ ସହ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ ନିମନ୍ତେ ନବରଙ୍ଗପୁର ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଓ ସୁପରଭାଇଜର, ଅଙ୍ଗନବାଡି କର୍ମୀ ଏବଂ ନବରଙ୍ଗପୁର ପୌର ପରିଷଦ କାଉନ୍ସିଲର ନଗେନ୍ଦ୍ର ପଟ୍ଟନାୟକ ଓ ଓ.ଆର୍.ଏଫ୍.ର କର୍ମକର୍ତ୍ତା ଓ ତାଲିମର ଆର୍ଥିକ ସହାୟତା ପ୍ରଦାନ କରୁଥିବା ଏକୁମେନିକାଲ ସେଣ୍ଟର, ଜର୍ମାନୀଙ୍କୁ ଧନ୍ୟବାଦ ସହ ତାଲିମ ସମାପ୍ତ ହୋଇଥିଲା

# ଭିଏଚ୍‌ପିର ପ୍ରାନ୍ତ ପ୍ରବନ୍ଧ ସମିତି ବୈଠକ ଉଦ୍‌ଯାପିତ

ଜୟପୁର, ୧୫।୩(ସମିସ) : ବିଶ୍ୱ ହିନ୍ଦୁ ପରିଷଦର ଜୟପୁର ଠାରେ ଅନୁଷ୍ଠିତ ଦୁଇ ଦିନିଆ ପ୍ରାନ୍ତ ପ୍ରବନ୍ଧ ସମିତି ବୈଠକ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗେଟଗୁଡା ଠାରେ ରହିଥିବା ଶିକ୍ଷା ବିକାଶ ସମିତିର ଦକ୍ଷିଣ ସମ୍ଭାଗ ସରସ୍ୱତୀ ପ୍ରଶିକ୍ଷଣ ମନ୍ଦିର ଠାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ ନଗର ସଭାପତି ଭାବେ ଶଶି ଭୂଷଣ ଦାସ, ଉପ ସଭାପତି ଭାବେ ରାଜ କିଶୋର ଦାସ ଓ ସହ ସମ୍ପାଦକ ଭାବେ ଲକ୍ଷ୍ମୀ ନାରାୟଣ ପାଢ଼ିଙ୍କୁ ନିଯୁକ୍ତି ଘୋଷଣା କରାଯାଇଛି। ଏଥିରେ ପରିଷଦର ଓ?ଶା ପଶ୍ଚିମ ପ୍ରାନ୍ତ ଅନ୍ତର୍ଗତ ୭ଟି ବିଭାଗସ୍ଥ ୨୨ ଜିଲ୍ଲାର କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡା ଏବଂ ବିଭାଗ ସମ୍ପାଦକ ନବକୃଷ୍ଣ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଭାବେ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସୋହନ୍ ସିଂ ସୋଲାଙ୍କି ଯୋଗ ଦେଇଥିବା ବେଳେ ପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟ ନାରାୟଣ ଥାନାପତି, ପ୍ରାନ୍ତ ସଂପାଦକ ଯୋଗେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବୈଠକରେ ଆଗାମୀ ଦିନରେ ହେବାକୁ ରହିଥିବା ଦୁର୍ଗା ବାହିନୀର ପ୍ରଶିକ୍ଷଣ ବର୍ଗ, ମାତୃଶକ୍ତି ପ୍ରାନ୍ତ ପ୍ରଶିକ୍ଷଣ ବର୍ଗ ଏବଂ ବଜରଙ୍ଗ ଦଳ ପ୍ରାନ୍ତ ପ୍ରଶିକ୍ଷଣ ବର୍ଗ ଉପରେ ଆଲୋଚନା ହୋଇଥିଲା।

# ନିର୍ମାଣ ଶ୍ରମିକ ସହାୟତା ବଣ୍ଟନରେ ଅନିୟମିତତା ଅଭିଯୋଗ




ନବରଙ୍ଗପୁର,୧୫।୩(ସମିସ): ଜିଲ୍ଲା ରାଜମିସ୍ତ୍ରୀ ଓ ନିର୍ମାଣ ଶ୍ରମି ଶ୍ରମିକ ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ନବରଙ୍ଗପୁର ପାତ୍ରମୁଣ୍ଡା ଛକ ନିକଟରେ ଆୟୋଜିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ ମାନଙ୍କ ସହାୟତା ବଣ୍ଟନ ଓ ନିର୍ମାଣ ଶ୍ରମିକ ପଞ୍ଜୀକରଣ କ୍ଷେତ୍ରରେ ବହୁତ ଦୁର୍ନୀତି ଓ ଅନିୟମିତତା ଦେଖାଦେଇଥିବା ନେଇ ଅଭିଯୋଗ କରିଛି ସଂଗଠନ। ଏହି ସାମ୍ବାଦିକ ସମ୍ମିଳନୀରେ ଜୀବିତ ଥିବା ଶ୍ରମିକ ମାନଙ୍କୁ ମୃତ ଦର୍ଶାଇ ଶ୍ରମ ବିଭାଗ କର୍ମଚାରୀ, ଅନ୍ୟାନ୍ୟ ଜିଲ୍ଲା ପ୍ରଶାସନର କର୍ମଚାରୀ ସାଥି ମିଳିତ ହୋଇ କିଛି ବେସରକାରୀ ଦଲାଲ ମାନଙ୍କୁ ସାଥୀ କରି ଲକ୍ଷ ଲକ୍ଷ ଟଙ୍କା ଉଠାଇ ଖାଇଥିବା କହିବା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ଓ ଜିଲ୍ଲା ଶ୍ରମବିଭାଗ ମୁଖ୍ୟଙ୍କ ଦ୍ୱାରା ସଠିକ୍ ତଦନ୍ତ ନ କରି ଓ ଉକ୍ତ ଦୁର୍ନୀତି ସହ ଜଡିତ ବ୍ୟକ୍ତି ବା ସରକାରୀ କର୍ମଚାରୀମାନଙ୍କୁ ଚାକିରିରୁ ବହିଷ୍କାର ନକରି ଭଳି କିଛି ମାମୁଲି ଦଲାଲ ମାନଙ୍କୁ ଗିରଫ କରାଯିବା ଭଳି ପଦକ୍ଷେପ ସନ୍ଦେହ ବଢ଼ାଉଛି। । ଏହି ଘଟଣାର ତଦନ୍ତ ଆଳରେ ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ମୁଖ୍ୟ ଅଧିକାରୀ ବର୍ତ୍ତମାନ ଜିଲ୍ଲା ମଧ୍ୟରେ ଜୀବିତ ଥିବା ହଜାର ହଜାର ନିର୍ମାଣ ଶ୍ରମିକ ଓ ଅଣ ସଂଗଠିତ ଶ୍ରମିକ ମାନଙ୍କ ସହାୟତା ପାଇବା ଅଧିକାରକୁ ବନ୍ଦ କରିଛନ୍ତି। ଜିଲ୍ଲା ଶ୍ରମ ବିଭାଗରେ ଦଲାଲ ମାନଙ୍କ ଦ୍ୱାରା ଟଙ୍କା ଦେଇ ଓ ଲାଞ୍ଚ ଦେଲେ ହିଁ ପଞ୍ଜୀକୃତ କାର୍ଡ ଶୀଘ୍ର ମିଳୁଛି। ତେଣୁ ଗରିବ ଶ୍ରମିକ ଦଲାଲ ମାନଙ୍କ ପାଖରେ ଅଧିକ ସଂଖ୍ୟାରେ ଯାଆନ୍ତି। ଅନ୍‌ଲାଇନ ପଞ୍ଜୀକରଣ ପରେ ଯିଏ ଦଲାଲ ଧରିକି ଟଙ୍କା ଦେଲା, ତାଙ୍କୁ ପ୍ରଥମେ ପଞ୍ଜୀକରଣ ପତ୍ର ମିଳୁଛି। ଶେଷରେ ଆଜିକୁ ପ୍ରାୟ ୨ ବର୍ଷ ହେବ ସଠିକ୍ ଭାବରେ ନିର୍ମାଣ ଶ୍ରମିକ ମାନଙ୍କୁ ନିର୍ମାଣ ଶ୍ରମିକ ସହାୟତା ମିଳିନାହିଁ। ବର୍ତ୍ତମାନ ସୁଦ୍ଧା ବହୁତ ନିର୍ମାଣ ଶ୍ରମିକ ସହାୟତା ନିମନ୍ତେ ଆବେଦନ କରିଛନ୍ତି। କିନ୍ତୁ ମିଳିପାରି ନାହିଁ ବୋଲି କହିଛନ୍ତି ଜିଲ୍ଲା ସମ୍ପାଦକ ରାଜେଶ ଜାନୀ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ବିପିନ ନାଗ, ଜିଲ୍ଲା ଆଇନ ପରାମର୍ଶ ଦାତା ଆଶ୍ରୁ ଜାନି, ଜିଲ୍ଲା ଉପଦେଷ୍ଟା ସିରଜ୍ ଉଦ୍ଦିନ ଅହମ୍ମଦ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ତେଲୁଗୁ ସମ୍ପ୍ରଦାୟର ନବବର୍ଷ 'ଉଗାଦି' ପାଇଁ ପ୍ରସ୍ତୁତି



ଜୟପୁର,୧୫।୩(ସମିସ) : ତେଲୁଗୁ ସମ୍ପ୍ରଦାୟର ନବବର୍ଷ ପାଳନ ପାଇଁ ଜୟପୁର ତେଲୁଗୁ ସାଂସ୍କୃତିକ ସମିତି ପକ୍ଷରୁ "ଉଗାଦି" ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ପରିସରରେ ନୃତ୍ୟ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମିତିର ଅଧ୍ୟକ୍ଷ ବିରେଶ ପଟ୍ଟନାୟକ ସୂଚନା ଅନୁଯାୟୀ ସହରର ବିଭିନ୍ନ ନୃତ୍ୟ ଏକାଡେମୀରୁ ଆସିଥିବା ପ୍ରତିଯୋଗି ମାନଙ୍କ ମଧ୍ୟରୁ ତେଲୁଗୁ ସଙ୍ଗୀତ ଉପରେ ଆଧାରିତ ଏକକ, ଯୁଗଳ ଓ ଦଳଗତ ନୃତ୍ୟ ବିଭାଗରେ ସର୍ବୋତ୍କୃଷ୍ଟ ତିନୋଟି ଦଳ ଚୟନ କରାଯାଇଛି। ଏହି ଦଳଗୁଡ଼ିକ ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ଆୟୋଜିତ ହେବାକୁ ଥିବା ଉଗାଦି ଉତ୍ସବରେ ନିଜର ପ୍ରଦର୍ଶନ କରିବେ ଏବଂ ଶ୍ରେଷ୍ଠ ୩ଟି ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯିବ। ରଙ୍ଗୋଲି ପ୍ରତିଯୋଗିତାରେ ମୋଟ ୧୫ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଦ୍ୱିତୀୟ ତୁଳସୀ ନାୟର ଏବଂ ତୃତୀୟ ପୁରସ୍କାର ପି.ଉମାଙ୍କୁ ଅର୍ଥ ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଶି ପଟ୍ଟନାୟକ, ସଦସ୍ୟ ଏ.ଶ୍ରୀନିବାସ ରାଓ, ପି ଶ୍ରୀନିବାସ ରାଜୁ, କେ ରାମକୃଷ୍ଣ , ବି ସତିଶ, ସୁଧାକର ପଟ୍ଟନାୟକ, ପ୍ରତାପ ପଟ୍ଟନାୟକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ପ୍ରଥମ ପୁରସ୍କାର ବିଜେତା କେ.ବସୁନ୍ଧରା ଙ୍କୁ ଉଗାଦି ଅବସରରେ ମଞ୍ଚରେ ପୁରସ୍କାର ପ୍ରଦାନ କରାଯିବ। ଉଗାଦି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ନାୟକ ଉପସ୍ଥିତ ରହିବେ। ସେହିପରି ଆସନ୍ତା ୧୯ ତାରିଖରେ କନିଷ୍ଠ ଓ ବରିଷ୍ଠ ବର୍ଗର ଚିତ୍ରାଙ୍କନ ପ୍ରତିଯୋଗିତା, ତେଲୁଗୁ ପାରମ୍ପରିକ ପୋଷାକ ପ୍ରଦର୍ଶନୀ ଓ ରନ୍ଧନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ ଏବଂ ୨୦ ତାରିଖରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ରହିଥିବା ବିଭିନ୍ନ ସ୍ମୃତି ଭାବେ ପୁରସ୍କାରରେ ପୁରସ୍କୃତ କରାଯିବ ଏବଂ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଉପସ୍ଥିତ ରହିବେ।

# ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୋରିଗୁମ୍ମା, ୧୫।୩ (ସମିସ):

କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସର୍ଗିଗୁଡା ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନର୍ମଦା ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ମାଝୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଯୁକ୍ତା ପଣ୍ଡା, ସ୍ଥାନୀୟ ସରପଞ୍ଚ ଭଗବାନ ଜାନି , ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଟି. ଶୈଳଜା, ସିଆରସିସି ରଜନୀକାନ୍ତ ଗରଡ଼ା, ବିଦ୍ୟାଳୟର ସଭାପତି ଉମେଶ ଚନ୍ଦ୍ର ନାୟକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଓ ସଂଯୁକ୍ତା ପଣ୍ଡାଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଅତିଥି ମାନେ ନିଜ ଅଭିଭାଷଣ ମାଧ୍ୟମରେ ବିଦ୍ୟାଳୟର ସାମାଜିକ ଦାୟିତ୍ୱ ନେଇ ପ୍ରତି ବର୍ଷ ଲଗାତାର ସଫଳତା ଓ ଉନ୍ନତି ମୂଳକ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ୫୦ରୁ ଅଧିକ ଦଳୀୟ ନୃତ୍ୟ, ବ୍ୟକ୍ତିଗତ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଓ ସଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବାର୍ଷିକ ଉତ୍ସବକୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ପ୍ରସିଦ୍ଧ ଧୋଡ୍ରା ମଣ୍ଡେଇ ଆରମ୍ଭ

ଉମରକୋଟ,୧୫।୩(ସମିସ): ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ ଉମରକୋଟ ଥାନା ଅଧୀନରେ ଥିବା ଧୋଡ୍ରା ଠାରେ ବହୁ ପୁରାତନ ମା' ଇଂଗଲା ଦେବୀଙ୍କ ମଣ୍ଡେଇ ପ୍ରତିବର୍ଷ ହୋଲିର ଠିକ ଏକ ସପ୍ତାହ ପରେ ଆରମ୍ଭ ହୁଏ। ବହୁ ପୁରାତନ କାଳରୁ ଏହି ମଣ୍ଡେଇ ଚାଲି ଆସିଛି। ରାଜା ମହାରାଜାଙ୍କ ଅମଳରୁ ଚାଲିଛି ଏହି ମଣ୍ଡେଇ। ତିନି ଦିନ ଧରି ଚାଲିଥାଏ ଏହି ମଣ୍ଡେଇ। ଉକ୍ତ ମଣ୍ଡେଇ ଅଞ୍ଚଳର ଅନେକ ଗ୍ରାମରୁ ଲାଠି, ପାଲକି, ସିରା ଆସି ପୂଜା କରିଥାନ୍ତି। ଶନିବାର ଠାରୁ ଆରମ୍ଭ ହୋଇ ସୋମବାର ଦିନ



ବଉଳାଣି ଯାତ୍ରା ଅର୍ଥାତ ମାଁ ଙ୍କୁ ପାଛୋଟି କରି ନିଅନ୍ତି ଉକ୍ତ ଦିନରେ। ଏହି ମଣ୍ଡେଇକୁ ଉପଭୋଗ କରିବା ପାଇଁ ବହୁ ଦୂର ଦୁରାନ୍ତରରୁ ଶ୍ରଦ୍ଧାଳୁ, ଦର୍ଶକ ଆସିଥାନ୍ତି। ଲୋକଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର ଦୋକାନ ବଜାର, ଖେଳନା ଦୋକାନ, ମିନାବଜାର ବସିଥାଏ। ଏହି ମଣ୍ଡେଇକୁ କମିଟିର ସଭାପତି ମହେନ୍ଦ୍ର ଭତ୍ରା, ଉପ ସଭାପତି ଦୁବରାଜ ସିଂ, ସମ୍ପାଦକ କେଦାରେଶ୍ୱର ପଟ୍ଟନାୟକ, କୋଷାଧକ୍ଷ ହେମନ୍ତ ପଲେଇ , ଉପଦେଷ୍ଟା , ବଂଶିଧର ଭୂୟାଁ, ପ୍ରତିମ ମାତ୍ରା , ମହେଶ୍ୱର ହରିଜନ ଓ ହନୁ ଗାଉଟିଆ ପ୍ରମୁଖ ସଦସ୍ୟଙ୍କ ସହଯୋଗରେ ସଫଳ କରିଥାନ୍ତି।

# ପଡ଼ିରହିଛି ରେଳବାଇ ଖେଳପଡ଼ିଆ, ହେଉନି ଖେଳ



ଲକ୍ଷ୍ମୀପୁର,୧୫।୩(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ରେଳବାଇ ଠାରେ ବିରାଟ ଖେଳ ପଡ଼ିଆ ରହିଛି। ଏହା ଏତେ ସୁନ୍ଦର ପଡ଼ିଆ ଯେ ତାହା କହିଲେ ନ ସରେ। ଏହି ପଡ଼ିଆ ଏଠାରେ ଯେବେ ଠାରୁ ରେଳ ଲାଇନ ଆରମ୍ଭ ହେଲା ସେବେ ଠାରୁ ରହିଛି। ଏହା ଅନେକ ବର୍ଷ ହେଲାଣି ପଡ଼ି ରହିଛି। ଏହାକୁ କୌଣସି ପ୍ରକାରେ ରକ୍ଷଣାବେକ୍ଷଣ ହେଉ ନାହିଁ କି ଉନ୍ନତିକରଣ କିଛି ମଧ୍ୟ କରା ଯାଉ ନାହିଁ। ସେପରି ଅବସ୍ଥାରେ ପଡ଼ି ରହିଛି। ଏହି ପଡ଼ିଆରେ ୧୫ରୁ ୨୦ ବର୍ଷ ପୂବେ ଜିଲ୍ଲା ଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ କ୍ରିକେଟ୍ ଖେଳ ପ୍ରତିଯୋଗିତାମାନ ଆୟୋଜନ ରେଳ ବିଭାଗ ପକ୍ଷରୁ କରାଯାଉଥିଲା। ଏଠି ସେହିସ୍ତରୀୟ ଖେଳଦେଖିବା ପାଇଁ ବହୁଦୂରଦୂରାନ୍ତରୁ ଦର୍ଶକ ଆସି ଖେଳ ଦେଖିବାର ସୁଯୋଗ ପାଉଥିଲେ। ବହୁ ବଡ଼ ବଡ଼ ଖେଳାଳି ମାନଙ୍କୁ ଏଠି ଖେଳ ପ୍ରତିଯୋଗିତା ହେଉଥିବା ସମୟରେ ଦେଖିବାକୁ ସୁଯୋଗ ମିଳୁଥିଲା। ଏବେ କିନ୍ତୁ ଏହି ପଡ଼ିଆରେ ଆଉ କିଛି ଖେଳର ଆୟୋଜନ ହେଉ ନ ଥିବାରୁ ଖେଳ ପ୍ରେମୀ ନିରାଶ ହେଉଛନ୍ତି। ଏଠି ବଡ ବଡ ଖେଳାଳିଙ୍କୁ ନିକଟରେ ଦେଖିବା ଓ ସେମାନଙ୍କର ଖେଳକୁ ମଧ୍ୟ ଅନୁସରଣ କରି ସେମାନଙ୍କ ଠାରୁ ପ୍ରେରଣା ନେବାର ସୌଭାଗ୍ୟ ମଧ୍ୟ ପାଉଥିଲେ ଏବଂ ଖେଳ ପ୍ରତି ଉତ୍ସାହ ମଧ୍ୟ ଯୋଗାଉ ଥିଲା। ବର୍ତ୍ତମାନ ସମୟରେ ଖେଳକୁଦ ସବୁଠାରୁ ପ୍ରଥମ ସ୍ଥାନରେ ରହିଛି। ଏଥିପ୍ରତି ସବୁ ପିଲା ଓ ଅଭିଭାବକ ମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ପୂର୍ବ ଭଳି ଯଦି ଏଠି ଖେଳକୁଦ ଗୁଡ଼ିକ ଆୟୋଜନ କରାଯାଏ ତେବେ ସ୍ଥାନୀୟ ଅଞ୍ଚଳର ଅନେକ ଖେଳପ୍ରେମୀ ମାନଙ୍କୁ ଉତ୍ସାହ ଯୋଗାଇ ଥାନ୍ତା। ଏନେଇ କିଛି ସ୍ଥାନୀୟ ଅଞ୍ଚଳବାସୀ ରେଳବାଇ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ପୂର୍ବ ଭଳି ଏହି ପଡ଼ିଆରେ ଖେଳକୁଦର ଆୟୋଜନ କରି ପଡ଼ିଆର ମର୍ଯ୍ୟାଦା ବଢ଼ାଇବା ସହ ଖେଳ ପ୍ରେମୀଙ୍କ ପାଇଁ ଦେଖିବା ଏବଂ ଶିଖିବା ଭଳି ସୁଯୋଗ ମିଳିବା ନେଇ ଆଲୋଚନା କରିବାକୁ କହିଛନ୍ତି। ଅନ୍ୟ ପକ୍ଷରେ ଆସିଷ୍ଟାଣ୍ଟ ଡିଭିଜନ ଇଞ୍ଜିନିୟର ୱାଇ ନାରାୟଣ ରାଓ ଏହା ଉପରେ ଚିନ୍ତାକରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଜମି ମାପରେ ସୀମିତ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟ

ନନ୍ଦପୁର,୧୫।୩ (ସମିସ):

ପଡ଼ୋଶୀ ବ୍ଲକରେ ନୂତନ ସରକାରୀ ବସ୍‌ଷ୍ଟାଣ୍ଡ ଝଟକୁ ଥିବା ବେଳେ ନନ୍ଦପୁର ବ୍ଲକରେ ଲାଗୁଛି ଝଟ୍‌କା ଉପରେ ଝଟ୍‌କା। ନୂତନ ସରକାରୀ ବସ୍‌ଷ୍ଟାଣ୍ଡ ଗୋଟେ ପରେ ଗୋଟେ ଜନତାଙ୍କ ସେବାରେ ଲୋକାର୍ପିତ ହେଉଥିବା ବେଳେ ନନ୍ଦପୁର ବ୍ଲକରେ ବସ୍ ଷ୍ଟାଣ୍ଡ ନିର୍ମାଣ ପରିକଳ୍ପନା ଆଜିଯାଏ ଜମି ମପାରେ ହିଁ ସୀମିତ ରହିଛି। ଦୀର୍ଘଦିନ ଧରି ଏହି ପ୍ରକଳ୍ପକୁ ନେଇ ଆଶା ଜନ୍ମ ନେଇଥିଲେ ମଧ୍ୟ ବ୍ୟବହାରିକ କାର୍ଯ୍ୟ ଆଗକୁ ବଢୁନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସୂଚନା ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ଦୁଇଥର ବସ୍‌ଷ୍ଟାଣ୍ଡ ପାଇଁ ଜମି ମପା କାର୍ଯ୍ୟ ସମ୍ପନ୍ନ



କେବେ ହେବ ପୂରଣ ?

ହୋଇଥିଲା। ସେଥିପାଇଁ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ମଧ୍ୟ ଲଗାଯାଇଥିଲା। ଏହା ପରେ ସ୍ଥାନୀୟ ଲୋକଙ୍କ ମନରେ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ଜନ୍ମ ନେଇଥିଲା। କିନ୍ତୁ ସମୟ ବିତିବା ସହିତ ଏହି ପ୍ରକଳ୍ପ ଆଗକୁ ବଢ଼ିବାର କୌଣସି ସ୍ପଷ୍ଟ ଚିତ୍ର ଦେଖାଯାଇନଥିଲା। ଅନ୍ୟପଟେ, ଗତ ଦୁଇ ମାସ ପୂର୍ବରୁ ପଡୋଶୀ ଲମତାପୁଟ ବ୍ଲକରେ ନୂତନ ସରକାରୀ ବସ୍‌ଷ୍ଟାଣ୍ଡର ଭବ୍ୟ ଉଦ୍‌ଘାଟନ ହୋଇ ଯାତ୍ରୀ ସେବା ଆରମ୍ଭ ହୋଇଥିବା ବେଳେ ନନ୍ଦପୁରରେ ଏହି ପ୍ରକଳ୍ପ ଜମି ମପାରେ ହିଁ ଅଟକି ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଛି। ସେପଟେ ଜମି ମପା ସମୟରେ କିଛି ରାଜନୈତିକ ଦଳର ନେତାମାନେ ରାଜ୍ୟ ପରିବହନ ବିଭାଗୀୟ ଅଧିକାରୀଙ୍କ ସହିତ ଫଟୋ ଉତ୍ତୋଳନ କରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବାହାବା ନେଉଥିବା ଦେଖାଯାଇଥିଲା। କିନ୍ତୁ ଜମି ମାପରୁ ମାସେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ନା ନେଉନି। ଏହି ପରିସ୍ଥିତିରେ ନନ୍ଦପୁର ଅଞ୍ଚଳର ସାଧାରଣ ଲୋକ ଏବଂ ସାଧାରଣ ଯାତ୍ରୀ ଏହା ମଧ୍ୟ କେବଳ ଘୋଷଣାରେ ସୀମିତ ରହିଯିବ କି ବୋଲି ପ୍ରଶ୍ନ କରିବା ସହ ଶୀଘ୍ର ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ପରିକଳ୍ପନାର ବାସ୍ତବ ରୂପ ଦିଆଯାଉ ବୋଲି ଦାବି କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ସର୍ବୋତ୍ତମ ଯୁଦ୍ଧକଳା ହେଲା ବିନା ପ୍ରତ୍ୟକ୍ଷ ସଂଘର୍ଷରେ ଶତ୍ରୁ ଉପରେ ବିଜୟ ହାସଲ କରିବା
- (ଆର୍ଟ ଅଫ୍ ୱାର୍) ସୁନ୍ ତ୍ସୁ

## ପ୍ରଚାର-ଅପପ୍ରଚାର

ସତ୍ୟ ଓ ଅସତ୍ୟକୁ ଆମେ ଯଥାକ୍ରମେ ପ୍ରଚାର ଓ ଅପପ୍ରଚାର ବିଭାଜିତ କରିପାରିବା। ଅସତ୍ୟ ବା ଅପପ୍ରଚାରର ଗ୍ରହଣୀୟତାକୁ ବିଚାର କଲେ ସତ୍ୟର ସ୍ଥିତି ନଗଣ୍ୟ। ଯେମିତି କଥାରେ ଅଛି ତିନି ତୁଣ୍ଡରେ ଛେଳି କୁକୁର। ତେଣିକି ସେ ରଣକ୍ଷେତ୍ର ହେଉକି କ୍ଷମତା ଯୁଦ୍ଧ ଅପପ୍ରଚାରକୁ ରଣନୀତିକ ଆବଶ୍ୟକତା ରୂପେ ମାନ୍ୟତା ମିଳିଯାଇଛି । ଏହି ଅପପ୍ରଚାରର ମାଧ୍ୟମ ପାଲଟିଛି ଗଣମାଧ୍ୟମ। ଏଭଳି ଏକ ପରିସ୍ଥିତିରେ ବାସ୍ତବ ଚିତ୍ର ଓ ଘଟଣାକ୍ରମର ଯଥାର୍ଥତା ନେଇ ହଠାତ୍ ଉପସଂହାରେ ପହଞ୍ଚିବା ସମ୍ଭବ ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ୱୀକୃତ ତିନିଟି ସ୍ତମ୍ଭକୁ ବାଦ୍ ଦେଲେ ବ୍ୟବସ୍ଥାର ପ୍ରକୃତ ସ୍ଥିତି ସମ୍ପର୍କରେ ଅବଗତ କରାଇ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ମାନ୍ୟତା ଦିଆଯାଇଛି। ଆମେ ଯେଉଁ ଗଣତାନ୍ତ୍ରିକ କଥା ଉଲ୍ଲେଖ କରିଛୁ ତାହା ଉପରେ କ୍ଷମତାକେନ୍ଦ୍ରରେ ନିର୍ଭରଶୀତେ ଏତେ ବଢ଼ିଯାଇଛି ଯେ ଗଣମାଧ୍ୟମ ଏକ ପ୍ରକାର ଶ୍ୱାସରୁଦ୍ଧ ଅବସ୍ଥାରେ ଦାୟିତ୍ୱ ନିଭାଇବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ଚାପ ଓ କଠୋର କଟକଣା ନିକଟରେ ନତ ମସ୍ତକ ହେବା ବ୍ୟତୀତ ଅନ୍ୟକୌଣସି ବିକଳ୍ପ ଥିଲା ଭଳି ମନେହେଉନି। ଦୈନନ୍ଦିନର ଘଟଣା, ଦୁର୍ଘଟଣା ଓ କ୍ରୀଡ଼ାସମ୍ବାଦକୁ ବାଦ୍ ଦେଲେ ଅବଶିଷ୍ଟ ବିଷୟବସ୍ତୁରେ ନିରପେକ୍ଷତା ଆଶାକଲେ ନିରାଶ ହେବାକୁ ପଡ଼ିବ। ପ୍ରବଞ୍ଚନା, ପ୍ରତାରଣା ଓ ଆତ୍ମଘୋଷିତ ଅହଂକାରର ପ୍ରଚାର ମଧ୍ୟରେ ମନରେ ସନ୍ଦେହ ଉଙ୍କିମାରେ ଏହା ଅସତ୍ୟର ଅପପ୍ରଚାର ନୁହେଁ ତ? ସତ୍ୟକୁ ଖୋଜିବା ଓ ସାଉଁଟିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିଲେ ମଧ୍ୟ ଏତେ ସମୟ ଅପଚୟ କରି ଯେଉଁ ସତ୍ୟର ସନ୍ଧାନ ହେବ ତାହାର ଉପଯୋଗିତା ବା କେତେ? କ୍ରମାଗତ ମିଥ୍ୟାର ଅପପ୍ରଚାର ଏଭଳି ଆସ୍ଥାନ ଜମାଇ ସାରିଥିବ ଯେ ସତ୍ୟ ଗ୍ରହଣୀୟତା ହରାଇବା ଏକ ପ୍ରକାର ନିଶ୍ଚିତ।

ଏହା କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରର ନୀତି ବା ଆଦର୍ଶ ଏ କଥା ନୁହେଁ। ବିଶ୍ୱର ଅଧିକାଂଶ ଶକ୍ତିଶାଳୀ ରାଷ୍ଟ୍ର ନିଜର ପ୍ରଭାବ ଓ ପତିଆରାକୁ ସୁରକ୍ଷିତ ରଖିବା ସକାଶେ ଗଣମାଧ୍ୟମକୁ ସ୍ୱାଧୀନତା ଓ ନିରପେକ୍ଷତାକୁ ହନନ କରୁଛନ୍ତି। ନେତାଙ୍କ ବକ୍ତବ୍ୟ ଓ ଅସତ୍ୟ ଇସ୍ତାହାରର ପ୍ରଚାର ଓ ପ୍ରସାରର ମାଧ୍ୟମ ହୋଇଛି ଗଣମାଧ୍ୟମ। କିଛି ପାଠକଙ୍କ ମନରେ ସନ୍ଦେହ ଉପୁଜିପାରେ ହଠାତ୍ ଏହି ପ୍ରସଙ୍ଗ ଆଜି କାହିଁକି ? ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଯୁଦ୍ଧ ଘନଘଟା ସମଗ୍ର ବିଶ୍ୱରେ ତୈଳ ଓ ଇନ୍ଧନ ଗ୍ୟାସ୍‌କୁ ନେଇ ଆତଙ୍କ ସୃଷ୍ଟି କରିଥିବାବେଳେ ସ୍ୱାଭାବିକତା ଫେରିବା ସକାଶେ ଯେ କେହି ଆଶା କରିବ ତୁରନ୍ତ ଏହି ବିପର୍ଯ୍ୟୟରେ ପୂର୍ଣ୍ଣଚ୍ଛେଦ ପଡୁ ବା ବିରାମ ଘଟୁ। ଯୁଦ୍ଧ ଏଥିମଧ୍ୟରେ ଏକ ପକ୍ଷ ଅତିକ୍ରମ କରୁଥିବାରୁ ଦୈନନ୍ଦିନର ସ୍ଥିତି ସମ୍ପର୍କରେ ଜାଣିବା ସକାଶେ ଉତ୍ସୁକତା ବୃଦ୍ଧି ପାଇବା ସ୍ୱାଭାବିକ। ଯୁଦ୍ଧ ଖବରର ବିଭିନ୍ନ ସୂତ୍ର ଉପରେ ନିଘା ରଖିଥିବା ବ୍ୟକ୍ତିଟି ମଧ୍ୟ ପ୍ରକୃତ ଦୃଶ୍ୟପଟ୍ଟ କ'ଣ ଏହା ଜାଣିବାକୁ ଅସମର୍ଥ। କାରଣ ସର୍ବଶକ୍ତିମାନ ଆମେରିକା ଓ ତାହାର ସହଯୋଗୀ ଇସ୍ରାଏଲ୍ ଏହି ଯୁଦ୍ଧ ଭିଆଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୁର୍ନୀତି ଓ ଗଣହତ୍ୟା ଅପରାଧରେ ଜଣେ ନିନ୍ଦିତ ବ୍ୟକ୍ତିତ୍ୱ ହୋଇଥିଲେ ମଧ୍ୟ ବୃହତ୍ତର ଇସ୍ରାଏଲ୍ ଗଠନର ପ୍ରମୁଖ ପତିବନ୍ଧକ ଇରାନକୁ ନିଶ୍ଚିହ୍ନ କରିବାକୁ ଚାହାଁନ୍ତି। କ୍ଷମତା ରାଜନୀତିରେ ତାଙ୍କୁ ପ୍ରତିଷ୍ଠିତ କରାଇବାରେ ଏହି ଯୁଦ୍ଧ ସହାୟକ ହେବ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଜଣେ ଦକ୍ଷ ରାଜନେତା ଅପେକ୍ଷା ଜଣେ ସୁଦକ୍ଷ ବେପାରୀ। ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋଙ୍କୁ ଗିରଫ କରି ରାଷ୍ଟ୍ରର ସମଗ୍ର ତୈଳ ସମ୍ପଦକୁ ସେ ଅକ୍ତିଆର କରିଛନ୍ତି। ସେହିଭଳି ଇରାନରେ ନେତୃତ୍ୱ ପରିବର୍ତ୍ତନ କରି ସେ ତାହାର ତୈଳ ସମ୍ପଦକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି। ଦୁଇ ରାଷ୍ଟ୍ରଙ୍କ ଏହି ଗୋପନ ସ୍ୱାର୍ଥ କିନ୍ତୁ ସାମ୍ନାକୁ ଆସୁନାହିଁ। କିଏ ବିଶ୍ୱ ସମ୍ରାଜ୍ୟର ପ୍ରତିପତ୍ତି ଓ ପ୍ରାଧାନ୍ୟକୁ ଧ୍ୱଂସ କରିବାକୁ ଚାହେଁ ତ କିଏ ମଧ୍ୟପ୍ରାଚ୍ୟରେ ଆଉ ଏକ ପରମାଣବିକ ଶକ୍ତିର ଅଭ୍ୟୁଦୟ ରୋକିବା ସକାଶେ ଏହି ଯୁଦ୍ଧ ବୋଲି ମିଥ୍ୟା ଆସ୍ଫାଳନ କରୁଛି।

କିନ୍ତୁ ଏଠାରେ ଆମକୁ ସ୍ୱୀକାର କରିବାକୁ ହେବ ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଏହି ତିନିରାଷ୍ଟ୍ର ମଧ୍ୟରେ ସୀମିତ ନାହିଁ। ଦୃଶ୍ୟପଟ ସମ୍ପର୍କରେ ନିରଶକ୍ତ ତର୍ଜମା କଲେ ମନେହୁଏ ସେଠାରେ ଛାୟା ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଛି। ଯୁଦ୍ଧର ଗତିବିଧି ଉପରେ ନଜର ରଖିବା ସକାଶେ ଚୀନ୍ ବୈଷୟିକ ସହଯୋଗ ଇରାନକୁ ଯୋଗାଉଥିବା ବେଳେ ଋଷ ପକ୍ଷରୁ ରଣନୀତିକ ସହାୟତା ମଧ୍ୟ ମିଳୁଛି। ଆମେରିକା ଓ ଇସ୍ରାଏଲ୍ ଆଶା କରିଥିଲେ ଯେ, ଇରାନର ସର୍ବୋଚ୍ଚ ନେତା ଆୟତୋଲା ଖାମନେଇ ଓ ପ୍ରମୁଖ ପ୍ରତିରକ୍ଷା ଅଧିକାରୀଙ୍କୁ ଯୁଦ୍ଧରେ ଦ୍ୱିତୀୟ ଦିବସରେ ହତ୍ୟା କରି ବିଜୟର ନିକଟବର୍ତ୍ତୀ ହୋଇଛନ୍ତି । ସ୍ୱଳ୍ପକାଳୀନ ବା ସୀମିତ ଯୁଦ୍ଧରେ ଇରାନ ପରାଜୟ ମାନିନେବ। ଦୀର୍ଘ ୨୦ ବର୍ଷ ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ଦେଶର ପକ୍କା ରଣନୀତିକ ଯୋଜନା ପଛରେ ଯେଉଁ ବୃହତ୍ ଶକ୍ତିଙ୍କ ସମର୍ଥନ ଓ ପ୍ରୋତ୍ସାହନ ରହିଛି, ତାହାକୁ ଗୌଣ ଦୃଷ୍ଟିରେ ବିଚାର କରିବାକୁ ଅପରିଣାମଦର୍ଶିକା କୁହାଯାଇପାରେ। ଯୁଦ୍ଧ ଖବର କେବଳ ଇରାନର ବିପୁଳ କ୍ଷୟକ୍ଷତି ଓ ମୃତକଙ୍କ ତଥ୍ୟରେ ସୀମିତ। ଯଦି ଶକ୍ତିଶାଳୀ ପ୍ରତିପକ୍ଷର ବିଶେଷ କିଛି ଘଟିନାହିଁ, ତେବେ ଯୁଦ୍ଧ ଏକତରଫା ଓ ଦିନ କେଇଟାରେ ଆତ୍ମସମର୍ପଣ ଭଳି ପରିସ୍ଥିତି ଉପୁଜିପାରେ । ଏଭଳି ସ୍ଥିତିରେ ବିଶ୍ୱବାସୀ ଆତଙ୍କିତ ହେବାରେ କିଛି ନାହିଁ। ଏଠାରେ ଆମକୁ କହିବାକୁ ପଡୁଛି ଯେ, ଯୁଦ୍ଧ ପୂର୍ବରୁ ଆମେରିକାର ସାମରିକ ପ୍ରଦର୍ଶନ କେବଳ ଏକ ଭୟର ବାତାବରଣ ସୃଷ୍ଟି କରିଥିଲା। ଜେନାଜେଡ୍‌ର ଆଲୋଚନା ବେଳେ ଇରାନକୁ ଆତ୍ମସମର୍ପଣ କରିବାକୁ ପରୋକ୍ଷ ଇଙ୍ଗିତ ଦେଇଥିଲା ଆମେରିକା। ଏକଥା ସ୍ୱୀକାର କରିବାକୁ ପଡିବ ଯେ, ଆରବ ରାଷ୍ଟ୍ରରେ ଥିବା ଆମେରିକାକାର ଶକ୍ତି କେନ୍ଦ୍ରକୁ ସୁବ୍ୟବସ୍ଥିତ ଢଙ୍ଗରେ ଧ୍ୱଂସ କରାଯାଇଛି। ଏୟାର ଡିଫେନ୍ସ ଓ ରେଡର ବ୍ୟବସ୍ଥାକୁ ଅଚଳ କରି ନିଜର ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରୟୋଗ କ୍ଷମତା ବଢ଼ାଇଛି ଇରାନ। ହର୍ମୁଜ ପ୍ରଣାଳୀର କେତେ ଦୂରରେ ଆମେରିକାର ଶକ୍ତିଶାଳୀ ନୌସେନା ଅବସ୍ଥାନ କରୁଥିଲେ ମଧ୍ୟ ତୈଳ ପରିବାହୀ ଜାହାଜକୁ ସୁରକ୍ଷା ଦେବାରେ ଅସମର୍ଥ ପ୍ରକାଶ କରିଛି। ପ୍ରମୁଖ ଆରବ ରାଷ୍ଟ୍ର ଆମେରିକାକୁ ନିକଟତମ ସହଯୋଗୀ ହୋଇଥିଲେ ମଧ୍ୟ ସେମାନଙ୍କୁ ସୁରକ୍ଷା ପ୍ରଦାନରେ ଟ୍ରମ୍ପଙ୍କ ବିଫଳତା ପଦାରେ ପଡ଼ିଯାଇଛି। ଗତ ଦୁଇଦିନ ମଧ୍ୟରେ ଆମେରିକାର ୬ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ଏହି ସଂଖ୍ୟା ଏବେ ୨୦ରେ ପହଞ୍ଚିଛି। ମୃତାହତ ଆମେରିକାର ସୈନ୍ୟଙ୍କ ମୁଖ୍ୟକୁ ଗୋପନ ରଖାଯାଇଛି। ଶତାଧିକ ଆହତ ଏବେ ଜର୍ମାନୀରେ ଚିକିତ୍ସିତ ହେଉଛନ୍ତି ।

ଗତ ୪ଦିନ ମଧ୍ୟରେ ଇସ୍ରାଏଲ୍ ଦୋହରା ଆକ୍ରମଣର ସମ୍ମୁଖୀନ ହୋଇଛି। ସୀମାତୀତ ବିପର୍ଯ୍ୟସ୍ତ ସତ୍ତ୍ୱେ ଗଣମାଧ୍ୟମ ନୀରବ। କଠୋର ଯାଞ୍ଚ ଓ କଟକଣା ପ୍ରୟୋଗ କରି ଖବର ପ୍ରକାଶକୁ ରୋକା ଗଲେ ଯେ କ୍ଷୟକ୍ଷତି ନିୟନ୍ତ୍ରଣକୁ ଆସିଯବ ଏ କଥା ନୁହେଁ, ଅନ୍ୟପକ୍ଷରେ ସମ୍ବାଦପତ୍ର ୱାଶିଂଟନ୍ ପୋଷ୍ଟ ଓ ସିଏନ୍‌ଏନ୍ ଖବର ଉପରେ ଟ୍ରମ୍ପଙ୍କ କଟକଣା ପ୍ରୟୋଗ ମଧ୍ୟ ସାମ୍ନାକୁ ଆସିଛି। କାରଣ ସତ୍ୟ ତଥ୍ୟ ଓଗାଳିଲେ ଟ୍ରମ୍ପଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିବ। ଆମେରିକାର ଦୁର୍ବଳ ସ୍ଥିତି ପଦାରେ ପଡ଼ିଯାଇଛି। ତେଣୁ ଇରାନରେ ସ୍ଥଳସେନା ପ୍ରବେଶ ଅବଶ୍ୟମ୍ଭାବୀ ହୋଇପଡ଼ିଛି। ଏଥିମଧ୍ୟରେ ଜାପାନରୁ ୨୫୦୦ ମେରାଇନ ଆମେରିକା ନିର୍ଦ୍ଦେଶରେ ଇରାନ ଅଭିମୁଖେ ଯାତ୍ରା କରିଛନ୍ତି। ଯେତେଦୂର ସମ୍ଭବ ଇରାକ-ଇରାନ ସୀମାରେ ଏମାନଙ୍କୁ ମୁତୟନ କରାଯିବ। ଏଥିପୂର୍ବରୁ ଦକ୍ଷିଣ କୋରିଆରୁ ଏୟାର ଡିଫେନ୍ସ ସିଷ୍ଟମ ଅଣାଯାଇଛି। ଏହି ପ୍ରତିକୂଳ ପରିସ୍ଥିତିରେ ଦକ୍ଷିଣ କୋରିଆ ଓ ଜାପାନ ଉପରକୁ ନୂଆ ବିବାଦ ମାଡ଼ି ଆସୁଥିବାର ସୂଚନା ମିଳିଛି। ତୈଳ ସଂକଟ ସୃଷ୍ଟି ହେବା ପୂର୍ବରୁ ଆମ ଦେଶରେ ଇନ୍ଧନ ଗ୍ୟାସ୍‌ର ନିଅଣ୍ଟିଆ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି । ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କଳାବଜାର ଜାରି ରହିଛି। ଅଥଚ ଆମେ କହୁଛୁ ଦେଶରେ ଏଲ୍‌ପିଜି ଅଭାବ ନାହିଁ। ଯେମିତି କୋଭିଡ୍ ସମୟରେ ଅମ୍ଳଜାନ (ଅକ୍ସିଜେନ୍) ଅଭାବ ନ ଥିଲା। ଏସବୁ ସତ୍ତ୍ୱେ ଅବସ୍ଥା ସମ୍ଭାଳିବା ସକାଶେ ସରକାରୀ ଇସ୍ତାହାର ଓ ବିଜ୍ଞାପନ ହିଁ ଲୋକଙ୍କୁ ଭରସା ଦେବ। ଅସଲ ତୃଣମୂଳ ସ୍ତରରେ ଉପୁଜିଥିବା ସମସ୍ୟା ଖବର ବେପାରରେ ବଳିପଡୁଛି।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ରୋଷେଇ ଘରେ ବିପ୍ଳବ ବନାମ ବିକଳ୍ପ ଇନ୍ଧନ

**ରୋଷେଇ ଘରେ ବିପ୍ଳବ ଯଦି ବିଦ୍ୟୁତ୍ ବିପ୍ଳବରୁ ଆରମ୍ଭ ହୁଏ, ତେବେ ପରିପାର୍ଶ୍ୱିକ ଜଳବାୟୁର ଅସନ୍ତୁଳନ ଓ ପ୍ରଦୂଷଣ ବଢ଼ିପାରେ। କିନ୍ତୁ ଆମ୍ଭେମାନେ ଯଦି ଯୋଜନା ମୁତାବକ ଏକ ଦୀର୍ଘମିଆଦ କାର୍ଯ୍ୟକ୍ରମ ହାତକୁ ନେଇ ବିଶେଷକରି ଅକ୍ଷୟ ଶକ୍ତି ଉତ୍ପାଦନରେ ଅଗ୍ରଗତି କରି ପାରିବା, ତେବେ ଏ ସମସ୍ୟା ସୃଷ୍ଟି ହେବନାହିଁ। ଭାରତୀୟମାନଙ୍କର ଜୀବନଧାରଣର ମାନରେ ଏହି ବ୍ୟବସ୍ଥାଟି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇ ବିଶେଷକରି ଲୋକମାନଙ୍କୁ ବ୍ୟାପକ ଖର୍ଚ୍ଚାନ୍ତରୁ ରକ୍ଷା କରିପାରିବ।**




ମନସିଜ୍ ଦାସ

ବର୍ଷ ବର୍ଷ ଧରି ବିଶେଷକରି ଭାରତର ଛୋଟବଡ଼ ସହରାଞ୍ଚଳରେ ଯେଉଁ ସମୟରେ ରୋଷେଇଘରେ ଜାଳେଣି କାଠ ଓ କୋଇଲାକୁ ଠେଲି ବ୍ୟାପକ ଭାବରେ ଇନ୍ଧନର ସ୍ଥାନ ନେଲା ରନ୍ଧନ ଗ୍ୟାସ ବା ଲିକ୍ୟୁଫାଏଡ୍ ପେଟ୍ରୋଲିୟମ ଗ୍ୟାସ୍, ସେ ସମୟରେ ଗ୍ୟାସ ବିକ୍ରୟ କରୁଥିବା କମ୍ପାନୀମାନେ ଏହି ଧୂଆଁ ନ ଥିବା ଇନ୍ଧନର ଅଶେଷ ସ୍ଲୋଗାନ ଦ୍ୱାରା ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଥିଲେ। କହିବାକୁ ଗଲେ ସେ ସମୟରେ ଥିଲା "ରୋଷେଇ ଘରେ ବିପ୍ଳବ'। ବର୍ତ୍ତମାନର ସମୟକୁ ଦେଖିଲେ ମହିଳାମାନେ କାଠ ଧୂଆଁ, କୋଇଲାର ଯନ୍ତ୍ରଣାରୁ ମୁକ୍ତି ପାଇ ଏହି ଇନ୍ଧନକୁ ଗ୍ରାମାଞ୍ଚଳର ମହିଳାମାନେ ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବେ ଗ୍ରହଣ କଲେଣି। ତେବେ ଆମମାନଙ୍କ ଭିତରୁ ଅଧିକାଂଶ ଜାଣି ନ ଥିବେ ଯେ ଅପରିହାର୍ଯ୍ୟ ହୋଇପଡ଼ିଥିବା ଏହି "ରୋଷେଇ ଘରର ବିପ୍ଳବକାରୀ' ଟିକୁ ପାଇବା ପାଇଁ ଆମେ ବିଦେଶରୁ ଆମଦାନୀ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟରେ ସଂଗଠିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଣ୍ଟକୁ ନେଇ ଭାଳେଣି ପଡ଼ିଗଲାଣି। ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହାନ ଚାଲୁଛି। ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇୱା ଏବଂ ଦେଶର ଭିତ୍ତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ୍। ଏସବୁ ଭିତରୁ ଅଧିକାଂଶ ପ୍ରେଟୋଲ ବା ଡିଜେଲ ଦ୍ୱାରା ପରିଚାଳିତ। ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହନ ଇଲେକ୍ଟ୍ରିକ ହୋଇଯାଏ, ତେବେ କ'ଣ ହେବ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି; କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳଚୂଳ ଓଲଟପାଲଟ କରିଦେଇପାରେ।

ଆମେ ଜାଣିଛେ, ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନୀକାରୀ ଦେଶ। ଭାରତରେ ଚାହିଦା ଠାରୁ ଖୁବ କମ ପରିମାଣରେ ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନୀ କରିଥାଏ। ଦେଶର ଜିଡିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନୀ ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହନ ଉପଭୋଗ କରେ। ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ। ଯଦି ଯାନବାହାନଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତେଲ ଆମଦାନୀର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ। ଏହାର ସୁଯୋଗରେ ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତ୍ତନର ସହାୟକ ହେବ।

ବର୍ତ୍ତମାନ ରନ୍ଧନ ଗ୍ୟାସ୍ ଟିକକ ପାଇବା ପାଇଁ ଯେଉଁପରି ନାହିଁ ନ ଥିବା ଅସମ୍ଭବ ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଦେଖିଲେ ଏହା ନିଃସନ୍ଦେହ ଯେ, ଆମ ରୋଷେଇ ଘରମାନଙ୍କରେ ଗ୍ୟାସ୍ ଚୁଲା ଜାଗାରେ ତା'ର ସ୍ଥାନ ନେବ ଇଲେକ୍ଟ୍ରିକ ଚୁଲା। ଏଥିପାଇଁ ଲୋଡ଼ା ପଡୁଥିବା ବିଦ୍ୟୁତ୍ ଶକ୍ତି ସୌର, କିମ୍ବା ବାୟୁଚାଳିତ ବିଦ୍ୟୁତ୍ ଉତ୍ପାଦନସ୍ଥଳୀ ବା ଜଳ ବିଦ୍ୟୁତ୍ ଓ କୋଇଲା ଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରମାନଙ୍କଠାରୁ। ଏଠାରେ ସୂଚୀତ କରିପାରୁ ଯେ ଆମ ଦେଶର ବ୍ୟାପକ ଖଣିମାନଙ୍କରେ ଯଥେଷ୍ଟ ପରିମାଣର କୋଇଲା ମହଜୁଦ ଅଛି। କେବଳ ସେତିକି ନୁହେଁ; ଆମର ଏକ ବିଶାଳ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ଉପଲବ୍ଧ ବ୍ୟବସ୍ଥା ରହିଛି। ଯାହାଦ୍ୱାରା ବିଦେଶୀ ଯୁଦ୍ଧ ହେଉ ବା ବଜାର ମୂଲ୍ୟ ଏପରିକି କୌଣସି ଆନ୍ତର୍ଜାତିକ ଭୂ-ରାଜନୈତିକ ଅସ୍ଥିରତା ରହିଲେ ମଧ୍ୟ ଆମ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ।

ଆମେ ଆଲୋଚନା କରୁଥିବା ସୌର ଇଲେକ୍ଟ୍ରିକ ଚୁଲାଟି ପାରମ୍ପରିକ ହିଟର ନୁହେଁ; ବରଂ ଏହା ଏକ ସେରାମିକ୍ ଆଧାର ଉପରେ ଅଳ୍ପ କ୍ଷଣ ଭିତରେ ତାତି ଯାଉଥିବା କଏଲ୍ ସବୁ ଗୋଲ୍ ହୋଇ ମୋଡ଼ି ହୋଇ ରହିଥା'ନ୍ତି। ଏବେ ବଜାରରେ ଇଣ୍ଡକ୍ସନ ଷ୍ଟୋଭର ଲୋକପ୍ରିୟତା ବଢ଼ିଲାଣି। ଏହି ଇଣ୍ଡକ୍ସନ ବ୍ୟବସ୍ଥାରେ ଏକ ବିଦ୍ୟୁତ ଚୁମ୍ବକୀୟକ୍ଷେତ୍ର (ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ଫିଲ୍ଡ) ସୃଷ୍ଟି ହୋଇଥାଏ, ଯାହା ଷ୍ଟୋଭ ଉପରେ ଥୁଆ ହୋଇଥିବା ରୋଷେଇ ବାସନ ବା ପାତ୍ରର କାନ୍ଥରେ ବହୁ ସଂଖ୍ୟକ କ୍ଷୁଦ୍ର ବିଦ୍ୟୁତ ତରଙ୍ଗମାନ ସୃଷ୍ଟି କରିଥାଏ। ଏହି ଇଲେକ୍ଟ୍ରନ ପ୍ରଭାବ ପ୍ରତି ରୋଷେଇ ପାତ୍ର ଦ୍ୱାରା ସୃଷ୍ଟପ୍ରତିରୋଧ ଯୋଗୁଁ ତାହା ତତକ୍ଷଣାତ୍ ରନ୍ଧନ କରିଥାଏ। ଏହି ପ୍ରକ୍ରିୟାରେ ବିଦ୍ୟୁତଶକ୍ତି ଖୁବ୍ କମ୍ ବ୍ୟବହାର ହୋଇଥାଏ। ଗ୍ୟାସ ଷ୍ଟୋଭରେ ପ୍ରାୟ ୬୦ ଶତାଂଶ ଉତ୍ତାପ ନଷ୍ଟ ହେଉଥିବାବେଳେ ଇଣ୍ଡକ୍ସନ ଷ୍ଟୋଭ ପ୍ରାୟ ୯୦ ଶତାଂଶ ବିଦ୍ୟୁତ୍ ଶକ୍ତିକୁ ଇନ୍ଧନରେ ବ୍ୟବହୃତ ଉତ୍ତାପରେ ପରିଣତ କରିଥାଏ।

ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ସନ୍ଦେହ ମଧ୍ୟ ଉଠେ, ଯାହାକି ସ୍ୱାଭାବିକ। ଆମେ ଆଲୋଚନା ରଖୁଥିବା ରୋଷେଇ ଘରେ ବିପ୍ଳବ ଯଦି ଏହି ବିଦ୍ୟୁତ୍ ବିପ୍ଳବରୁ ଆରମ୍ଭ ହୁଏ, ତେବେ ପରିପାର୍ଶ୍ୱିକ ଜଳବାୟୁର ଅସନ୍ତୁଳନ ଓ ପ୍ରଦୂଷଣ ବଢ଼ିପାରେ। କିନ୍ତୁ ଆମ୍ଭେମାନେ ଯଦି ଯୋଜନା ମୁତାବକ ଏକ ଦୀର୍ଘମିଆଦ କାର୍ଯ୍ୟକ୍ରମ ହାତକୁ ନେଇ ବିଶେଷକରି ଅକ୍ଷୟ ଶକ୍ତି ଉତ୍ପାଦନରେ ଅଗ୍ରଗତି କରି ପାରିବା, ତେବେ ଏ ସମସ୍ୟା ସୃଷ୍ଟି ହେବନାହିଁ। ଭାରତୀୟମାନଙ୍କର ଜୀବନଧାରଣର ମାନରେ ଏହି ବ୍ୟବସ୍ଥାଟି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇ ବିଶେଷକରି ଲୋକମାନଙ୍କୁ ବ୍ୟାପକ ଖର୍ଚ୍ଚାନ୍ତରୁ ରକ୍ଷା କରିପାରିବ।


ବର୍ତ୍ତମାନ ସମୟରେ ପରିବେଶକୁ ନେଇ ଆମେ ଅନେକ ବିପର୍ଯ୍ୟୟ ଓ ଆହ୍ୱାନକୁ ସାମ୍ନା କରୁଛୁ। ଭାରତର ମୋଟ କାର୍ବନ ନିସ୍ତାରଣର ପ୍ରାୟ ୧୦ରୁ ୧୨% ପରିବହନ କ୍ଷେତ୍ରରୁ ଆସିଥାଏ। ବର୍ତ୍ତମାନ ଭାରତର ଛୋଟବଡ଼ ଅଧିକାଂଶ ସହରରେ ବାୟୁ ପ୍ରଦୂଷଣର ବଡ଼ କାରଣ ହେଉଛି ଯାନବାହନର ବିଷାକ୍ତ ଧୂଆଁ। ଇଲେକ୍ଟ୍ରି ଯାନବାହନରୁ ଏହି ନିସ୍ତାରଣ ହୋଇ ନ ଥାଏ। ଯଦି ଭାରତର ୩୦ କୋଟିରୁ ଅଧିକ ଯାନବାହନର ବଡ଼ ଅଂଶ ଇଲେକ୍ଟ୍ରିକ ହୋଇଯାଏ, ସହରମାନଙ୍କର ବାୟୁ ଗୁଣବତ୍ତା ଦୃଶ୍ୟମାନ ଭାବରେ ଉନ୍ନତ ହେବ। ଟିକିଏ ଭଲ ଭାବେ ଚିନ୍ତା କରନ୍ତୁ ଏହାର ସୁଫଳ ଆମମାନଙ୍କୁ ଅନେକ ମିଳିବ। ସ୍ୱଚ୍ଛ ଓ ନିରୋଗ ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶଟି ପାଇବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆସିବ, ଚିକିତ୍ସା ବ୍ୟୟ ଖର୍ଚ୍ଚ କମିବ ଓ ଉତ୍ତମ ଜୀବନମାନ ଆମେ ନିର୍ବାହ କରିପାରିବା।

ଏହି ଆଲୋଚନା ବେଳେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବିଦ୍ୟୁତ୍ କେଉଁଠାରୁ ଆସିଥାଏ? ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ନବୀକରଣଶୀଳ ଉର୍ଜା ବଜାରମାନଙ୍କ ମଧ୍ୟରେ ଗୋଟିଏ। ଦେଶରେ ବର୍ତ୍ତମାନ ୧୮୦ ଗିଗାୱାଟ୍‌ରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି, ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ୍ ଅନ୍ତର୍ଭୁକ୍ତ। ଯଦି ଇଲେକ୍ଟ୍ରିକ ଯାନବାହନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ, ତେବେ ସମୟ ଆସିବ, ଦିନେ ଆମମାନଙ୍କର ଯାନବାହନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ। ଆଜି ଆମ ଦେଶର ବଡ଼ ରାଜସ୍ୱ, ସମୟ, ସମ୍ପଦ ତେଲ ଆମଦାନୀ, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି। ତେବେ ଇଲେକ୍ଟ୍ରିକ ଯାନବାହନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜିଂ ଢାଞ୍ଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ୍ ଆଧୁନିକୀକରଣ ଜରୁରୀ। ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ୍ତ ଉର୍ଜା ପ୍ରଯୁକ୍ତିରେ ନିବେଶ କରିପାରିବ। ଏହା କେବଳ ଉର୍ଜାର ପ୍ରସଙ୍ଗ ନୁହେଁ; ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ। ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜିଂ ନେଟ୍‌ୱର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ। ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାର ସମ୍ଭାବନା ମଧ୍ୟ ରହିବ ନିଶ୍ଚୟ। କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବାସ୍ୱପ୍ନ କହିପାରନ୍ତି। କିନ୍ତୁ ଏହା ତେଲ ଆମଦାନୀ ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ସୃଷ୍ଟି କରିପାରିବ ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ ହେବ। ●

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ
ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା
E-mail : manasijdas@rediffmail.com

# ସଂସଦ ଓ ସାୟରି

ମହମ୍ମଦ ହିଫ୍‌ଜୁର୍ ରହେମାନ୍



ଲୋକସଭାରେ ଟିଏମ୍‌ସି ସାଂସଦ ସାୟୋନୀ ଘୋଷଙ୍କ ଭାଷଣ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଆଗତ ଅବିଶ୍ୱାସ ପ୍ରସ୍ତାବ ଉପରେ ଆଲୋଚନା ବେଳେ ହସହସ ମୁହଁରେ ତାଙ୍କର ମନ୍ତବ୍ୟ ଓ ସାୟରି ସଂସଦରେ ଆକର୍ଷଣର କେନ୍ଦ୍ର ହୋଇଥିଲା। ସେ କହିଲେ ଯେ ଓମ୍ ବିର୍ଲାଙ୍କ ବିରୋଧରେ ତାଙ୍କର କୌଣସି ବ୍ୟକ୍ତିଗତ ଆକ୍ରୋଶ ନାହିଁ। ବିର୍ଲାଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଓ ଆଦର ରହିଛି। କେବଳ ବାଚସ୍ପତିଙ୍କ ଆଭିମୁଖ୍ୟକୁ ନେଇ ତାଙ୍କର ଅସନ୍ତୋଷ ରହିଛି। ବିର୍ଲା ଏମିତି ହସୁ ଥାଆନ୍ତୁ, ଏହା ତାଙ୍କ ଭଳି ନବାଗତଙ୍କୁ ପ୍ରେରଣା ଦେବ। ବିର୍ଲାଙ୍କ ଉଦ୍ଦେଶ୍ୟରେ ଉର୍ଦ୍ଦୁ ସାୟରି ପଢ଼ି ସେ ତାଙ୍କ ଭାଷଣ ଶେଷ କରିଥିଲେ। ସାୟରି ଥିଲା: 'ତୁ ଲାଖ୍ ବେୱଫା ହୈ, ମଗର ଶର୍ ଉଠାକେ ଚଲ୍। ଦିଲ୍ ରୋ ପେଡ଼ଗା ତୁଝେ ପସେମାନ୍ ଦେଖ୍ କର।' ଏହାର ସାର ମର୍ମ ହେଉଛି, ତୁ ବେୱଫା ହୋଇଯାଇଛୁ, ମୋତେ ଆଉ ଗୁରୁତ୍ୱ ଦେଉନୁ। ତଥାପି ମୁଁ ଚାହୁଁଛି ତୁ ମୁଣ୍ଡ ଉପରକୁ ଉଠାଇ ଚାଲ। ଅନୁତପ୍ତ ହୋଇ ମୁଣ୍ଡ ନୂଆଇଁ ଚାଲିଲେ ମୋ ହୃଦୟ କାନ୍ଦି ପକାଇବ। ୧୩ ମିନିଟ୍ ଧରି ଦେଇଥିବା ଭାଷଣରେ ସାୟୋନୀ ଅନେକ ଥର କବିତା ଆବୃତ୍ତି କରିଛନ୍ତି ଏବଂ ଜଣେ ସାଧାରଣ ନାଗରିକ ଭଳି ନିଜର ଯୁକ୍ତି ଉପସ୍ଥାପନ କରିଥିବାର ଦେଖାଯାଉଛି। ସବୁ ଦଳର ସଦସ୍ୟ ତାଙ୍କ କଥାକୁ ମନଧ୍ୟାନ ଦେଇ ଶୁଣୁଥିବାର ମଧ୍ୟ ଦେଖାଯାଉଛି।

ସାୟୋନୀଙ୍କ ଏହି ଭାଷଣ ଦେଖି ସୁଷମା ସ୍ୱରାଜଙ୍କ ଏଭଳି ସାୟରି ପଢୁଥିବାର ଦୃଶ୍ୟ ହଠାତ୍ ମନକୁ ଆସିଯାଉଛି। ୨୦୧୧ର କଥା। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ କାର୍ଯ୍ୟର ସମାଲୋଚନା କରି ପାର୍ଲାମେଣ୍ଟରେ ବିରୋଧୀ ଦଳର ନେତ୍ରୀ ସୁଷମା ସ୍ୱରାଜ ଏକ ସାୟରି ପଢ଼ିଥିଲେ। ମନମୋହନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଯେ ଆପଣ ହେଉଛନ୍ତି ପ୍ରଶାସନର ମୁଖିଆ। ଯାକୁ ତାକୁ ଦୋଷ ଦେଇ ଆପଣ ନିଜ ମୁଣ୍ଡ ଉପରୁ ଦୋଷ ଖସାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଏହି ଅବସରରେ ମନମୋହନଙ୍କ ଉଦ୍ଦେଶ୍ୟରେ ତାଙ୍କର ସାୟରି ଏବଂ ସାୟରି ମାଧ୍ୟମରେ ମନୋମହନଙ୍କ ଜବାବ ସେତେବେଳେ ଜାତୀୟ ରାଜନୀତିରେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଥିଲା।

ମନମୋହନଙ୍କ ଉଦ୍ଦେଶ୍ୟରେ ସୁଷମା କହିଥିଲେ, 'ତୁ ଇଧର ଉଧର କି ନ ବାତ୍ କର, ଏ ବତା କାଫିଲା କୁଁ ଲୁଟା। ମୁଝେ ରହଜନୌଁ ସେ ଗିଲା ନହିଁ, ତେରି ରହବରି କା ସୱାଲ ହୈ।' (ଏପଟ ସେପଟ କଥା ନ କହି ମୋତେ ଜବାବ ଦେ ଯେ ତୁ ପ୍ରଶାସନର ମୁଖିଆ ଥିବା ସତ୍ତ୍ୱେ ମୋ ଯାତ୍ରୀ ଦଳ ଲୁଟ୍‌ର ଶିକାର ହେଲା କାହିଁକି? ଲୁଟେରାଙ୍କ ବିରୋଧରେ ମୋର କୌଣସି ଅଭିଯୋଗ ନାହିଁ। ମୋତେ ତୋର ନେତୃତ୍ୱର ଦକ୍ଷତା ନେଇ ସନ୍ଦେହ ରହିଛି।)

ମନମୋହନ ମଧ୍ୟ ତାଙ୍କର ଜବାବ ସାୟରି ମାଧ୍ୟମରେ ଦେଇଥିଲେ। ସୁଷମାଙ୍କୁ ଲକ୍ଷ୍ୟ କରି ସେ କହିଥିଲେ, 'ମାନା କେ ତେରେ ଦିଦ୍ କା କାବିଲ ନହିଁ ହୁଁ ମୈଁ, ତୁ ମେରା ସୌକ୍ ଦେଖି, ମେରା ଇନ୍‌ତେଜାର ଦେଖି।' (ମୁଁ ସ୍ୱୀକାର କରୁଛି ଯେ ମୁଁ ତୋ ଦୃଷ୍ଟିରେ ଅଯୋଗ୍ୟ ଓ ଅପାରଗ। କିନ୍ତୁ ମୋର ଉତ୍ସାହକୁ ଦେଖ ଏବଂ ଅପେକ୍ଷା ବି ଦେଖ।) ଦୁଇ ଜଣଙ୍କ ଏହି ସାୟରି ଯୁଦ୍ଧ କେବଳ ମନମୋହନ ଓ ସୁଷମା ନୁହେଁ; ଉପସ୍ଥିତ ସମସ୍ତ ସାଂସଦଙ୍କ ମୁହଁରେ ହସ ଫୁଟାଇଥିଲା। ସେ ବିରୋଧୀ ଦଳରେ ହୁଅନ୍ତୁ କି ଶାସକ ଦଳରେ, କେହି ନିଜକୁ ରୋକିପାରି ନଥିଲେ। ସମସ୍ତେ ମନଭରି ମନଖୋଲା ହସରେ ସାୟରି ଉପଭୋଗ କରୁଥିବାର ଦେଖାଯାଇଥିଲା। ନିକଟରେ ଏହାର ଭିଡିଓ ମଧ୍ୟ ଖୁବ୍ ଭାଇରାଲ ହୋଇଥିଲା।

ଏଭଳି ଭାଷଣ ଭାଇରାଲ ହେବାର ମୁଖ୍ୟ କାରଣ ହେଲା ଯେ ଆଜିକାଲି ଏଭଳି ପରିବେଶ ଆଉ ସଂସଦରେ ଦେଖିବାକୁ ମିଳୁନାହିଁ। ଦଳୀୟ ବିଚାରଧାରା ଏବେ ସରକାର ଓ ବିରୋଧୀଙ୍କ ମଧ୍ୟରେ ପ୍ରାଚୀର ଭଳି ଠିଆ ହୋଇଥିବା ଭଳି ମନେ ହେଉଛି। ଏଠି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କଥା ମନେ ପଡୁଛି। ସେ କହିଥିଲେ ଯେ ଆମ ମଧ୍ୟରେ ମତଭେଦ ରହୁ, କିନ୍ତୁ ମନାନ୍ତର ନୁହେଁ। କାରଣ ବିଚାରଧାରାକୁ ନେଇ ଅନ୍ତର ଏତେ ଗଭୀର ହେବା ଉଚିତ ନୁହେଁ, ଯେଉଁଠି ଆମ ଦେଶ ଓ ସମାଜର ଏକତା ବିପନ୍ନ ହୋଇପଡ଼ିବ। ୧୯୯୬ରେ ପାର୍ଲାମେଣ୍ଟରେ ଦମ୍‌ଦାର୍ ଭାଷଣ ଦେଇଥିଲେ ବାଜପେୟୀ। ସେ କହିଥିଲେ ସେ ସରକାର ଓ ବିରୋଧୀ ଦଳ ମଧ୍ୟରେ ମତଭେଦ ଲାଗିରହେ। କିନ୍ତୁ ଯେତେବେଳେ ଦେଶର ସ୍ୱାର୍ଥ କଥା ଆସେ, ଆମେ ଏକଜୁଟ୍ ହୋଇଯାଉ। ଗୋଟିଏ ଉଦାହରଣ ଦେବାକୁ ଯାଇ ସେ କହିଥିଲେ ଯେ ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ବେଳେ ଭାରତ ପକ୍ଷରୁ ଯୁକ୍ତି ରଖିବା ପାଇଁ ତାଙ୍କୁ ଜେନେଭା ପଠାଯାଇଥିଲା। ବିରୋଧୀ ଦଳର ନେତା ଥାଇ ମଧ୍ୟ ସେ ଯେତେବେଳେ ଜେନେଭାରେ ଭାରତର ପ୍ରତିନିଧିତ୍ୱ କରିବାକୁ ପହଞ୍ଚିଲେ, ତାଙ୍କୁ ଦେଖି ପାକିସ୍ତାନୀ ପ୍ରତିନିଧି ଦଳ ଚମକି ପଡ଼ିଥିଲେ। ବିରୋଧୀ ଦଳର ନେତା କେମିତି ଭାରତର ପ୍ରତିନିଧିତ୍ୱ କରୁଛନ୍ତି ବୋଲି ସେମାନେ ନିଜ ଭିତରେ ଆଲୋଚନା କରିବାକୁ ଲାଗିଲେ। କାରଣ ପାକିସ୍ତାନରେ ବିରୋଧୀ ଦଳର ନେତା ଜାତୀୟ ସାର୍ଥର ସୁରକ୍ଷା ଅପେକ୍ଷା କେବଳ ସରକାରର ପତନ ପାଇଁ କାମ କରନ୍ତି। କିନ୍ତୁ ଭାରତର ଆଦର୍ଶ ଓ ପରମ୍ପରା ସଂପୂର୍ଣ୍ଣ ଭିନ୍ନ। ତେଣୁ ଭାରତରେ ଏହି ପରମ୍ପରା ଓ ପ୍ରବୃତ୍ତି ଜାରି ରହିବା ଉଚିତ। କ୍ଷମତାର ଖେଳ ତ ଏମିତି ଚାଲିଥିବ। ସରକାର ଆସିବ, ସରକାର ଯିବ। ଦଳ ଗଠନ ହେବ ଏବଂ ଦଳ ଭାଙ୍ଗିବ। କିନ୍ତୁ ଏ ଦେଶ ରହିବା ଉଚିତ ଏବଂ ଗଣତନ୍ତ୍ର ମଧ୍ୟ ସୁରକ୍ଷିତ ବା ଅମର ରହିବା ଉଚିତ। ବାଜପେୟୀଙ୍କ ଏହି ଭାଷଣର ପ୍ରତିଟି ଶବ୍ଦ ଆଜିର ପରିସ୍ଥିତିରେ ଖୁବ୍ ମହତ୍ୱ ବହନ କରୁଛି। ଦଳମତ ନିର୍ବିଶେଷରେ ସମସ୍ତେ ଏହାର ଅନୁକରଣ କରିବା ଉଚିତ। ●

ମୋ: ୯୯୩୭୦୫୯୯୫୪



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଲଟିଲା ଚାଉଳ ବୋଝେଇ ଭ୍ୟାନ୍; ୩ ମୃତ



ବିଷମକଟକ, ୧୫।୩(ସମିସ): ଶନିବାର ବିଳମ୍ବିତ ରାତିରେ ଏକ ଚାଉଳ ବୋଝେଇ ଭ୍ୟାନ୍ ଦୁର୍ଘଟଣା ହେବାରୁ ୩ ଜଣଙ୍କ ଜୀବନ ଯାଇଛି। ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଡୁକୁମ୍ ପଞ୍ଚାୟତର କାଚାପାଜୁ ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ, ଗାଁର ମଣ୍ଡେଙ୍ଗା ସାରକା (୬୫), ଡ୍ରିଞ୍ଜି ସାରକା (୫୫) ଓ ଧବଳେଶ୍ୱର ସାରକା(୨୫)। ଅପରପକ୍ଷେ, ଏହି ଦୁର୍ଘଟଣାରେ ୬ ଜଣ ଆହତ ହୋଇଛନ୍ତି।

ଗତକାଲି ଅପରାହ୍ଣରେ କାଚାପାଜୁ ଗ୍ରାମର ୭ଜଣ ନିଜର ଧାନ ମିଲିଂ କରିବା ପାଇଁ ମୁନିଗୁଡ଼ା ନେଇଥିଲେ। ସେଠାରୁ କାମ ସାରି ଏକ ୪୦୭ ଭ୍ୟାନ୍‌ରେ ଚାଉଳ ନେଇ ଗାଁକୁ ଫେରୁଥିବା ବେଳେ ଗାଁ ନିକଟ ଗଡାଣିଆ ରାସ୍ତାରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଗାଡ଼ି ଭିତରେ ଚାପି ହୋଇ ମଣ୍ଡେଙ୍ଗା ସାରକା ପ୍ରାଣ ହରାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ବିଷମ କଟକ ପୁଲିସ ଏବଂ ଅଗ୍ନିଶମ ବାହିନୀର ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ବିଷମକଟକ ଖ୍ରୀଷ୍ଟିୟାନ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡ୍ରିଞ୍ଜି ସାରକା ଓ ଧବଳେଶ୍ୱର ସାରକାଙ୍କ ମୃତ୍ୟୁ ହୋଇଯାଇଥିଲା। ଆହତ ହିମାଂଶୁ ସାରକାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଜିତ ଏବଂ ନବୀନ ଚିକିତ୍ସାଧୀନ ରହିଥିବା ବେଳେ ଡମ୍ବରୁ ସାରକା, ଜଳନ୍ଧର ବାଘ ଏବଂ ଟାହିଲା ମାମ୍ବାଲକା ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଏନେଇ ବିଷମ କଟକ ଥାନାରେ ଏକ ମାମଲା ରୁଜୁ ହୋଇଛି। ମାମଲା ଆଧାରରେ ବିଷମ କଟକ ପୁଲିସ ମେଡିକାଲରେ ପହଞ୍ଚି ୩ ଶବ ଜବତ କରିବା ସହ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ତା'ର ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।

# ରାସ୍ତାରୁ ହଟିବେ ଶିଶୁ ଭିକ୍ଷୁକ

**ଓଏସ୍‌ସିପିସିଆର୍ ଜାରି କଲା ନିର୍ଦ୍ଦେଶନାମା**

ଭୁବନେଶ୍ୱର,୧୫।୩(ସମିସ): ରାସ୍ତାରୁ ହଟିବେ ଶିଶୁ ଭିକ୍ଷୁକ। ରାଜ୍ୟର ବିଭିନ୍ନ ସହରର ଟ୍ରାଫିକ ଛକ, ବସଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ରାଜ୍ୟର ବିଭିନ୍ନ ସହରର ଟ୍ରାଫିକ ଛକ, ବସଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ସମସ୍ତ ଜିଲ୍ଲାପାଳ, ପୁଲିସ ଅଧୀକ୍ଷକ ଏବଂ ପୌରପାଳିକା କମିଶନରଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶିଶୁ ଭିକ୍ଷାବୃତ୍ତିର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ 'ଜିଲ୍ଲା ଟାସ୍କ ଫୋର୍ସ' ଗଠନ କରାଯିବ। ଏହି ଟିମ୍‌ରେ ପୁଲିସ ଅଧିକ୍ଷକ, ପୌର କମିଶନର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରମ ଅଧିକାରୀ ପ୍ରମୁଖ ସଦସ୍ୟ ରହିବେ। ଏହି ଟାସ୍କ ଫୋର୍ସ ନିୟମିତ ଭାବେ ଚଢ଼ାଉ କରି ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର ଥଇଥାନ ପାଇଁ ବ୍ୟବସ୍ଥା କରିବେ। ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବ। ସେଠାରେ ସେମାନଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କାଉନସେଲିଂ ପ୍ରଦାନ କରାଯିବ। ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ଶିଶୁମାନଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି, ସେହିଭଳି ଦଲାଲଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିଶୁ ଚୋରା ଚାଲାଣ ଏବଂ ଶୋଷଣ ଉପରେ ନଜର ରଖିବାକୁ ବିଭିନ୍ନ ପୁଲିସ ୟୁନିଟ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି ଏପରି ଘଟଣା ଦେଖିଲେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନ ୧୦୯୮କୁ ସୂଚନା ଦେବାକୁ କୁହାଯାଇଛି।

# ଆଉ ୧୧ ମାଓବାଦୀଙ୍କ ଆତ୍ମସମର୍ପଣ




ଭବାନୀପାଟଣା,୧୪।୩ (ସମିସ): ହିଂସାର ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ବିଜିଏନ୍ ଡିଭିଜନ୍‌ର ୧୧ ମାଓବାଦୀ। ଏହାସହ ସେମାନେ ପୁଲିସକୁ ବନ୍ଧୁକ ଓ ବିପୁଳ ପରିମାଣର ଗୁଳି ହସ୍ତାନ୍ତର କରିଛନ୍ତି। ଏହି ୧୧ଜଣ ମାଓବାଦୀଙ୍କ ମୁଣ୍ଡରେ ୧ କୋଟି ୩୪ ଲକ୍ଷ ୨୩ ହଜାର ୬୯୦ଟଙ୍କା ପୁରସ୍କାର ରାଶି ଥିଲା। ଏମାନଙ୍କ ମଧ୍ୟରେ ୭ଜଣ ମହିଳା ଓ ୪ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ଆଜି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ଉପସ୍ଥିତିରେ ଭବାନୀପାଟଣା ରିଜର୍ଭ ପୁଲିସ ପଡ଼ିଆରେ କଳାହାଣ୍ଡି ପୁଲିସ ନିକଟରେ ସେମାନେ ଆତ୍ମସମର୍ପଣ କରିଛନ୍ତି। ସମସ୍ତେ ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜନ୍‌ର କ୍ୟାଡର୍ ମାଓବାଦୀ। ସେମାନେ ହେଲେ, ଡିଭିଜନାଲ କମିଟି ମେମ୍ବର ରାଜୁ ଓରଫ୍ ଚନ୍ଦ୍ର ଓରଫ୍ ନକୁଳ, ୫ ଏରିଆ କମିଟି ମେମ୍ବର ନଙ୍ଗଲ କୁଞ୍ଜାମ ଓରଫ୍ ଜିତୁ, ଯୋଡ଼ିଓ ସୋଡ଼ି ଓରଫ୍ ସୁନୀତା, ହିଡମେ ମିଡିଆମ୍ ଓରଫ୍ ସନ୍ଧ୍ୟା, ସୁକି ପୁନେମ୍ ଓରଫ୍ ରାନୋଟି, ମଙ୍ଗଲି ହିଡମା ଓରଫ୍ ରଞ୍ଜନି ଏବଂ ୫ ପାର୍ଟି ମେମ୍ବର କୋକସି ମାଡଭି ଓରଫ୍ ସିନ୍ଧୁ, କୁମାର ମାଡକମ୍ ଓରଫ୍ ପ୍ରମେଶ, ୱାଙ୍ଗି ମାଡଭି ଓରଫ୍ ସମୀରା, ଯୋଗୀ ଓୟାମ୍ ଓରଫ୍ ନନ୍ଦିନୀ ଓ ବିଜୁ କାଡିଆମ୍ ଓରଫ୍ ବିଜୁ। ସେମାନଙ୍କ ନିକଟରୁ ଗୋଟିଏ ଏକେ-୪୭, ୪ଟି ଏସଏଲ୍‌ଆର ରାଇଫଲ, ଗୋଟିଏ ଇନସାସ ରାଇଫଲ୍, ଗୋଟିଏ ସିଙ୍ଗଲ ସଟ୍ ରାଇଫଲ୍ ସମେତ ବହୁ ପରିମାଣର ଗୁଳି ଓ ମାଗଜିନ୍ ଜବତ ହୋଇଛି।

ଏହି ଅବସରରେ ଡିଜିପି ଖୁରାନିଆ କହିଛନ୍ତି ଯେ ବିଜିଏନ୍ ଡିଭିଜନର ମାଓବାଦୀ ମୂଳପୋଛ ହୋଇଗଲେ।

## ବିଜିଏନ ଡିଭିଜନ୍‌ର ଅନ୍ତ

ଏହି ଡିଭିଜନର ଅନ୍ତ ଘଟିଛି। ଓଡ଼ିଶାରେ ଆଉ ମାତ୍ର ୧୫ଜଣ ମାଓବାଦୀ କଳାହାଣ୍ଡି ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାରେ ସକ୍ରିୟ ଅଛନ୍ତି। ସେମାନେ ମଧ୍ୟ ମାର୍ଚ୍ଚ ୩୧ପୂର୍ବରୁ ସରକାରଙ୍କ ପୁନର୍ବାସ ତଥା ନୂଆ ଥଇଥାନ ଯୋଜନାରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଡିଜିପି ଅପିଲ କରିଛନ୍ତି। ଦୀର୍ଘ ୨୫ ବର୍ଷର ସଂଘର୍ଷ ପରେ ସଫଳତା ମିଳିଛି। ଏଥିରେ ଅନେକ ସିକ୍ୟୁରିଟି ଫୋର୍ସଙ୍କୁ ବଳିଦାନ ଦେବାକୁ ପଡ଼ିଛି। ତେଣୁ ଆଜିର ଆତ୍ମସମର୍ପଣ ଉତ୍ସବରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ ବୋଲି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ନକ୍ସଲବିରୋଧୀ ଅପରେସନ ସଞ୍ଜୀବ ପଣ୍ଡା, ଆଇ ଜି (ସିଆରପିଏଫ) ଅମିତେନ୍ଦ୍ର ନାଥ ସିହ୍ନା, ପୁଲିସ ମହାନିରୀକ୍ଷକ ଅପରେସନ ଦୀପକ କୁମାର, ସିଆରପିଏଫ ମହା ନିରୀକ୍ଷକ ଅମୀତେନ୍ଦ୍ରନାଥ ସିହ୍ନା, ଡିଆଇଜି ଏସଆଇଡବ୍ଲୁ ଆଖିଳେଶ୍ୱର ସିଂ, ଡିଆଇଜି ଏସ୍‌ଡବ୍ଲୁଆର୍ କେଭି ସିଂହ, କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା, କନ୍ଧମାଳ ଏସ୍‌ପି ହରିଶ୍ ବିସି, ରାୟଗଡ଼ା ଏସପି ସ୍ୱାତୀଏସ୍ କୁମାର ଓ ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂହ ଉପସ୍ଥିତ ଥିଲେ।

## ବିଦ୍ୟୁତ ଉପଭୋକ୍ତା ଅଧିକାର (ସଂଶୋଧନ) ନିୟମ, ୨୦୨୬ର ଚିଠା ପ୍ରକାଶ

# ପ୍ରତି ଜିଲ୍ଲାରେ ଗଠନ ହେବ ଅଭିଯୋଗ ସମାଧାନ ମଞ୍ଚ

ଭୁବନେଶ୍ୱର, ୧୫।୩ (ସମିସ): ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଉପଲକ୍ଷେ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ଉପଭୋକ୍ତାମାନଙ୍କ ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ କରିବା ତଥା ଅକ୍ଷୟ ଶକ୍ତି ଉତ୍ପାଦନ ଓ ସଂରକ୍ଷଣକୁ ପ୍ରୋତ୍ସାହନ କରି ଦେଶର ସର୍ବାଧିକ ବିଦ୍ୟୁତ ଚାହିଦା ସମୟକୁ ପରିପୂରଣ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଉପଭୋକ୍ତା ଅଧିକାର ସଂଶୋଧନ ନିୟମ ୨୦୨୬ର ଚିଠା ଗତ ୧୨ ତାରିଖରେ ପ୍ରକାଶ କରିଛନ୍ତି। ଚିଠା ନିୟମ ଉପରେ ମତାମତ ରଖିବା ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟୁତ ବିଭାଗ ଓ ବିଦ୍ୟୁତ ଅନୁଷ୍ଠାନଗୁଡ଼ିକୁ ଏକ ମାସ ସମୟ ଦିଆଯାଇଥିବା ବେଳେ ଅକ୍ଟୋବର ପହିଲା ୨୦୨୬ରୁ ଅଧିସୂଚିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ସଂଶୋଧିତ ଚିଠା ନିୟମରେ ଉପଭୋକ୍ତାମାନଙ୍କର ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ ପାଇଁ ଦୁଇସ୍ତରୀୟ ଅଭିଯୋଗ ସମାଧାନ ମଞ୍ଚ (ଜିଆରଏଫ) ଗଠନ ପ୍ରସ୍ତାବ ରହିଛି। ପ୍ରତ୍ୟେକ ଜିଲ୍ଲାରେ କିମ୍ବା ପୌରାଞ୍ଚଳରେ ଗୋଟିଏ ଗୋଟିଏ ଜିଆରଏଫ ଗଠନ ପ୍ରସ୍ତାବ ଥିବା ବେଳେ ବିତରଣ କମ୍ପାନୀସ୍ତରରେ ଆଉ ଗୋଟିଏ ଜିଆରଏଫ୍ ଗଠନ ହେବ। ଜିଲ୍ଲା କିମ୍ବା ପୌରାଞ୍ଚଳରେ ଥିବା ଜିଆରଏଫ୍‌ର ଆଦେଶରେ ଉପଭୋକ୍ତା ଅସନ୍ତୁଷ୍ଟ ହେଲେ ୩ ମାସ ମଧ୍ୟରେ କମ୍ପାନୀ ସ୍ତରରେ ଥିବା ଜିଆରଏଫରେ ଅଭିଯୋଗ ଦାଖଲ କରିବେ। କମ୍ପାନୀ ଜିଆରଏଫ ଅଭିଯୋଗ ସମାଧାନ କରିବାରେ ବିଫଳ ହେଲେ, ବିଦ୍ୟୁତ ଲୋକପାଳଙ୍କ ପାଖରେ ଉପଭୋକ୍ତା ଅଭିଯୋଗ ଦାଖଲ କରିବ। ଜିଆରଏଫ୍‌ଗୁଡ଼ିକ ୩୦ରୁ ୪୫ଦିନ ମଧ୍ୟରେ ଉପଭୋକ୍ତାର ଅଭିଯୋଗକୁ ସମାଧାନ କରିବେ।

## ଅବଶିଷ୍ଟାଂଶ

### ଦୁଇ ପର୍ଯ୍ୟାୟରେ...

ତତ୍କାଳ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇଛି।

ସୂଚନା ଅନୁଯାୟୀ, ୨୩୪ ବିଧାନସଭା ଆସନ ବିଶିଷ୍ଟ ତାମିଲନାଡୁରେ ଏପ୍ରିଲ ୨୩ରେ ମତଦାନ ହେବ। ସେହିପରି ୧୪୦ ଆସନ ବିଶିଷ୍ଟ କେରଳ, ଆସାମର ୧୨୬ ଆସନ, ପୁଡୁଚେରୀର ୩୦ ଆସନ ଲାଗି ଏପ୍ରିଲ ୯ରେ ଭୋଟିଂ ହେବ। ପଶ୍ଚିମବଙ୍ଗର ମୋଟ ୨୯୪ ଆସନ ରହିଛି। ଏଠାରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ। ଏପ୍ରିଲ ୭ରେ ଏହାର ଯାଞ୍ଚ କରାଯିବ। ଏପ୍ରିଲ ୯ ଭିତରେ ପ୍ରାର୍ଥୀ ନିଜ ନାମ ପ୍ରତ୍ୟାହାର କରିପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨ରୁ ୯ ଯାଏଁ ପ୍ରାର୍ଥିପତ୍ର ଦାଖଲ କରାଯାଇ ୧୦ରେ ଯାଞ୍ଚ ହେବ। ଏପ୍ରିଲ ୧୩ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରିହେବ। ସେହିପରି ତାମିଲନାଡୁରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ, ୭ରେ ଯାଞ୍ଚ, ୯ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରିପାରିବେ।

ତାମିଲନାଡୁରେ ବହୁମୁଖୀ ଲଢ଼େଇ ହେବ। ଏଠାରେ କ୍ଷମତାସୀନ ଡିଏମ୍‌କେ, ବିରୋଧୀ ଏଆଇଡିଏମକେ, ବିଜେପି ଏବଂ ଅଭିନେତାରୁ ନେତା ପାଲଟିଥିବା ବିଜୟଙ୍କ ଟିଭିକେ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏଠାରେ କଂଗ୍ରେସ-ଡିଏମକେ ମଧ୍ୟରେ ମେଣ୍ଟ ରହିଛି। ଉଭୟେ ବିରୋଧୀ ଇଣ୍ଡିଆ ମେଣ୍ଟର ସଦସ୍ୟ ମଧ୍ୟ। ଆସାମରେ କ୍ଷମତାସୀନ ବିଜେପି ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିପାରେ। ପଶ୍ଚିମବଙ୍ଗରେ ମମତାଙ୍କ ଟିଏମସି ଏବଂ ବିଜେପି ମଧ୍ୟରେ ପୁଣିଥରେ କଡ଼ା ଟକ୍କର ଦେଖିବାକୁ ମିଳିବ। ତାମିଲନାଡୁରେ ଷ୍ଟାଲିନ ଏବଂ ଆସାମରେ ହିମନ୍ତ ବିଶ୍ୱଶର୍ମା ୨୦୨୧ରୁ ମୁଖ୍ୟମନ୍ତ୍ରୀ ଥିବା ବେଳେ କେରଳରେ ପି. ବିଜୟନ ୨୦୧୬ରୁ ଏବଂ ପଶ୍ଚିମ ବଙ୍ଗରେ ମମତା ବାନାର୍ଜୀ ୨୦୧୧ରୁ ମୁଖ୍ୟମନ୍ତ୍ରୀ ଅଛନ୍ତି।

ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି ଯେ ପାଞ୍ଚ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୧୭.୪ କୋଟି ଭୋଟର ଅଛନ୍ତି। ଏଠାକାର ୮୨୪ ବିଧାନସଭା ଆସନରେ ମତଦାନ ହେବ। ଏହି ନିର୍ବାଚନ ପ୍ରକ୍ରିୟା ଦେଖିବା ପାଇଁ ୨୦ ରାଷ୍ଟ୍ରର ନିର୍ବାଚନ କମିସନ ପ୍ରତିନିଧି ଭାରତ ଆସିବେ। ଗତ ଥର ପଶ୍ଚିମବଙ୍ଗରେ ୮ଟି ପର୍ଯ୍ୟାୟରେ ମତଦାନ ହୋଇଥିଲା। ଆସାମରେ ତିନୋଟି, ତାମିଲନାଡୁର, କେରଳ ଏବଂ ପୁଡୁଚେରିରେ ଗୋଟିଏ ପର୍ଯ୍ୟାୟରେ ଭୋଟିଂ ହୋଇଥିଲା। ଏହି ସବୁ ପାଞ୍ଚ ରାଜ୍ୟର ବିଧାନସଭା କାର୍ଯ୍ୟକାଳ ମେ-ଜୁନ୍‌ରେ ଶେଷ ହେଉଛି।

ପୂର୍ବରୁ ୫ ରାଜ୍ୟରେ ଏସଆଇଆର ଶେଷ ହୋଇଛି। ଏହି ପ୍ରକ୍ରିୟାରେ ତାମିଲନାଡୁରେ ସର୍ବାଧିକ ୭୪,୦୭, ୨୦୭ ଭୋଟରଙ୍କୁ ହଟାଇ ଦିଆଯାଇଛି। ସେହିପରି ପଶ୍ଚିମବଙ୍ଗରେ ୫୮ ଲକ୍ଷ, କେରଳରେ ୮ ଲକ୍ଷ, ଆସାମରେ ୨ ଲକ୍ଷ, ପୁଡୁଚେରୀରେ ୭୭ ହଜାର ଭୋଟରଙ୍କୁ ହଟାଇ ଦିଆଯାଇଥିଲା। ତେବେ ପଶ୍ଚିମ ବଙ୍ଗରେ ଏବେ ବି ଭୋଟରଙ୍କ ଆପତ୍ତି ଅଭିଯୋଗ ଉପରେ ବିଚାରପତିମାନେ ଶୁଣାଣି କରୁଛନ୍ତି।

### ଆଜି ରାଜ୍ୟସଭା...

କରାଯାଇଛି ଏବଂ ସଭ୍ୟପଦ ରଦ୍ଦ ଚେତାବନୀ ମଧ୍ୟ ଦିଆଯାଇଛି। ଏପଟେ ଶାସକ ବିଜେପି ମଧ୍ୟ କ୍ରସ ଭୋଟିଂ ଭୟରୁ ବର୍ତ୍ତି ପାରି ନାହିଁ ଓ ଦଳର ସବୁ ବିଧାୟକଙ୍କୁ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପାରାଦ୍ୱୀପ ରିସର୍ଟରେ ଏକାଠି ରଖିଛି। ଗତ ୨୪ ଘଣ୍ଟା ହେଲା ବିଧାୟକମାନେ ହୋଟେଲ ଭିତରେ ଅଛନ୍ତି ଓ ସେମାନଙ୍କୁ ବାହାରକୁ ବାହାରିବାକୁ ମନା କରାଯାଇଛି। ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ପହଞ୍ଚି ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ଆସନ୍ତାକାଲି ଘୋଡ଼ା କିଏ ହେବ, ତାହା ଉପରେ ସାରା ରାଜ୍ୟର ଆଖି ଅଟକି ରହିଛି। ଆସନ୍ତାକାଲି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ ହେବାକୁ ଥିବାବେଳେ ଏହା ଅପରାହ୍ଣ ୪ଟା ଯାଏଁ ଚାଲିବ। ଏଥିପାଇଁ ବିଜେପି, ବିଜେଡି ଓ କଂଗ୍ରେସ ପକ୍ଷରୁ ପୃଥକ୍ ପୃଥକ୍ ରଣନୀତି ପ୍ରସ୍ତୁତ ହୋଇଛି।

ରବିବାର ରାତିରେ ପାରାଦୀପରେ ବିଜେପିର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମନମୋହନ, ସୁଜିତ୍ ଏବଂ ଦିଲ୍ଲୀପଙ୍କ ଲାଗି କିଏ ପ୍ରଥମ ପସନ୍ଦ ଭୋଟ ଦେବ, ସେନେଇ ବୈଠକରେ ସ୍ଥିର କରାଯାଇଛି। ଆସନ୍ତାକାଲି ସକାଳ ୯ଟାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହେବ। ସୂଚନା ଅନୁସାରେ ବିଜେପିର ସମସ୍ତ ବିଧାୟକ ଆସନ୍ତାକାଲି ସକାଳେ ପାରାଦୀପରୁ ଏକ ସାଙ୍ଗରେ ବାହାରିବେ। ସେଥିପାଇଁ ବିଜେପି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ତେବେ ଦଳର ଶୀର୍ଷ ନେତୃତ୍ୱ ଏବେ ବି ଦିଲ୍ଲୀପ ରାୟଙ୍କ ବିଜୟ ନେଇ ନିଶ୍ଚିତ ହୋଇପାରୁ ନାହାନ୍ତି। ସେଥିପାଇଁ ଦଳର ୨ ଜଣ ମନ୍ତ୍ରୀ ତଥା ୩ ଜଣ ବିଧାୟକ ଅନ୍ୟ ଦଳ ବିଧାୟକଙ୍କୁ ଯୋଗାଯୋଗ କରିବାକୁ ଏବେବି ପ୍ରୟାସ କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷରେ କଂଗ୍ରେସର ୮ ବିଧାୟକ ରବିବାର ବେଙ୍ଗାଲୁରୁରେ ଥିବା ବେଳେ ସେମାନେ ସୋମବାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଏହାପୂର୍ବରୁ ରବିବାର ସେମାନେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଖଡ଼ଗେ ସେମାନଙ୍କୁ ଏକଜୁଟ ହୋଇ ରହିବା ସହ ବିଜେପିକୁ ହରାଇବାକୁ ପରାମର୍ଶ ଦେଇଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ରାତିରେ ଶଙ୍ଖ ଭବନରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତାକାଲିର ଭୋଟ ନେଇ ନବୀନ ନିଜେ ଅଙ୍କ କଷିବା ସହ ରଣନୀତି ପ୍ରସ୍ତୁତ କରିଛନ୍ତି। ତେବେ କ୍ରମାଗତ ୩ ଦିନ ଧରି ଦଳର ଦୁଇ ବିଧାୟକ ବୈଠକରେ ଅନୁପସ୍ଥିତ ରହିଥିବାରୁ ସେମାନଙ୍କୁ ଚରମବାଣୀ ଶୁଣାଯାଇଛି। ଏମାନଙ୍କ ବ୍ୟତୀତ ବିଜେଡିରୁ ନିଲମ୍ବିତଙ୍କ ଭୂମିକାକୁ ନେଇ ଏବେ ବି ରହସ୍ୟ ବଳବତ୍ତର ରହିଛି।

ଅପରପକ୍ଷେ ରାଜନୈତିକ ବିଶ୍ଳେଷକଙ୍କ ମତ ଅନୁଯାୟୀ ନିର୍ବାଚନରେ ବାଜିମାତ୍ କରିବାକୁ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଏବେବି ଉଦ୍ୟମ ଜାରି ରଖିଛନ୍ତି। ବେଙ୍ଗାଲୁରୁରୁ ଆରମ୍ଭ କରି ଓଡ଼ିଶା ଯାଏଁ ରବିବାର ପ୍ରାୟ ୧୦ରୁ ୧୨ ବିଧାୟକଙ୍କୁ କୋଟି କୋଟି ଟଙ୍କା ଅଫର୍ କରାଯାଇଥିଲା। ମାତ୍ର ସଭିଏଁ ଏହାକୁ ଅଗ୍ରାହ୍ୟ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଆସନ୍ତାକାଲି ଏହି ଘୋଡ଼ା ବେପାର ଉପରୁ ପରଦା ଉଠିବାକୁ ଥିବାବେଳେ ଏହା ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ନୂଆ ମୋଡ଼ ଦେବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ୪ଜଣଙ୍କୁ ବାନ୍ଧିଲା...

ସୀମାଞ୍ଚଳ ମହାକୁଡଙ୍କ ସହ କର୍ଣ୍ଣାଟକର ଜଣେ ବିଜେପି ନେତାଙ୍କ ଘନିଷ୍ଠ କୁହାଯାଉଥିବା ସୁରେଶ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

ଏ ସମ୍ପର୍କରେ କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ଓଡ଼ିଶାର ୪ ଜଣ ଲୋକ ଆସି ଆମ ବିଧାୟକଙ୍କୁ ପ୍ରଲୋଭିତ କରିବାକୁ ଚାହୁଁଥିଲେ। ଏଥିପାଇଁ ସେମାନେ ସ୍ଥାନୀୟ ଅଞ୍ଚଳର ଜଣେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହାୟତା ନେଇଥିଲେ। ଏହାପରେ ସେମାନେ ହୋଟେଲରେ ଥିବା ବିଧାୟକଙ୍କ ସହ ଯୋଗାଯୋଗ କରିଥିଲେ। ବିଧାୟକମାନେ ଟଙ୍କା ନେବାକୁ ମନା କରିବା ସହ ଆମକୁ ଖବର ଦେଇଥିଲେ। ଅଭିଯୁକ୍ତଙ୍କୁ ଆମ କାର୍ଯ୍ୟକର୍ତ୍ତାମାନେ କାବୁ କରିଥିବା ବେଳେ ସେମାନଙ୍କଠାରୁ ବ୍ଲାଙ୍କ ଚେକ୍ ଜବତ କରାଯାଇଛି। ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଅପରପକ୍ଷେ ସାଂସଦ ସପ୍ତଗିରି ଉଲ୍ଲାକା କହିଥିଲେ ଯେ ଆଜି ଆମେ ସକାଳ ଜଳଖିଆ କରୁଥିବା ବେଳେ ୪ ଜଣ ଲୋକ ଆମ ଆଖପାଖରେ ବୁଲୁଥିଲେ। ଆମ ସହ ଲିଫ୍ଟରେ ଆସିବା ସହ ପ୍ରଲୋଭିତ କରିବାକୁ ଚେଷ୍ଟା କରୁଥିଲେ। ଆମର ସନ୍ଦେହ ହେବାରୁ ଆମେ ପୁଲିସକୁ ଖବର ଦେଇଥିଲୁ। ପୁଲିସ ଯେତେବେଳେ ତଦନ୍ତ କଲା, ସେଥିରୁ ଜଣେ ଅଭିଯୁକ୍ତଙ୍କ କଲ ଡିଟେଲ୍ସରେ ମେ ଫେୟାର ଏଜିଏମଙ୍କୁ କଲ୍ ଯାଇଥିବା ବେଳେ ଦିଲ୍ଲୀପ ରାୟଙ୍କ ମେସେଜ ଥିବା ଜଣାପଡ଼ିଥିଲା। ନିର୍ବାଚନ ପାଇଁ ଘୋଡ଼ା ବେପାର କରିବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସହ ଦିଲ୍ଲୀପ ରାୟଙ୍କ ନାମ ସାମ୍ନାକୁ ଆସୁଛି। ଏହାକୁ ଆମେ ନିନ୍ଦା କରୁଛୁ ବୋଲି ସେ କହିଛନ୍ତି।

### ଇରାକ, ଇସ୍ରାଏଲରେ...

ନାମିତ କରାଯାଇଛି। ଏହା ଏକ ଦ୍ୱି-ସ୍ତରୀୟ, ସଲିଡ୍ ଫୁଏଲ ମିଡିୟମ ରେଞ୍ଜ୍ ବାଲିଷ୍ଟିକ କ୍ଷେପଣାସ୍ତ୍ର। ଏହାର ପ୍ରାୟ ୨୦୦୦ କିମି ପର୍ଯ୍ୟନ୍ତ ମାରିଣ କ୍ଷମତା ରହିଛି ଓ ଏହା ପ୍ରାୟ ୭୦୦ କେଜି ଓଜନର ବିସ୍ଫୋରକ ବହନ କରିପାରିବ। ତରଳ ଇନ୍ଧନ ବ୍ୟବହାର କରୁଥିବା ପୁରୁଣା ମିସାଇଲ (ଯେପରିକି ସାହାବ ସିରିଜ) ତୁଳନାରେ ଏହାକୁ ଖୁବ କମ୍ ସମୟ ମଧ୍ୟରେ ଲଞ୍ଚ୍ କରାଯାଇପାରିବ ଓ ଏହା ଯୁଦ୍ଧ ସମୟରେ ଇରାନ ପାଇଁ ଏକ ସୁବିଧାଜନକ ସ୍ଥିତି ସୃଷ୍ଟି କରିଛି। ଏହାକୁ ଆସୁରା କ୍ଷେପଣାସ୍ତ୍ର ବୋଲି ମଧ୍ୟ କୁହାଯାଉଛି। ଏହି ଡ୍ୟାନ୍ସିଂ କ୍ଷେପଣାସ୍ତ୍ର ପ୍ରାୟ ୧୮ ମିଟର ଲମ୍ବା ଓ ଏହାର ଓଜନ ପ୍ରାୟ ୨୩, ୬୦୦ କେଜି ରହିଛି। ଏହା ଇସ୍ରାଏଲକୁ ନିଶ୍ଚିତ ଭାବେ ସମସ୍ୟାରେ ପକାଇବ ବୋଲି କୁହାଯାଉଛି।

### ବଦଳାଇବ...

ବିରୋଧୀମାନଙ୍କ ବିରୋଧରେ ସେ କେବେ ରାଜନୈତିକ ପ୍ରତିଶୋଧ ନେବାର ଦୃଷ୍ଟାନ୍ତ ନାହିଁ। ରାଜନୀତିରେ ମୂଲ୍ୟବୋଧକୁ ସେ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି, ବିରୋଧୀ ପକ୍ଷର ପ୍ରାର୍ଥୀ ବା ଦଳ ପ୍ରତି ପଦେ ହେଲେ ଅସମ୍ମାନସୂଚକ ମନ୍ତବ୍ୟ ଦେଇନାହାନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ନବୀନ ଓ ତାଙ୍କ ଦଳର ନେତାମାନଙ୍କ ବିରୋଧରେ ବିରୋଧୀ ଅପପ୍ରଚାର ଓ କୁତ୍ସାରଟନା ସତ୍ତ୍ୱେ ନବୀନ ସମ୍ଭ୍ରମତାର ଲକ୍ଷ୍ମଣରେଖା ଟପି ନାହାନ୍ତି। କିନ୍ତୁ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଘଟି ଚାଲିଥିବା ଘଟଣା ନବୀନଙ୍କୁ ମର୍ମାହତ କରିଛି। ନିୟମିତ ବ୍ୟବଧାନରେ ନବୀନ ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସ୍ୱାର୍ଥ ବ୍ୟାହତ ଓ ରାଜ୍ୟବାସୀଙ୍କ ପାଇଁ ଅହିତକର ମନେହେଉଥିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି ଏବଂ ଚଳିତ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ସିଧାସଳଖ ବିଜେପି ଉପରେ ବାରମ୍ବାର ଘୋଡ଼ାବେପାର ଅଭିଯୋଗ କରିଛନ୍ତି। ଗତ ବର୍ଷକ ମଧ୍ୟରେ ବିଜେପି ପ୍ରତି ନବୀନ ପଟ୍ଟନାୟକଙ୍କ ତୀକ୍ଷ୍ଣ ଓ ଶାଣିତ ଆଭିମୁଖ୍ୟ ରାଜନୈତିକ ସମୀକ୍ଷକଙ୍କୁ ରାଜ୍ୟ ରାଜନୀତିରେ କିଛି ନୂଆ ଘଟିବାର ଆଭାସ ଦେଇଛି।

ରାଜ୍ୟର ସ୍ୱାର୍ଥ ପାଇଁ ଏକ ସମୟରେ କଂଗ୍ରେସ ପ୍ରାର୍ଥୀ କାହ୍ନୁଚରଣ ଲେଙ୍କାଙ୍କୁ ବିଜୁ ପଟ୍ଟନାୟକ ସମର୍ଥନ ଦେଇଥିଲେ। କାହ୍ନୁଚରଣ ଲେଙ୍କା କେନ୍ଦ୍ରରେ ରେଳମନ୍ତ୍ରୀ ହୋଇଥିଲେ। ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟସଭା ପଠାଇବାରେ ନବୀନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ; ସେ ମଧ୍ୟ କେନ୍ଦ୍ରରେ ରେଳ ମନ୍ତ୍ରୀ ହୋଇଛନ୍ତି। ଦୁଇଦୁଇଥର ନବୀନଙ୍କ ସମର୍ଥନର ପ୍ରତିଦାନ ପ୍ରଦାନ ନିମନ୍ତେ ବିଜେପି ନିକଟରେ ଏକ ସୁଯୋଗ ଥିଲା। ନବୀନଙ୍କ ଘୋଷିତ ପ୍ରାର୍ଥୀକୁ ସମର୍ଥନ ଦେଇ ବିଜେପି ଋଣ ପରିଶୋଧ କରି ପାରିଥାଆନ୍ତା । ମାତ୍ର ତାହା ପରିବର୍ତ୍ତେ ସଂଖ୍ୟା ନ ଥିବା ସତ୍ତ୍ୱେ ବିଜେପି 'ସ୍ୱାଧୀନ' ପ୍ରାର୍ଥୀଙ୍କ ଜରିଆରେ ୩ୟ ଆସନ ଦଖଲ ପାଇଁ ଅଣ୍ଟା ଭିଡ଼ିଛି । ଆସନ୍ତାକାଲି ରାଜ୍ୟସଭା ନିର୍ବାଚନରେ ୪ର୍ଥ ଆସନରେ ବିଜେଡ଼ି ଘୋଷିତ ଓ କଂଗ୍ରେସ ସମର୍ଥିତ ମିଳିତ ପ୍ରାର୍ଥୀ ଜିତନ୍ତୁ ବା ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବିଜୟଲାଭ କରନ୍ତୁ; ଏଥିରେ ରାଜ୍ୟର କୌଣସି ଜଣେ ସାଧାରଣ ବ୍ୟକ୍ତିଙ୍କର କିଛି ଲାଭ ବା କ୍ଷତି ହେବ ନାହିଁ। ମାତ୍ର ଏହା ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ଭୂକମ୍ପ ସୃଷ୍ଟି କରିବା ଆପାତତଃ ନିଶ୍ଚିତ ଓ ୨୦୨୯ ସାଧାରଣ ନିର୍ବାଚନର ଫଳାଫଳ ନିର୍ଦ୍ଧାରଣ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି ।

### ନବ, ଚକ୍ରମଣିଙ୍କୁ...

ବିଧାୟକଦ୍ୱୟଙ୍କୁ ଲୁଚେଇ ରଖିଥିବା ଶୁଣାଯାଉଛି ବୋଲି ଅରୁଣ କହିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାର ଏପରି ଅନୈତିକ ପନ୍ଥା ଗ୍ରହଣ ନ କରନ୍ତୁ। ସ୍ୱଚ୍ଛ ଏବଂ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ ହେବାକୁ ଦିଆଯାଉ। ଦଳୀୟ ହୁଇପ ସତ୍ତ୍ୱେ ଦଳର ୨ ବିଧାୟକ ଏହାକୁ ମାନି ନାହାନ୍ତି। ଦଳ ବିରୋଧରେ କାର୍ଯ୍ୟ କଲେ ସଭ୍ୟ ପଦ ରଦ୍ଦ ହେବ ବୋଲି ଉଭୟ ବିଧାୟକ ଜାଣି ରଖିବା ଉଚିତ୍ ବୋଲି ଅରୁଣ କହିଛନ୍ତି।

### ହୁଇପ୍ ମାନିଲେ...

ଆବଶ୍ୟକ। ଦଳୀୟ ହୁଇପ୍ ବିରୋଧରେ ଭୋଟ ଦେବା କିମ୍ବା ଦଳର ପୂର୍ବ ଅନୁମତି ବିନା ଭୋଟରୁ ବିରତ ରହିବା ଭଳି କୌଣସି କାର୍ଯ୍ୟ ସମ୍ବିଧାନର ଦଶମ ଅନୁସୂଚୀର ବ୍ୟବସ୍ଥାର ବିରୋଧାଚରଣ କରିଥାଏ। ଯେଉଁଥିରେ ସଦସ୍ୟ ରାଜନୈତିକ ଦଳର ସଦସ୍ୟତାକୁ ସ୍ୱେଚ୍ଛାରେ ତ୍ୟାଗ କରିଛନ୍ତି କିମ୍ବା ସେମାନଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିବା ମନେ କରାଯାଏ। ଅତୀତରେ ଜେଡିୟୁ ସାଂସଦ ଶରଦ ଯାଦବଙ୍କୁ ଦଶମ ଅନୁସୂଚୀ ଅନୁଯାୟୀ ତତ୍କାଳୀନ ରାଜ୍ୟସଭା ଅଧ୍ୟକ୍ଷ ଅଯୋଗ୍ୟ ଘୋଷଣା କରିଥିଲେ । ଶରଦ ଯାଦବ ବନାମ ଭାରତ ସରକାର ମାମଲାରେ ଉଚ୍ଚତମ ନ୍ୟାୟାଳୟ ଏହି ନିଷ୍ପତ୍ତିରେ ହସ୍ତକ୍ଷେପ କରି ନଥିଲେ। ତେଣୁ ଯେଉଁ ଦଳୀୟ ଚିହ୍ନରେ ସେମାନେ ନିର୍ବାଚିତ, ସେହି ଦଳ ଓ ଦୀୟ ହୁଇପ୍‌କୁ ସମ୍ମାନ ଦେଇ ମତଦାନ କରିବାକୁ ପ୍ରମିଳା ଚିଠିରେ ଉଲ୍ଲେଖ କରିଛନ୍ତି। ଦଳୀୟ ନିର୍ଦ୍ଦେଶକୁ ପାଳନ କଲେ ଦଳ ନେତୃତ୍ୱ ଆପଣଙ୍କ ନିଲମ୍ବନ ସମ୍ବନ୍ଧୀୟ ବିଷୟର ପୁନର୍ବିଚାର କରିବା ଏହାକୁ ବିଚାରକୁ ନେବ ବୋଲି ଶ୍ରୀମତୀ ମଲ୍ଲିକ ଉଲ୍ଲେଖ କରିଛନ୍ତି।

### ଆତ୍ମଗୋପନ...

ଚେଷ୍ଟା କରାଯାଇଥିଲେ ହେଁ ସେ ଧରାଛୁଆଁ ଦେଉନାହାନ୍ତି। ଯାହାଫଳରେ ଦଳ ପକ୍ଷରୁ ରବିବାର ଶ୍ରୀ ଗମାଙ୍ଗୋଙ୍କୁ ନୋଟିସ କରାଯାଇଥିଲା। ନୋଟିସରେ କୁହାଯାଇଥିଲା ଯେ ଗତ ୮ ମାର୍ଚ୍ଚ ୨୦୨୬ରୁ ଏ ଯାଏ ସପ୍ତାହେ କାଳ ଆପଣଙ୍କୁ ଯୋଗାଯୋଗ କରିବା ପାଇଁ ପିସିସି ସଭାପତି ଚେଷ୍ଟା କରୁଛନ୍ତି, ଅଥଚ ଆପଣ ମିଳୁନାହାନ୍ତି। ଏଆଇସିସି ଓଡ଼ିଶା ଇନ୍‌ଚାର୍ଜ ଅଜୟ କୁମାର ଲଲ୍ଲୁ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ଆପଣଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ବହୁବାର ଚେଷ୍ଟା କରି ବିଫଳ ହୋଇଛନ୍ତି। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣ ରହସ୍ୟମୟ ଭାବେ ଉଭାନ ହୋଇଯିବା ଦ୍ୱାରା ରାଜ୍ୟବାସୀଙ୍କ ନିକଟକୁ ଭୁଲ୍ ବାର୍ତ୍ତା ଯାଉଛି। ଏପରିକି ବିଧାୟକ ଶ୍ରୀ ଗମାଙ୍ଗୋ ସ୍ୱଇଚ୍ଛାରେ ଆତ୍ମଗାପନ କରିଥିବା ନେଇ ପିସିସି ପକ୍ଷରୁ ନୋଟିସରେ ଉଲ୍ଲେଖ କରାଯାଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ବ୍ୟକ୍ତିଗତ ହାଜର କିମ୍ବା ସନ୍ତୋଷଜନକ ଉତ୍ତର ନମିଳିଲେ ଦଳ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେବ ବୋଲି ଶୃଙ୍ଖଳା କମିଟି ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଏହି ନୋଟିସରେ ଚେତାବନୀ ଦେଇଥିଲେ। ଏପିରିକି ପିସିସି ସଭାପତି ମଧ୍ୟ ଏନେଇ କଡ଼ା ଚେତାବନୀ ଜାରି କରିଥିଲେ। ବିଧାୟକ ଯଦି ନିର୍ଦ୍ଧାରିତ ସମୟରେ ଉପସ୍ଥିତ ନହୁଅନ୍ତି ତେବେ ତାଙ୍କର କଂଗ୍ରେସ ସଦସ୍ୟତା ପଦ ରଦ୍ଦ ହେବା ସହିତ ବିଧାନସଭା ପଦ ରଦ୍ଦ ପାଇଁ ଦଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ସେ ଚେତାବନୀରେ କହିଥିଲେ। ଏହା ସତ୍ତ୍ୱେ ସେ କଂଗ୍ରେସ କାର୍ଯ୍ୟାଳୟରେ ଅନୁପସ୍ଥିତ ନରହିବା, କ୍ରସ ଭୋଟିଂ ଆଡ଼େ ଇସାରା କରୁଛି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

### ବିବେକ ଅନୁଯାୟୀ...

ଭାବେ ମୋର ନିର୍ବାଚନ ମଣ୍ଡଳୀ ମୋହନାର ବିକାଶ ପାଇଁ କାର୍ଯ୍ୟ କରି ଆସିଛି । ମୋର ନିର୍ବାଚନ ମଣ୍ଡଳୀର ଭୋଟରମାନେ ମୋ ଉପରେ ଅଖଣ୍ଡ ବିଶ୍ୱାସ ଓ ଆସ୍ଥା ସ୍ଥାପନ କରିଛନ୍ତି। କଂଗ୍ରେସର ରାଜ୍ୟ ନେତୃତ୍ୱ ମୋର ସୁଖ-ଦୁଃଖରେ କେବେ ସାଥ୍ ଦେଇନାହାନ୍ତି ଏବଂ ମୋର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସେମାନଙ୍କର କୌଣସି ଉଲ୍ଲେଖନୀୟ ଅବଦାନ ନାହିଁ।ସେ ଆହୁରି ମଧ୍ୟ କହିଛନ୍ତି ଯେ ଡାକ୍ତର ଦଣ୍ଡେଶ୍ୱର ହୋତା ରାଜ୍ୟସଭା ନିର୍ବାଚନରେ ବିଜେଡିର ସମର୍ଥନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି ଏବଂ କଂଗ୍ରେସ ତାଙ୍କୁ ସମର୍ଥନ ଜଣାଉଛି। କଂଗ୍ରେସର ଏଭଳି ଏକପାଖିଆ ନିଷ୍ପତ୍ତି ବିଧାୟକ ଦଳ ବୈଠକରେ ଆଲୋଚନା ହୋଇନାହିଁ କିମ୍ବା ନିର୍ବାଚିତ ବିଧାୟକମାନଙ୍କର ମତାମତ ନିଆଯାଇ ନାହିଁ। ରାଜ୍ୟସଭା ନିର୍ବାଚନରେ ମତଦାନ ଦଳୀୟ ଶୃଙ୍ଖଳା ସହିତ ସମ୍ପର୍କିତ ନୁହେଁ । ରାଜ୍ୟସଭା ନିର୍ବାଚନରେ ମତଦାନ କରିବି କି ନାହିଁ କିମ୍ବା କାହା ସପକ୍ଷରେ ମତଦାନ କରିବି, ତାହା ମୋର ବିବେକ ଅନୁଯାୟୀ ନିଷ୍ପତ୍ତି ନେବି। ଏଥିରେ ଦଳୀୟ ହୁଇପ କାର୍ଯ୍ୟକାରୀ ହୁଏ ନାହିଁ ଏବଂ ଏହା ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ଭଳି କାର୍ଯ୍ୟ ନୁହେଁ ବୋଲି ସେ କହିଛନ୍ତି।

### ବିଜେପି ଭ୍ରଷ୍ଟ...

କର୍ଣ୍ଣାଟକ ବିଜେପି ନେତାଙ୍କ ଲୋକ ସୁରେଶ। ସେମାନଙ୍କ ମଧ୍ୟରୁ ଦୁଇଜଣ ପୁଲିସ ହାତରେ ଧରା ପଡ଼ିଲେ ଓ ଦୁଇଜଣ ଫେରାର ହୋଇଗଲେ । ସେମାନଙ୍କ ପାଖରୁ ଗୋଟିଏ ବ୍ଲାଙ୍କ ଚେକ ଏବଂ ୧୭ ଲକ୍ଷ ଟଙ୍କା ଲେଖାଥିବା ଅନ୍ୟ ଏକ ଚେକ ଜବତ ହୋଇଛି। ସମଭାବାପନ୍ନ ଦଳ ମଧ୍ୟରେ ଚତୁର୍ଥ ପ୍ରାର୍ଥୀ ଦେବାପାଇଁ ବ୍ୟବସ୍ଥା ହେଲା। ତାହାକୁ ସମ୍ମାନ ନ ଜଣାଇ ଓଡ଼ିଶା ବିଜେପିର କ'ଣ ବାଧ୍ୟବାଧକତା ଅଛି ଯେ ଓଡ଼ିଶା ରାଜନୀତିକୁ କଳୁଷିତ କରିବାକୁ ପଛାଉ ନାହିଁ । ଏଥିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ସଂପୃକ୍ତ ରହିବାର ଅଭିଯୋଗ ଆସୁଛି। କଂଗ୍ରେସ ଦଳର ବିଶ୍ୱାସ, ଆମ ସମସ୍ତ ବିଧାନସଭା ସଦସ୍ୟ କଂଗ୍ରେସ ଦଳ ସମର୍ଥିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତାଙ୍କୁ ଭୋଟ ଦେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


**AFFIDAVIT**

By an affidavit Sl. No-7, Dtd 02/03/2026 sworn before The Executive Magistrate, Baripada, I Sujoy Mandi, S/o Rameswar Mandi, permanent Address- At/Po- Marangtandi, PS- Chandua, Dist. Mayurbhanj, 757014, At present At- Sonari Mara, Po. Saria, PS- Gopiballavpur, Dist. Jhargram, W.B. 721506, have changed my DOB as 20/08/2006 and address At/Po- Marangtandi, PS- Chandua, Dist. Mayurbhanj and at present address At- Sonari Mara, PO- Saria, PS- Gopiballavpur, Dist- Jhargram, W.B. 721506 for all purposes.

**NOTICE**

By virtue of an affidavit sworn before the Executive Magistrate, Athmallik dated 11th March 2026, I, Miss. PRATIVA KHAMARI address Daughter of BANSIDHAR KHAMARI, Village : MALIPADAR, P.O. : PURUNAMANATRI, P.S.: ATHMALLIK, District : ANGUL, PIN : 759125, STATE : ODISHA, declare that I have changed my name from "JHILI KHAMARI" to "PRATIVA KHAMARI". Henceforth, I shall be known as "PRATIVA KHAMARI" for all purposes.

PRATIVA KHAMARI

**KALINGA CONSORTIUM**

Janus Patna Rd. College Square, Cuttack-753003

Tel: +91-671-4082378, +91-9337581556 / 9238467571-3 / 9437067573

Kalingaconsortium@yahoo.com, TIN: 21AKEPM0064G1ZQ

**Advertisement**

Godown Staff & Sales Staff required for an Automobile Firm in Cuttack

Contact : Kalinga Consortium College Square, Cuttack

Whatsapp No. 9437067573

# ଜିଲ୍ଲା ସମୀକ୍ଷା,ଯୋଜନା ବୈଠକ



ରାୟଗଡ଼ା,୧୫।୩(ସମିସ): ରାୟଗଡ଼ା ଗାୟତ୍ରୀ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ରାୟଗଡ଼ା ଜିଲ୍ଲା ସ୍ତରୀୟ ସମୀକ୍ଷା ଓ ଯୋଜନା ବୈଠକ ୧୫ ତାରିଖ ରବିବାର ପୂର୍ବାହ୍ନ ୧୦ ଘଟିକା ରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ନଗର ପ୍ରମୁଖ ଚିଦାନନ୍ଦ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକକୁ ରାଜ୍ୟ ସଂପାଦିକା ଦିପ୍ତିମୟୀ ପ୍ରତିହାରୀ ଓ ଜିଲ୍ଲା ପ୍ରମୁଖ ଶେଷସାୟୀ ସେନାପତି ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ବୈଠକରେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ରହିଥିବା ସମସ୍ୟା ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ସେଗୁଡ଼ିକର ସମାଧାନ କିପରି କରାଯାଇପାରିବ ବିଚାର କରାଗଲା। ବିଦ୍ୟାର୍ଥୀ ପରିଷଦର ବାର୍ଷିକ ଯୋଜନା ଓ ଲକ୍ଷ୍ୟ ଧାର୍ଯ୍ୟ କରାଯିବା ସହିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆୟାମ ମାଧ୍ୟମରେ ଯୋଡିବାକୁ ହେବ ବୋଲି ରାଜ୍ୟ ସମ୍ପାଦିକା ମତ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ରାୟଗଡ଼ା ଜିଲ୍ଲାରେ ୭୦୦୦ ସଦସ୍ୟତା ଏବଂ ୧୮ ଗୋଟି ପୂର୍ଣ୍ଣ କ୍ୟାମ୍ପସ ଶାଖା କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ଚଳିତ ବର୍ଷ କଲେଜ ନିର୍ବାଚନ ହେବ ବୋଲି ଛାତ୍ର ଛାତ୍ରୀ ଆଶାୟୀ ଅଛନ୍ତି ଏବଂ ରାୟଗଡ଼ା ଜିଲ୍ଲାରେ ଏବିଭିପିର ବିଜୟକୁ ସୁନିଶ୍ଚିତ କରାଯାଇଛି। ବୈଠକ ଶେଷରେ ବନ୍ଦେ ମାତରଂ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ପ୍ରମୁଖ ଗଣେଶ୍ୱର ସେଠୀ, ପୂର୍ବ ପ୍ରାନ୍ତ ଟେକ୍ନିକାଲ ବିଦ୍ୟାର୍ଥୀ ପ୍ରମୁଖ ସନ୍ଦୀପ କୁମାର ଆଶ, ସୁମିତ ରତ୍ନାଲୁ, ରବୀନ୍ଦ୍ର ଖଡଗରାୟ, ଡି ଶିରୀସା, ଶ୍ୟାମଳା, ଚାନ୍ଦିନୀ, ନନ୍ଦିନୀ, ପି ଜ୍ୟୋତି, ବିଷ୍ଣୁ ପ୍ରସାଦ, ଜୀବନ ଗୌଡ଼, ମନୋଜ ମହାନ୍ତି, ସୁରେଶ ଦଳପତି, ଶ୍ରୀତମ ନାୟକ, ଆଶୁତୋଷ ପଣ୍ଡା ଓ ରୋସନ କାଡ୍ରାକା ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଉଁଶ କାଠିରେ ବନ୍ଦ ହେଉଛି ପାଣି ପାଇପ୍ ମୁହଁ

# ଜଳ ଅପଚୟ, ଧ୍ୟାନ ଦେଉନି ବିଭାଗ

ପଡିଆ,୧୫ ।୩(ସମିସ):



ଆଗକୁ ଗ୍ରୀଷ୍ମ ଋତୁ। ଏଥିପାଇଁ ମାଲକାନଗିରି ଜିଲ୍ଲା ଭଳି ଶୁଷ୍କ ଅଞ୍ଚଳରେ ଜଳର ସୁରକ୍ଷା ହିଁ ପ୍ରାଥମିକତା ହୋଇପଡିଛି। ପାନୀୟ ଜଳ ଓ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ସାଧାରଣତଃ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଗ୍ରାମାଞ୍ଚଳରେ ଏହି ପ୍ରକଳ୍ପ ଓ ଜଳ ଯୋଗାଣ ବ୍ୟବସ୍ଥା ଫେଲ୍ ମାରିବା ଭଳି ସ୍ଥିତି ଉପୁଜିଛି। ଏହାର ସଦ୍ୟତମ ଉଦାହରଣ ଭାବେ ପଡିଆ ବ୍ଲକ ଅନ୍ତର୍ଗତ କୁଞ୍ଜନପଲ୍ଲୀ ଗ୍ରାମ ନିକଟରେ ଥିବା କୁମ୍ଭାଗୁଡା ପଡ଼ା ଗ୍ରାମକୁ ନେଇ ପାରିବା। ଏଠାରେ ରହିଥିବା ପାଣି ଟ୍ୟାପର ମୁହଁକୁ ଗ୍ରାମବାସୀ ବାଉଁଶ କାଠି ସାହାଯ୍ୟରେ ବନ୍ଦ କରି ଜଳ ପ୍ରବାହକୁ ବନ୍ଦ କରୁଥିବା ବେଳେ ଆବଶ୍ୟକ ସ୍ଥଳରେ ଏହି କାଠିକୁ ବାହାର କରି ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ସମାନ ଚିତ୍ର ଆଖପାଖ ଗ୍ରାମରେ ମଧ୍ୟ ଦେଖିବାକୁ ମିଳୁଥିବା ବେଳେ କେତେକ ସ୍ଥାନରେ ଲୋକେ କପଡା, ପଲିଥିନ୍ ଜରି, ରବର ଟ୍ୟୁବ ସାହାଯ୍ୟରେ ପାଣି ଟ୍ୟାପ ଗୁଡ଼ିକର ମୁହଁ ବନ୍ଦ କରି ରଖୁଥିବା ଦେଖିବାକୁ ମିଳିଛି। ପଡିଆ ବ୍ଲକର ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ଗୁଡିକରେ ସଂଯୋଗ ହୋଇଥିବା ଏଭଳି ପାଣିଟ୍ୟାପ ଗୁଡ଼ିକ ନଷ୍ଟ ହୋଇଯାଇଥିବା ବେଳେ କେତେକ ପାଇପ ଗୁଡିକ ଫାଟି ଯାଇଥିବା ଚିତ୍ର ସାମ୍ନାକୁ ଆସିଛି। ଫଳରେ ଲୋକେ ଏଭଳି ଦେଶୀ ଯୋଗାଡ଼ କରୁଥିବାରୁ ଦୈନିକ ହଜାର ହଜାର ଲିଟର ଜଳ ଅପଚୟ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମ ଗୁଡିକରେ ପାଣି ଜମି ସନ୍ତସନ୍ତିଆ ପରିବେଶ ସୃଷ୍ଟି ହୋଇ ନାନା ରୋଗ ବ୍ୟାଧି ହେବାର ଆଶଙ୍କା ରହିଛି। ପଡିଆ ବ୍ଲକର ବିଭିନ୍ନ ଗ୍ରାମରେ ଛୋଟବଡ଼ ଷ୍ଟାଣ୍ଡ ପଏଣ୍ଟକୁ ମିଶାଇ ପ୍ରାୟ ଶହେରୁ ଅଧିକ ପାଣି ଟ୍ୟାପ ନଷ୍ଟ ହୋଇଯାଇଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପାଣି ଟ୍ୟାପ୍ ଷ୍ଟାଣ୍ଡ ପଏଣ୍ଟ ପାଇଁ ପ୍ରାୟ ୬ ରୁ ୧୨ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରଯାଉଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଥିବା କୁହାଯାଇଛି। ଅନ୍ୟପଟେ ଜଳ ଯୋଗାଣ ପାଇଁ ବ୍ୟବହୃତ ଏହି ପାଣି ଟ୍ୟାପ ଗୁଡିକ ଅତ୍ୟନ୍ତ ନିମ୍ନମାନର ସଂଯୋଗ କରାଯାଇଥିବାରୁ ମାସ କେଇଟାରେ ଟ୍ୟାପଗୁଡ଼ିକ ନଷ୍ଟ ହୋଇ ଯାଉଥିବା ସ୍ଥାନୀୟ ଲୋକ କହିଛନ୍ତି। ଆଗାମୀ ଗ୍ରୀଷ୍ମ ସମୟରେ ପାଣି ପାଇଁ ହାହାକାର ସ୍ଥିତି ସୃଷ୍ଟି ହେବା ପୂର୍ବରୁ ପଡିଆ ବ୍ଲକରେ ସମସ୍ତ ଗ୍ରାମରେ ପାଣି ଟ୍ୟାପ, ସୋଲାର ଜଳ ଯୋଗାଣ ପ୍ରକଳ୍ପ ଓ ବିଛା ଯାଇଥିବା ପାଇପ ଗୁଡିକର ମରାମତି କରିବାକୁ ସାଧରଣରେ ମତ ପ୍ରକାଶ ପାଇଛି।

## 'ଆମ ନୃତ୍ୟ, ଆମ ସଂସ୍କୃତି' ଉଦ୍‌ଯାପିତ

# ଆଦିବାସୀ ଲୋକକଳାକୁ ଋଦ୍ଧିମନ୍ତ କରିଛି ଉତ୍କଳ ଆଲୁମିନା



ରାୟଗଡ଼ା,୧୫।୩(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ମହାଡମ୍ବରରେ ଆମ ନୃତ୍ୟ ଆମ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ଆଲୁମିନା ସିଏସଆର ବିଭାଗ ଦ୍ୱାରା ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକକଳା ତଥା ସଂସ୍କୃତିକୁ ପ୍ରତିଯୋଗୀମାନେ ମଞ୍ଚସ୍ଥ କରିଥିଲେ। ସ୍ଥାନୀୟ କଳା ସଂସ୍କୃତିକୁ ଉଜ୍ଜୀବିତ ତଥା ଆଦିବାସୀ ଐତିହ୍ୟ, ସଂସ୍କୃତି ଓ ଲୋକକଳାକୁ ମଞ୍ଚ ପ୍ରଦାନ ଏବଂ ସ୍ଥାନୀୟ ଅଞ୍ଚଳ ପ୍ରତିଭାବାନ ଲୁକ୍କାୟିତ କଳାକାରଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଉତ୍କଳ ଆଲୁମିନା ପକ୍ଷରୁ ଏହି ପ୍ରୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଦିନ ସ୍ଥାନୀୟ ଅଞ୍ଚଳର ୨୧ଟି ଗ୍ରାମରୁ ଆସିଥିବା ପ୍ରତିଭାନ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ଢେମ୍‌ସା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ସିନେମା ଜଗତର ଜଣାଶୁଣା କଳାକାର ଅଶ୍ରୁମୋଚନ ମହାନ୍ତି ଯୋଗ ଦେଇ ଉତ୍କଳ ଆଲୁମିନାର ପ୍ରୟାସକୁ ପ୍ରଶଂସା କରିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ପରିଚିତ ବ୍ୟକ୍ତିତ୍ୱ ବାସୁଦେବ ମାନବିଶୋଇ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଉତ୍କଳ ଆଲୁମିନାକୁ ସାଧୁବାଦ ବୋଲି ସେ ପ୍ରକାଶ କରିଥିଲେ। ଅନୁରୂପ ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି ଓ ସିନେ ଅଭିନେତ୍ରୀ ମଧୁସ୍ମିତା ମହାନ୍ତି ମଧ୍ୟ ଉତ୍କଳ ଆଲୁମିନାର ଏଭଳି ପ୍ରୟାସ ପାଇଁ ପ୍ରଶଂସା କରିଥିଲେ। ଏହାପରେ ପର୍ଶ୍ୱର୍ସ୍ଥ ଗ୍ରାମାଞ୍ଚଳ ଯଥା, ଲଦିଗୁଡ଼ା, କୋଡ଼ିପରି, ଅଣ୍ଡିରାକଞ୍ଚ, ନଗିଂଜୋଡି, ନୂଆଗାଁ, ଡଙ୍ଗାସିଲ, ବାଗ୍ରିଝୋଲା, କୁଚେଇପଦର୍, ଥୁଟିବର୍ ଓ ସୋରିସପଦର୍ ଗ୍ରାମରେ କଳାକାରମାନେ ଆଦିବାସୀ ଢେମସା ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ଗୋକୁଳମୁଣ୍ଡା କଳାକାର ମାନେ ପ୍ରଥମ ସ୍ଥାନ ହାସଲ କରିଥିବା ସ୍ଥଳେ ଦ୍ୱିତୀୟ କେ.କରଲ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ଆରଆର୍ କଲୋନୀ ପ୍ରତିଯୋଗୀ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଦିତ୍ୟ ରିଫାଇନେରୀ ମୁଖ୍ୟ ମଜହର ବେଗ, ସିଜିମାଳି ଖଣି ମୁଖ୍ୟ ପ୍ରତୀକ କୁମାର ମାନବ ସମ୍ବଳ ମୁଖ୍ୟ ଦୀପକ ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ମୁଖ୍ୟ ରବି ନାରାୟଣ ମିଶ୍ର ଉପସ୍ଥିତ ଥିବା ବେଳେ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଅନୁରୂପ ଭାବେ ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ସଭାରେ ଉଦବୋଧନ ଦେଇଥିଲେ। ଓଡ଼ିଶୀ ସମେତ ରାଜସ୍ଥାନର ଲୋକ କଳାକାର କଲବେଲିଆ, ମିଜୋରାମ କଳାକାର ଚେର ଓ ମହାରାଷ୍ଟ୍ରରୁ ଆସିଥିବା ଲୋକ କଳାକାର ମାନେ ଲାବଣୀ ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି ଓ ଟିମ୍ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକପ୍ରତିନିଧି ତଥା କାଶୀପୁର ବ୍ଲକ୍ ଅଧ୍ୟକ୍ଷ କଣ୍ଠ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝୀ ଉପସ୍ଥିତ ଥିବା ବେଳେ କାରଖାନାର ବରିଷ୍ଠ କର୍ମକର୍ତ୍ତା ନାରାୟଣ ମିତ୍ର, ମରିନ୍ମୟ ମଣ୍ଡଳ, ପିତାମ୍ବର ବେହେରାଙ୍କ ସମେତ ଅନ୍ୟମାନେ ରହି ସହଯୋଗ କରିଥିଲେ।

# ବାଇକ୍ ସହ ଟ୍ରାକ୍ଟର ଧକ୍କା, ଜଣେ ମୃତ

ପଦ୍ମପୁର,୧୫।୩(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ତେମ୍ବାଗୁଡା ଠାରେ ବାଇକ୍ ସହ ଟ୍ରାକ୍ଟରର ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ୩ଜଣ ଗୁରୁତର ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଜଣଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ଓ ଆଉ ଜଣେ ଗୁଣପୁର ମେଡିକାଲକୁ ଚିକିତ୍ସା ପାଇଁ ପଠା ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ପଦ୍ମପୁର ବ୍ଲକ ଅନ୍ତର୍ଗତ ତେମ୍ବାଗୁଡ ଗ୍ରାମ ନିକଟରେ ଗୋଟିଏ ବାଇକରେ ବସି ଆଜି ଅପରାହ୍ନ ୫ଟା ସମୟରେ ୩ଜଣ ବ୍ୟକ୍ତି ଆସୁଥିବା ବେଳେ ବିଲ ଭିତରୁ ରାସ୍ତାକୁ ଉଠୁଥିବା ଏକ ଟ୍ରାକ୍ଟର ସମ୍ମୁଖରୁ ଧକ୍କା ହେବାରୁ ବାଇକରେ ବସି ଥିବା ୩ଜଣ ଗୁରୁତର ଆହତ ହୋଇପଡିଥିଲେ। ସେମାନେ ହେଲେ ଟିକୁ ମାଝୀ ( ୫୦ବର୍ଷ), ମିଟୁ ମାଝୀ ( ୨୨ ବର୍ଷ),ଓ ପିଣ୍ଟୁ ମାଝି(୨୨) । ଏମାନଙ୍କୁ ସ୍ଥାନୀୟ ଲୋକେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଟୁଟୁ ମାଝୀଙ୍କ ମୃତ୍ୟୁ ହୋଇଥିବା ସମୟରେ ମିଟୁ ମାଝୀଙ୍କ ବାମଗୋଡ଼ ଭାଙ୍ଗି ଯାଇଛି। ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛ। ଖବର ପାଇ ପଦ୍ମପୁର ଥାନା ଏସ୍ଆଇ ସରୋଜ୍ ଓରାମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ସମୟରେ ବ୍ୟବଚ୍ଛେଦ ପାଇଁ ଗୁଣପୁର ପଠାଯିବ ବୋଲି ପୋଲିସ କହିଛି।

**୨ ଗୁରୁତର**

## ● ସୁନାରପାଲ୍ଲୀ ଗାଁରେ ଅବକାରୀ ଚଢ଼ଉ

# ୪୮୦ ଲିଟର ଦେଶୀ ମଦ, ମହୁଲ ପୋଚ ଜବତ



ରାୟଗଡ଼ା,୧୫।୩(ସମିସ)

ରାୟଗଡା ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନେତୃତ୍ୱରେ ଏକ ଟିମ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାର ଗୁଡ଼ାରୀ ଥାନା ଅନ୍ତର୍ଗତ ସୁନାରପାଲ୍ଲୀ ଗାଁରେ ବେଆଇନ ଭାବେ ମଦ ରନ୍ଧା ଯାଉଥିବା ସ୍ଥାନରେ ଗତକାଲି ବିଳମ୍ବିତ ରାତ୍ର ସାଢେ ଗୋଟାଏ ବେଳେ ଅତର୍କିତ ଚଢ଼ାଉ କରାଯାଇଥିଲା। ତେବେ ରାତି ଅନ୍ଧାରର ସୁଯୋଗ ନେଇ ମଦ ବେପାରୀ ମାନେ ଫେରାର ହେବାରେ ସଫଳ ହୋଇଥିବା ବେଳେ ସେମାନଙ୍କୁ ଧରିବାରେ ଅବକାରୀ ଟିମକୁ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡିଥିଲା। ଅବକାରୀ ଟିମ ଘଟଣା ସ୍ଥଳରୁ ୭୪ଗୋଟି ପ୍ଲାଷ୍ଟିକ ଡ୍ରମ ଓ ମଦ ରନ୍ଧା ଆସବାବପତ୍ର ସହ ୩୨୦୦କିଗ୍ରା ମହୁଲ ଗୁଡ଼ ପୋଚ ୪୮୦ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ପୃଥକ ପୃଥକ ଦୁଇ ଗୋଟି ମାମଲା ରୁଜୁ କରାଯାଇଛି ।ଫେରାର ଥିବା ମଦ ବେପାରୀ ମାନଙ୍କୁ ଧରିବା ପାଇଁ ଏବଂ ଆଗକୁ ଏହିପରି ଚଢ଼ାଉ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ଧଳସାମନ୍ତ ଜଣାଇଛନ୍ତି । ଏହି ଚଢ଼ାଉରେ ଗୁଣୁପୁର ଅବକାରୀ ଉପ ଅଧିକ୍ଷକ ସଂଜିତ କୁମାର ବାର୍ଲା,ଅବକାରୀ ନିରୀକ୍ଷକ ବେଣୁଧର ସାମଲଙ୍କ ସମେତ ଗୁଣୁପୁର ଅବକାରୀ ଥାନା ଷ୍ଟାଫ୍ ମାନେ ସାମିଲ ଥିଲେ।

# ଟିକିରି ଅଞ୍ଚଳରେ ଗଧିଆ ଆତଙ୍କ



ଟିକିରି,୧୫।୫(ସମିସ): ମଣିଷ ପୋଡୁ ଚାଷ ପାଇଁ ଜଙ୍ଗଲ କାଟି ନିଆଁ ଲଗାଉ ଥିବା ବେଳେ ଜଙ୍ଗଲୀ ଜନ୍ତୁ ଗାଁରେ ପଶି ବ୍ୟାପକ ଧନଜୀବନ ନଷ୍ଟ କରୁଛନ୍ତି। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ରେଞ୍ଜର ଶଙ୍କରଡା ପଞ୍ଚାୟତ ଓ ଡୁଡୁକାବାହାଲ ପଞ୍ଚାୟତ ଅଞ୍ଚଳରେ ପ୍ରାୟ ସପ୍ତାହେ ହେବ ତିନି ଟିକିଆ ଗଧିଆ ବାଘ ସ୍ଥାନୀୟ ଅଞ୍ଚଳରେ ବୁଲି ଛେଳି କୁକୁଡ଼ା ଖାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଶଙ୍କରଡା ପଞ୍ଚାୟତ ଅଧୀନ ମହାରାଜଗୁଡା ଗ୍ରାମର ଗୁଣ ଗୌଡ଼ଙ୍କ ୨ଟି ଛେଳି ଓ ଡୁଡୁକାବାହାଲ ପଞ୍ଚାୟତ ସର୍ଗୀଗୁଡା ଗ୍ରାମର ଚୋଇତ ମାଝୀଙ୍କର ଗୋଟିଏ ଛେଳି ନେଇ ଖାଇ ଦେଇଛି। ଖବର ପାଇ ଟିକିରି ରେଞ୍ଜର ଅନିଲ ପାଣିଗ୍ରାହିଙ୍କର ଅଧକ୍ଷତାରେ ଏକ ଟିମ ସର୍ଗୀଗୁଡା ଯାଇ ଚୋଇତ ମାଝୀଙ୍କୁ ଭେଟିବା ସହ ଗାଁ ନିକଟ ଜଙ୍ଗଲ ବୁଲି ଅନୁଧ୍ୟାନ କରିଛନ୍ତି। ବାଘ ଖାଇଥିବା ଛେଳିର ଚାଷୀଙ୍କୁ ସରକାର ତରଫରୁ କ୍ଷତିପୂରଣ ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମୁନିଗୁଡ଼ା ଫରେଷ୍ଟ ରେଞ୍ଜରେ ବନାଗ୍ନି ସଚେତନତା

ମୁନିଗୁଡା,୧୫।୩(ସମିସ): ବନାଗ୍ନି ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ସାଧାରଣତଃ ଫେବୃଆରୀ ମାସରୁ ଆରମ୍ଭ କରାଯିବାର ନିୟମ ରହିଛି। ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ସଚେତନ କରି ବନାଗ୍ନି ଘଟଣାକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ରାୟଗଡ଼ା ଜିଲ୍ଲାର ମୁନିଗୁଡା ରେଞ୍ଜରେ ଏହି ନିୟମର ସ୍ୱଷ୍ଟ ବ୍ୟତିକ୍ରମ ଦେଖାଦେଇଛି। ସୂଚନା ଅନୁସାରେ ଏହି ଅଞ୍ଚଳର ଅନେକ ଜଙ୍ଗଲରେ ଆଗରୁ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଛି। ଶୁଖିଲା ପତ୍ର ଓ ଗଛପାଲା ଯୋଗୁଁ ନିଆଁ ଦ୍ରୁତ ଭାବରେ ପ୍ରସାରିତ ହେବାର ଆଶଙ୍କା ଥିଲେ ମଧ୍ୟ ପୂର୍ବରୁ କୌଣସି ଗୁରୁତ୍ୱପୂର୍ଣ୍ଣ ସଚେତନତା କାର୍ଯ୍ୟକ୍ରମ ଦେଖିବାକୁ ମିଳିନଥିଲା। ଜଙ୍ଗଲରେ ନିଆଁ ଲାଗିବା ପରେ ବନ ବିଭାଗ ପକ୍ଷରୁ ହଠାତ୍ ସଚେତନତା ଅଭିଯାନ ଆରମ୍ଭ ହୋଇଥିବା ଦେଖାଯାଇଛି। ଆଉ ଏକ ଆଶ୍ଚର୍ଯ୍ୟକର କଥା ହେଉଛି ଯେଉଁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ଏହି ସଚେତନତା କାର୍ଯ୍ୟକ୍ରମ କରିବା ଅତ୍ୟାବଶ୍ୟକ ରହିଛି।ହେଲେ ସେଠାରେ ପ୍ରଚାର କରାଯାଉନଥିବା ବେଳେ ସହର ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଫଳରେ ଯେଉଁ ଲୋକମାନେ ପ୍ରତିଦିନ ଜଙ୍ଗଲ ସହିତ ସଂପୃକ୍ତ ରହନ୍ତି, ସେମାନଙ୍କ ପାଖକୁ ସଚେତନତାର ସଠିକ୍ ବାର୍ତ୍ତା ପହଞ୍ଚୁନାହିଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଜଙ୍ଗଲରେ ନିଆଁ ଲାଗୁଥିଲେ ସୁଦ୍ଧା ଅଞ୍ଚଳରେ ଥିବା ବନ ସୁରକ୍ଷା ସମିତି ପକ୍ଷରୁ ନିଆଁ ଲିଭାଇବା କାର୍ଯ୍ୟ ହେଉ ନଥିବା ଅଞ୍ଚଳ ବାସୀ ଅଭିଯୋଗ କରୁଛନ୍ତି। ସ୍ଥାନୀୟ ମାନଙ୍କ ମତ ଅନୁସାରେ, ଯଦି ସମୟରେ ଜଙ୍ଗଲ ସମୀପ ଗ୍ରାମଗୁଡିକରେ ସଚେତନତା କରାଯାଇଥାନ୍ତା, ତେବେ ବନାଗ୍ନି ଘଟଣାକୁ କେତେକ ମାତ୍ରାରେ ରୋକାଯାଇ ପାରୁଥାନ୍ତା। ବନାଗ୍ନି ଘଟଣା ପରେ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ନେଇ ବନ ବିଭାଗର କାର୍ଯ୍ୟପଦ୍ଧତି ଉପରେ ପ୍ରଶ୍ନ ଉଠିଛି। ସମୟୋପଯୋଗୀ ଓ ସଠିକ୍ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଘଟଣା ବିଷୟରେ ପରିବେଶବିତ୍ତ ଗୌରାଙ୍ଗ ଚରଣ ରାଉତଙ୍କୁ ପଚାରିବାରୁ ନିଆଁ ଲାଗିବା ପୂର୍ବରୁ ଫେବ୍ରୁଆରୀ ମାସ ଆରମ୍ଭରୁ ସଚେତନତା କାର୍ଯ୍ୟକ୍ରମ କରିବା କଥା। କିନ୍ତୁ ବିଡମ୍ବନାର ବିଷୟ ମୁନିଗୁଡା ରେଞ୍ଜରେ ନିଆଁ ଲାଗିବା ପରେ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ହେଉଛି ବୋଲି କହିବା ସହ ବନ ବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଯେପର୍ଯ୍ୟନ୍ତ ଗାଁ ଲୋକମାନେ ସଚେତନ ହୋଇ ନାହାନ୍ତି, ଜଙ୍ଗଲକୁ ଗୋଷ୍ଠୀ ସମ୍ପଦ ହିସାବରେ ଅନୁଭବ କରି ନାହାନ୍ତି, ସେପର୍ଯ୍ୟନ୍ତ ବନ ବିଭାଗ ଯେତେ ଅର୍ଥ ଖର୍ଚ୍ଚ କଲେବି ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ ବୋଲି ମଧ୍ୟ କହିଛନ୍ତି ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ।

# କାଂସିରାମଙ୍କ ଜୟନ୍ତୀ ଉତ୍ସବ



କଲ୍ୟାଣସିଂହପୁର,୧୫।୩(ସମିସ):

କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା ଆମ୍ବେଦକର ଯୁବ ମଞ୍ଚ ପ୍ରାଙ୍ଗଣରେ ଓଡ଼ିଶା ବହୁଜନ ସମାଜ ପାର୍ଟି ପକ୍ଷରୁ ରାୟଗଡା ଜୋନ୍‌ସ୍ତରୀୟ ମହାମାନବ ଡିଏସ୪ ଓ ବହୁଜନ ସମାଜ ପାର୍ଟିର ସଂସ୍ଥାପକ ଦାଦା ସାହେବ କାଂସିରାମଙ୍କ ୯୨ତମ ଜନ୍ମ ଜୟନ୍ତୀ ମହା ଆଡମ୍ବର ସହ ପାଳିତ ହୋଇଯାଇଛି। ଏହି ଅବସରରେ କଲ୍ୟାଣସିଂହପୁର ବହୁଜନ ସମାଜ ପାର୍ଟି ବ୍ଲକ ସଭାପତି କୃପାସିନ୍ଧୁ ଉତ୍ରାଙ୍କ ନେତୃତ୍ୱରେଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଏବଂ ୭ଟି ଜିଲ୍ଲାକୁ ନେଇ ଗଠିତ ଜୋନ ସ୍ତରୀୟ ବହୁଜନ ସମାଜ ପାର୍ଟିର ପଦାଧିକାରୀ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଧିମାନ ସୋରଜ କୁମାର ନାୟକ ଯୋଗଦେଇ କାଂସିରାମଙ୍କ ଜୀବନୀ ଓ ସମାଜ ପାଇଁ ତାଙ୍କ ଅବଦାନ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସମ୍ପାଦିକା ସୁନିତା ବିଡ଼ିକା ମଧ୍ୟ ବହୁଜନ ସମାଜର ଅଧିକାର ଓ ସଂଗଠନ ଶକ୍ତିକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଜନ କୋଓର୍ଡିନେଟର ଜିତେନ୍ଦ୍ର ଯାକାକା (ଜିତୁ), ଗଙ୍ଗାଧର ପୁଆଲା, ଜଗେଶ୍ୱର ସାଗର, ଦେବୀ ଚରଣ ଭାଟି, ସୁବ୍ରତ ସାମଲ, ଜାଗାମ ବେନିଆ ଏବଂ କୋରାପୁଟ ଜିଲ୍ଲା ସଭାପତି ଘନଶ୍ୟାମ ହାଲୱା ପ୍ରମୁଖ ମଞ୍ଚାସୀନ ରହି କାଂସିରାମଙ୍କ ଆଦର୍ଶ ଓ ଚିନ୍ତା ଧାରାକୁ ଅନୁସରଣ କରି ସମାଜ ଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବହୁଜନ ସମାଜ ପାର୍ଟିର କର୍ମକର୍ତ୍ତା ଓ ସମର୍ଥକ ମାନେ ଯୋଗଦେଇ ଦାଦା ସାହେବ କାଂସିରାମଙ୍କ ଛବିରେ ପୁଷ୍ପାଞ୍ଜଳି ଅର୍ପଣ କରି ଜୟନ୍ତୀ ପାଳନ କରିଥିଲେ।

# ଜିଲ୍ଲାପାଳଙ୍କ ପୋଲେରୁ ସେତୁ ନିର୍ମାଣ ସ୍ଥଳ ପରିଦର୍ଶନ



## କାମ ଶୀଘ୍ର ଶେଷ କରିବାକୁ କଡ଼ା ନିର୍ଦ୍ଦେଶ

ମାଲକାନଗିରି,୧୫।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକର ଗୁରୁତ୍ୱପୂର୍ଣ୍ଣ ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ ପ୍ରଥମେଶ ଆରବିନ୍ଦ ରାଜଶିର୍କେ। ଆଜି ନିର୍ମାଣାଧୀନ ସେତୁ ସ୍ଥଳ ପରିଦର୍ଶନ କରିବା ସହ କାମ କେତେଦୂର ଆଗେଇଛି, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ କଥା ହୋଇଥିଲେ। ଏହି ସେତୁ କେବଳ ଏକ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଅଞ୍ଚଳବାସୀଙ୍କ ଆବେଗ ଓ ସଂସ୍କୃତି ସହ ଜଡ଼ିତ। ବିଶେଷକରି ପ୍ରସିଦ୍ଧ ବଡ଼ ଯାତ୍ରା ସମୟରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଥିବାରୁ, ଲୋକଙ୍କ ମହତ୍ତ୍ୱକୁ ସେ ସ୍ୱୀକାର କରିଛନ୍ତି। ଲୋକଙ୍କ ସୁବିଧା ଓ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା, ଏହି ବାର୍ତ୍ତା ଦେଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେତୁ ନିର୍ମାଣରେ ହେଉଥିବା ବିଳମ୍ବକୁ ଦୂର କରି ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରିବାକୁ ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୋଲେରୁ ସେତୁଟି ସ୍ଥାନୀୟ ଅଞ୍ଚଳକୁ ଆନ୍ଧ୍ରପ୍ରଦେଶ ସହ ସଂଯୋଗ କରିବା ପାଇଁ ଏକ ପ୍ରମୁଖ ସେତୁ। ଏହାର ନିର୍ମାଣ ଶେଷ ହେଲେ ହଜାର ହଜାର ଲୋକ ଉପକୃତ ହେବା ସହ ଯାତାୟାତରେ ବଡ଼ ପରିବର୍ତ୍ତନ ଆସିବ। ସେହିପରି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ଧାର୍ମିକ ସ୍ଥଳର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ଜିଲ୍ଲାପାଳ। ଏହି ପରିପ୍ରେକ୍ଷୀରେ, ପୋଲେରୁର ପ୍ରସିଦ୍ଧ ମାଉଳି ମା'ମନ୍ଦିର ଏବଂ ମାନ୍ୟମକୋଣ୍ଡା ମନ୍ଦିର ପରିଦର୍ଶନ କରି ଦର୍ଶନ କରିଛନ୍ତି ଶ୍ରୀ ରାଜଶିର୍କେ। ମାନ୍ୟମକୋଣ୍ଡା ଅଞ୍ଚଳରେ ଥିବା ଏହି ପ୍ରସିଦ୍ଧ ପୀଠର ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରାଯାଇଛି। ଏହା ସହିତ ଟାଗରକୋଟା ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଶିବ ମନ୍ଦିରର ନିର୍ମାଣାଧୀନ ଭିତ୍ତିଭୂମି କାର୍ଯ୍ୟ ବୁଲି ଦେଖିଛନ୍ତି। ସୂଚନାଯୋଗ୍ୟ, ଟାଗର କୋଟାରେ ଏକ ୩୦ ଫୁଟ ଉଚ୍ଚର ମହାଦେବଙ୍କ ପ୍ରତିମା ଏବଂ ମାଇକ୍ରୋ-ପର୍ଯ୍ୟଟନ ସୁବିଧା ଯଥା ପାନୀୟ ଜଳ, ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥାର ବିକାଶ ଚାଲିଛି। ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହି ଗସ୍ତ ସମୟରେ କାଳିମେଳା ବ୍ଲକ କନିଷ୍ଠ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ, ବ୍ଲକ ମଙ୍ଗଳ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଅବକାରୀ ବିଭାଗର ମିଳିତ ଚଢ଼ଉ, ମଦ ଜବତ

ମୁନିଗୁଡା,୧୫।୩(ସମିସ): ମୁନିଗୁଡ଼ା ଓ ବିଷମ କଟକ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚାଲିଥିବା ଚଢ଼ଉରେ ବହୁ ପରିମାଣର ଅବୈଧ ଦେଶୀ ମଦ ଓ ମହୁଲ ପୋଚ ଜବତ କରାଯାଇଛି। ସୂଚନାନୁସାରେ ଅବକାରୀ ବିଭାଗର ଟିମ୍ ଗୁପ୍ତ ସୂଚନାର ଆଧାରରେ ଅମ୍ବାଦଳା ଥାନା ଅନ୍ତର୍ଗତ ସୁକୁଲାଭଟା ଅଞ୍ଚଳର ଜଙ୍ଗଲ ଭିତରେ ଦେଶୀ ମଦ ରନ୍ଧା ଯାଉଥିବା ଜାଗାରେ ଚଢ଼ଉ କରିଥିଲେ। ଅବକାରୀ ବିଭାଗର ଟିମ୍ ଚଢ଼ଉ କରୁଥିବା ଖବର ପାଇ ମଦ ରନ୍ଧା କାରବାରରେ ଲିପ୍ତ ଥିବା ଲୋକମାନେ ସ୍ଥଳ ଛାଡ଼ି ପଳାଇଯାଇଥିଲେ। ଏହି ଚଢ଼ଉ ସମୟରେ ପ୍ରାୟ ୮୦ ଲିଟର ରନ୍ଧା ଦେଶୀ ମଦ ସହ ୧୧୦୦ ଲିଟର ମହୁଲ ପୋଚ ଜବତ କରାଯାଇଥିଲା। ହେଲେ ପରିବହନ ବ୍ୟବସ୍ଥା ନଥିବାରୁ ଜବତ ହୋଇଥିବା ମହୁଲ ପୋଚ ଓ ମଦକୁ ସ୍ଥଳରେ ଢାଳି ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉ ବେଳେ ବିଷମକଟକ ଅବକାରୀ ଥାନା ଓ୍ୱାଇସି ଛବିରାଜ ତାଣ୍ଡି ଓ ମୁନିଗୁଡା ଓ୍ୱାଇସି ଇନଚାର୍ଜ ଅମଜାଦ ଖାନଙ୍କ ସହ କର୍ମଚାରୀ ସନ୍ତୋଷ ଗୌଡ଼, ରାଜୁ କାଡ୍ରାକା, ଯୋଶବନ୍ତି ଶବର, ଜଗନ୍ନାଥ ଜେନା, ସୁରଜ ବିଡ଼େକ ପ୍ରମୁଖ ରହିଥିଲେ।

# ଗଞ୍ଜେଇ ଜବତ, ଦୁଇ ଗିରଫ



କାଳିମେଳା,୧୫।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ ଭି - ୯୦ ଅଞ୍ଚଳରେ କାଳିମେଳା ପୋଲିସ୍ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ୨୨ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ କେ ଶିବ ପ୍ରସାଦ ଓ ଏ ଲକ୍ଷ୍ମିପତି ସେମାନେ ଆନ୍ଧ୍ରପ୍ରଦେଶର ଅନାମ୍ୟେୟ ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ପାଖରୁ ଏ ପି- ୪ ଏଫଡି- ୮୨୫୬ ବିଶିଷ୍ଟ ଏକ ସୁଜୁକି ସମେତ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଛି କାଳିମେଳା ପୁଲିସ । ସୂଚନା ମୁତାବକ ସେମାନେ ଏମ ଭି - ୯୦ ଗ୍ରାମ ଛକ ନିକଟରେ କାରରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖି ବସିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହ ଜଣକ ଭାବେ ଯାଞ୍ଚ କରିବା ସହ ସେମାନଙ୍କୁ ଗିରଫ କରିଥିଲେ । ଏହି ଗଞ୍ଜେଇ କୁ ଅଭିଯୁକ୍ତ ମାନେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ସୂଚନା ମିଳିଥିବା ବେଳେ ଏନେଇ ପୁଲିସ୍ କେସ୍ ନମ୍ବର ୫୬/୨୬ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କାରାଯାଇଥିବା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ତାମ୍ବଲବାଇ ଓ ଲଛକଣା ଗାଁରେ ପାନୀୟ ଜଳ ସଙ୍କଟ

# ପାଣି ପାଇଁ ଡହଳବିକଳ ୪୦୦ ପରିବାର

ରାୟଗଡ଼ା,୧୫।୩ (ସମିସ): ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଯେପରି ବୃଦ୍ଧି ପାଇବାରେ ଲାଗୁଛି ସେପ୍ରକାରେ ଜିଲ୍ଲାରେ ପାନୀୟ ଜଳ ସଙ୍କଟକୁ ନେଇ ବିଭିନ୍ନ ଗାଁରେ ସମସ୍ୟା ଦେଖାଦେଉଛି । ରାୟଗଡା ଜିଲ୍ଲା ସଦର ବ୍ଲକ ମୀରାବାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାମ୍ବଲବାଇ, ଲଛକଣା ଏବଂ ସାନସାନ୍ଧୁବାଡି ଗାଁର ଜାନି ସାହିରେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେବ ପାନୀୟ ଜଳ ସମସ୍ୟାକୁ ନେଇ ଡହଳବିକଳ ହେଉଛନ୍ତି ଗ୍ରାମବାସୀ । ଏ ନେଇ ସରପଂଚ ଅଶୋକ କୁମାର ପୁଆଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗଣମାଧ୍ୟମକୁ ଜଣାଇଛନ୍ତି । ମିଳିଥିବା ସୂଚନା ପ୍ରକାରେ ତାମ୍ବଲବାଇ ଗ୍ରାମରେ ପ୍ରାୟ ୫୦ଘର ପରିବାର ୨୫୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବା ବେଳେ ପାନୀୟ ଜଳ ଯୋଗାଣ ନିମନ୍ତେ ୩ଟି ନଳକୂପ ରହିଛି । ସେଥିରୁ ଦୁଇଟି ସୌର ଚାଳିତ ନଳକୂପ ହୋଇଥିବା ବେଳେ ଗୋଟିଏ ସାଧାରଣ ନଳକୂପ ରହିଛି । ତେବେ ସୌର ଚାଳିତ ନଳକୂପ ଦୁଇଟିରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ମିଳୁ ନ ଥିବା ବେଳେ ବଳକା ଥିବା ଗୋଟିଏ ନଳକୂପ ପାଣି ପାନୀୟ ରୂପେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ଉକ୍ତ ନଳକୂପରୁ ନିର୍ଗତ ହେଉଥିବା ପାଣି ଲୌହଯୁକ୍ତ ଓ ଦୁର୍ଗନ୍ଧ ହେଉଥିବା ନେଇ ଗ୍ରାମବାସୀ ସରପଂଚଙ୍କୁ ଜଣାଇଥିଲେ । ସେହିପରି ଲଛକଣା ଗାଁରେ ମଧ୍ୟ ପ୍ରାୟ ୧୦୦ଜନସଂଖ୍ୟା ରହିଥିବା ବେଳେ ଏଠାରେ ମଧ୍ୟ ଗୋଟିଏ ସପ୍ତାହ ହେଲା ଗାଁରେ



ଥିବା ଦୁଇଟି ସୌର ଚାଳିତ ନଳକୂପରୁ ପାଣି ମିଳୁ ନ ଥିବାରୁ ଗାଁ ନିକଟରେ ପ୍ରବାହିତ ଏକ ଦୂଷିତ ନାଳ ନିକଟରେ ଚୁଆ ଖୋଳି ଗ୍ରାମବାସୀ ପିଇବା ପାଣି ବ୍ୟବସ୍ଥା କରୁଥିବା ସରପଞ୍ଚ ଶ୍ରୀ ପୁଆଲା ପ୍ରକାଶ କରିଛନ୍ତି । ପଞ୍ଚାୟତଏହି ଦୁଇଟି ଗାଁ ସମେତ ସାନ ସାନ୍ଧୁବାଡିର ଜାନି ସାହିରେ ମଧ୍ୟ ଦୁଇଟି ବ୍ୟବସ୍ଥା ହୋଇଛି ବର୍ତ୍ତମାନ ଉକ୍ତ ସ୍ଥାନରେ ଓଭରହେଡ୍ ପାଣି ଟାଙ୍କିକୁ ପାଣି ଉଠାଉଥିବା ପମ୍ପ ହାଉସରେ ମଟରଗୁଡିକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ତଥା ଅନ୍ୟାନ୍ୟ କାରଣ ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଯୋଗାଣ ହୋଇ

### ବ୍ଲକ୍ ପ୍ରଶାସନ ଚିହ୍ନଟ କରୁନି ଜଳକ୍ଲିଷ୍ଟ ଗାଁ

ନଳକୂପ ଥାଇ ମଧ୍ୟ ତାହା ଲୋକଙ୍କ କାମରେ ଆସୁ ନ ଥିବା ସେ ଅଭିଯୋଗ କରିଛନ୍ତି । ଦୁଇଟିଯାକ ନଳକୂପରୁ ବାହାରୁ ଥିବା ପାଣି ଦୁର୍ଗନ୍ଧ ହେଉଥିବାରୁ ସାହିବାସିନ୍ଦା ମଧ୍ୟ ଗାଁ ନିକଟ ନାଳ ଉପରେ ନିର୍ଭର କରୁଥିବା ସେ କହିଛନ୍ତି । ଏପରିକି ଯେଉଁ ଗାଁ ଗୁଡିକରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାରୁ ନ ଥିବାରୁ ଗ୍ରାମବାସୀମାନେ ଚଳିତ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ପାନୀୟ ଜଳ ସଙ୍କଟକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି ଏବଂ ଯଥାଶୀଘ୍ର ମୌଳିକ ସମସ୍ୟାର ସମାଧାନ ପାଇଁ ଦାବି କରୁଥିବା ସରପଂଚ ଅଶୋକ ପୁଆଲା ପ୍ରକାଶ କରିଛନ୍ତି । ତେବେ ଏ ନେଇ ବ୍ଲକ ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# କେବିକେରେ ସ୍ଥାୟୀ ବିକାଶର ରୋଡମ୍ୟାପ୍ ନେଇ ଆଲୋଚନାଚକ୍ର



କୋରାପୁଟ,୧୫।୩(ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରିସର୍ଚ୍ଚ ସେଣ୍ଟର (ଓଆରସି)ଙ୍କ ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ କେବିକେର ପୁନଃକଳ୍ପନା, ପଛୁଆପଣରୁ ବିକଶିତ ଓଡ଼ିଶା ୨୦୩୬ ପର୍ଯ୍ୟନ୍ତ ଶୀର୍ଷକ ଏକ ସେମିନାର ଆୟୋଜିତ ହୋଇଯାଇଛି । ଏଥିରେ ଶିକ୍ଷାବିତ, ବୈଜ୍ଞାନିକ ଓ ନୀତି ବିଶେଷଜ୍ଞମାନେ ଅବିଭକ୍ତ କୋରାପୁଟ,ବଲାଙ୍ଗୀ. କଳାହାଣ୍ଡି (କେବିକେ) ଅଞ୍ଚଳର ଉନ୍ନତି ସମ୍ଭାବନା ଏବଂ ଓଡ଼ିଶାର ଦୀର୍ଘମିଆଦି ଉନ୍ନତି ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ । ସେମିନାରକୁ ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଉଦ୍‌ଘାଟନ କରି କେବିକେ ଅଞ୍ଚଳର ସମସ୍ୟାଗୁଡ଼ିକ ସହ ଗଭୀର ସମ୍ପୃକ୍ତି ଓ କାର୍ଯ୍ୟକାରୀ ଉନ୍ନତି ରଣନୀତି ତିଆରି କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । କେବିକେ ଅଞ୍ଚଳ ପାଇଁ କେନ୍ଦ୍ରିତ ଯୋଜନା ଏବଂ ଉନ୍ନତିମୂଳକ କାର୍ଯ୍ୟକଳାପର ନିରନ୍ତର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସେ କହିଛନ୍ତି । ଅତିଥି ଭାବରେ ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ପୂର୍ବତନ ଆଇଆରଏସ ଅଧିକାରୀ ଏବଂ ଲାଇଭଲିହୁଡ୍ ଅଲ୍ଟରନେଟିଭ୍ସ' ଓ ପେସ୍ ଫାଉଣ୍ଡେସନର ସ୍ଥାପକ ଓ ସିଏମଡି ସମ୍ବିତ କୁମାର ତ୍ରିପାଠୀ, ଓଡ଼ିଶା ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ର ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ରାଣା ପୃଥ୍ୱୀରାଜ ସିଂହ, ଭାରତ ସରକାରଙ୍କ ନାଫେଡ୍‌ର ଓଡ଼ିଶା ମୁଖ୍ୟ ଆନିନ୍ଦିତା ଗୁହା, କେପିଏମଜିର ପାର୍ଟନର ଓ ଡ଼ାଇରେକ୍ଟର ଅପରାଜିତା ତ୍ରିପାଠୀ , ସିୟୁଓର ଫାଇନାନ୍ସ ଅଫିସର ଦୁର୍ଯୋଧନ ସେଠୀ, ସେମିନାରର ଆବାହକ ଡ଼ଃ ଜୟନ୍ତ କୁମାର ନାୟକ ଓ ସହ-ଆବାହକ ଡ଼ଃ ଦେବବ୍ରତ ପଣ୍ଡା ଉପସ୍ଥିତ ଥିଲେ । କେବିକେ ଅଞ୍ଚଳର ସ୍ୱଦେଶୀ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ । ଚାଉଳ ବ୍ୟତୀତ ଅନେକ ଆବଶ୍ୟକୀୟ ପଣ୍ୟ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟରୁ ନିର୍ଭର କରୁଛି । କେବିକେ ଅଞ୍ଚଳରେ ଡାଲି, ମାଣ୍ଡିଆ, ତୈଳଶସ୍ୟ, ପନିପରିବା, ଦୁଧ ଓ ଅନ୍ୟାନ୍ୟ ଆବଶ୍ୟକ ପଣ୍ୟ ଚାଷ ପାଇଁ ଅପାର ସମ୍ଭାବନା ରହିଛି ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା । ଉଦ୍‌ଘାଟନୀ ଅଧିବେଶନରେ ଡ. ଦେବବ୍ରତ ପଣ୍ଡା, ପ୍ରଫେସର ଶରତ କୁମାର ପାଲିତା ଓ ଡ. କାକୋଲୀ ବାନାର୍ଜୀ ଙ୍କ ଦ୍ୱାରା ସମ୍ପାଦିତ ଏକ ପୁସ୍ତକର ଉନ୍ମୋଚନ ହୋଇଥିଲା । ଶେଷରେ ଡ. ଦେବବ୍ରତ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ । ଡ. ମୋନିକା ପ୍ରିୟଦର୍ଶିନୀ ଓ ସାଇ ସୌମ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ସେମିଳିଗୁଡ଼ା,୧୫।୩ (ସମିସ): ସେମିଳିଗୁଡା ସହର ରେ ଥିବା ଇସ୍କନ୍ ମନ୍ଦିରକୁ ଯିବା ରାସ୍ତା ଉନ୍ନତୀକାରଣ କରିବା ପାଇଁ ପୌର ପରିଷଦ ପକ୍ଷରୁ ନିଷ୍ପତି ନିଆଯାଇଛି । ମନ୍ଦିର ଯିବା ରାସ୍ତାକୁ ମୁଖ୍ୟମନ୍ତ୍ରୀ ସାହାରା ବିକାଶ ଯୋଜନା ଅଧୀନରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ପାଭର୍ବ୍ଲକ୍ ରୋଡ୍ କରିବା ପାଇଁ ରବିବାର ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସହରର ଉନ୍ନତି ଦିଗରେ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବିଭିନ୍ନ ୱାର୍ଡରେ ରାସ୍ତା ଉନ୍ନତି କରୁଛି ବୋଲି ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଉପ ନଗରପାଳିକା ରତ୍ନୁ କଣ୍ଟା, କାଉନସିଲର ସଦସ୍ୟ, ପୌର ପରିଷଦ ଅଧିକାରୀ, ଇସ୍କନ୍ ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ଥିଲେ ।

● ବଡ଼ପଦର ତାରିଣୀ ମା'ଶକ୍ତି ପୀଠ

# ଶ୍ରଦ୍ଧା ଆଗରେ ସବୁ ଫିକା

ନନ୍ଦପୁର, ୧୫।୩ (ସମିସ): ଆସ୍ଥା ଓ ବିଶ୍ୱାସର ପ୍ରତୀକ ବଡ଼ପଦରରେ ବିରାଜ ମାନ ତାରିଣୀ ମା' ଶକ୍ତି ପୀଠ । ଅଲୌକିକ ଶକ୍ତିର ଆଧାର ମା ତାରିଣୀ ଦର୍ଶନ ପାଇଁ ସୁଅ ଛୁଟୁଛି ବଡ ପଦର ଶକ୍ତି ପୀଠରେ । ଏହି ଶକ୍ତି ପୀଠ ଆସ୍ଥା ଓ ବିଶ୍ୱାସର ପ୍ରତୀକ ସାଜିଛି । ମା'ଙ୍କ ସାନିଧ ଲାଭ ପାଇଁ ଦୂର ଦୂରନ୍ତରୁ ଆସିଥାନ୍ତି ଲୋକେ । ଦୁର୍ଗମ ଅଞ୍ଚଳରେ ମା'ଙ୍କ ପୀଠ । ସବୁ ପ୍ରୟାସ ଶେଷ ହେବା ପରେ ଗୋଟିଏ ମାତ୍ର ରାସ୍ତା ଉପର ବାଲା ବୋଲି ବିଶ୍ୱାସ କରି ଲୋକେ ଏହି ସ୍ଥାନକୁ ଯାଉଛନ୍ତି ଏବଂ ପୂଜାର୍ଚ୍ଚନା କରି ସଫଳ ମଧ୍ୟ ହେଉଛନ୍ତି । କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଖୋର୍ଜି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବଡପଦର ଗ୍ରାମ । ଏହି ଗାଁ ନନ୍ଦପୁର ରାଜା ବଂଶୀୟଙ୍କ ଇତିହାସ ଲିପିବଦ୍ଧ ହୋଇ ରହିଛି । ଆଦିବାସୀ ବହୁଳ ଏହି ଗ୍ରାମପାହାଡ଼ ଶିଖରରେ ରହିଛି । ପ୍ରାକୃତିକ ଭରା ପାହାଡ଼ ଘେରେ ଅବସ୍ଥିତ ବଡ ପଦର ଗ୍ରାମରେ ବର୍ତ୍ତମାନ ତାରିଣୀ ମା'ଙ୍କ ଶକ୍ତି ବର୍ତ୍ତମାନ ଆଉ ନୂଆ ପରିଚୟ ସୃଷ୍ଟି କରିଛି । ବଡପଦର ଗ୍ରାମର ଏକ ଆଦିବାସୀ ପରିବାର ଯୁବକ ମଦନ ଗୁରୁମାଇ । ପାଠପଢ଼ା ସମୟରୁ ତାଙ୍କ ଦେହରେ ଠାକୁର ଲାଗିବା ଆରମ୍ଭ ହୋଇଥିଲା । ଦିନ ରାତିରେ ମା'ସ୍ୱପ୍ନରେ ଦେଖା ଦେଲେ । ତାଙ୍କ ଚାଲିଚଳନ ବ୍ୟବହାର ପରିବର୍ତ୍ତନ ହେବାରେ ଲାଗିଲା । ପରିବାର ଲୋକେ ପୁଅ ର ପରିବର୍ତ୍ତନ ଦେଖି ଚିନ୍ତିତ ହେବା ସହ ଅନେକ ମନ୍ଦିର ବୁଲାଇ ଥିଲେ । ତେବେ ଶେଷରେ ମଦନ ୨୦୦୧ ମସିହାରେ ଘରୁ ବାହାରି ନିକଟ ଏକ ପାହାଡ଼ରେ ତପସ୍ୟା ଆରମ୍ଭ କଲେ । ସେହି ଦିନ ରୁ ଏହି ସ୍ଥାନ ତାରିଣୀ ମାଙ୍କ ପୀଠ ରେ ପରିଣତ ହୋଇଛି ବଡପଦର । ବର୍ତ୍ତମାନ ନନ୍ଦପୁର ଅଞ୍ଚଳରେ ଅନେକ ଯୁବକ ମା' ତାରିଣୀଙ୍କ ପୀଠରେ ସେବା ଯୋଗାଉଥିବା ଦେଖାଦେଇଛି । ବାବା ମଦନଙ୍କ ନିକଟରେ



ନିଜକୁ ସମର୍ପଣ କରି ୧୫ରୁ ଅଧିକ ଶିଷ୍ୟ ଏହି ପୀଠ ସେବା କରୁଛନ୍ତି । ଅଞ୍ଚଳବାସୀ ଓ ଭକ୍ତଙ୍କ ସହଯୋଗରେ ଟିଣ ଛପର କୁଡିଆ ଗଢି ଭକ୍ତ ଓ ମା'ଙ୍କ ସେବା ଯୋଗାଉଛନ୍ତି ମଦନ ବାବା । ଆଜି ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ନିଜ ନିଜ ଦୁଃଖ ଦୁର୍ଦ୍ଦଶାକୁ ନିବାରଣ ପାଇଁ ବଡ ପଦର ବଡ଼ ଆଶା ନେଇ ଆସୁଛନ୍ତି । ବଡ ପଦର ମା ତାରିଣୀ ପୀଠ ଉନ୍ନତି କରଣ ଲାଗି ଅଞ୍ଚଳବାସୀ ଗୁହାରି କରିଛନ୍ତି । ଦୁର୍ଗମର ମା'ଙ୍କ ପୀଠର ଉନ୍ନତିକରଣ କରିବାକୁ ଉଭୟ ପ୍ରଶାସନ ଓ ଲୋକ ପ୍ରତିନିଧି ମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି । ପ୍ରତି ସପ୍ତାହରେ ଦୁଇ ଦିନ ଶହ ଶହ ଭକ୍ତ ଶ୍ରଦ୍ଧାଳୁ ଦର୍ଶନ ନିମନ୍ତେ ଆସୁଥିବାରୁ ମନ୍ଦିରର ଉନ୍ନତି କରି ଭକ୍ତଙ୍କ ପାଇଁ ବିଶ୍ରାମ ଗାର ଓ ପାଚେରୀ ନିର୍ମାଣ ନିମନ୍ତେ ଗୁହାରି କରିଛନ୍ତି । ନନ୍ଦପୁର ବ୍ଲକ ମନ୍ଦିର ମାଳିନୀ ହେବା ସହ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ପ୍ରଶାସନ ଓ ଲୋକ ପ୍ରତିନିଧି ସହାୟକ ହେଲେ ବଡ ପଦର ତାରିଣୀ ମା ଦୈବୀ ଶକ୍ତି ପୀଠ ଭାବେ ଏହି ଅଞ୍ଚଳରେ ପ୍ରସିଦ୍ଧ ଲାଭ କରିପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି ।

# ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବଣ୍ଟନ




ପଡ଼ିଆ,୧୫।୩: (ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକର ପ୍ରସିଦ୍ଧ ବଡ଼ ଯାତ୍ରା ଚଳିତ ବର୍ଷ ଆରମ୍ଭ ହୋଇଛି । ଏହା ୭ଦିନ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଅବସରରେ ପଡ଼ିଆ ବ୍ଲକର ଏଭର୍ ଗ୍ରୀନ ଫ୍ରେଣ୍ଡ ଗ୍ରୁପ୍ ପଡିଆ ତରଫରୁ ଜନସାଧାରଣ ମାନଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ସହ ଗ୍ଲୁକୋଜ ମିଶ୍ରିତ ଜଳ ମଧ୍ୟ ୭ ଦିନ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି । ଏହି ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ପଡ଼ିଆ ଥାନା ଅଧିକାରୀ ସନ୍ତୋଷ ମାଝୀ, ଏଏସ୍ଆଇ ନିରୋଦ ବାଘ ଓ କେଶବ ଭତ୍ରା ଉପସ୍ଥିତ ରହି ଏହାର ଉଦଘାଟନ କରିଥିଲେ । ଏହି ଅବସରରେ ପଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ମହାପାତ୍ର, ଏନ୍ ସନ୍ୟାସୀ ରାଓ, କୋରାପୁ ସତ୍ୟନାରାୟଣ ଏବଂ ସ୍ଥାନୀୟ ବାସିନ୍ଦା ଓ ବହୁ ବୃଦ୍ଧି ଜୀବି ଉପସ୍ଥିତ ଥିଲେ । ବର୍ତ୍ତମାନ ପ୍ରଚଣ୍ଡ ଖରା ତାପକୁ ଦୃଷ୍ଟିରେ ରଖି ଏହି ପରି ବ୍ୟବସ୍ଥା କରାଯାଇଛି ବୋଲି ଏଭର୍ ଗ୍ରିନ୍ ଫ୍ରେଣ୍ଡ ଗ୍ରୁପ୍ ତରଫରୁ କୁହାଯାଇଛି । "ଜଳ ହିଁ ଜୀବନ' ଏହି ବାର୍ତ୍ତା ନେଇ ଏହି ଗ୍ରୁପ ତରଫରୁ ଜନସାଧାରଣଙ୍କ ପାଇଁ ଜଳ ଦାନ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବିମାନେ ପ୍ରଶଂସା କରିଛନ୍ତି ।

# କାଶୀପୁର ପ୍ରିମିୟର୍ ଲିଗ୍ ୫.୦ ଉଦ୍‌ଘାଟିତ

କାଶୀପୁର,୧୫।୩(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକରେ କାଶୀପୁର ପ୍ରିମିୟର୍ ଲିଗ୍ ୫.୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଯାଇଛି । କଲେଜ ପଡିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ କାଶୀପୁର ଥାନା ଯୋଗଦେଇ ଉଦଘାଟନ କରିଥିଲେ । ଉଦଘାଟନ ପ୍ରଥମ ମ୍ୟାଚ୍ ଖାଣ୍ଟି କାଶୀପୁରିଆ ଓ ସ୍ମାର୍ଟ୍ ୧୧ ମଧ୍ୟରେ ହୋଇଥିଲା । ପ୍ରଥମେ ଖାଣ୍ଟି କାଶୀପୁରିଆ ଦଳ ଟସ ଜିତି ଫିଲଡିଙ୍ଗ କରିଥିଲା । ସ୍ମାର୍ଟ୍ ୧୧ ପ୍ରଥମେ ବେଟିଙ୍ଗ କରି ୧୩.୫ ଓଭରରେ ୧୧୧ ରନ କରି ଅଲଆଉଟ ହୋଇଥିଲେ । ଖାଣ୍ଟି ପଡିଆରେ ପୂଜନ କରିବା ସହ କେପିଏଲ୍ ୫.୦ ଲିଗର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ମ୍ୟାଚକୁ କିତ୍ରେଶ୍ୱର ନାଏକ ଏବଂ ଏକେଣ୍ଟେଶ୍ୱର ନାଏକ ପରିଚାଳନା କରିଥିଲେ । ଉଦ୍‌ଘାଟନ ଉତ୍ସବ ଅବସରରେ କେପିଏଲରେ ଭାଗ ନେଇଥିବା ୮ଟି ଦଳ ସହ ସମସ୍ତ ମାଲିକ, ଟିମ ଅଧିନାୟକ, ସମସ୍ତ ଖେଳାଳି ପ୍ରଥମେ କାଳି ମନ୍ଦିର ନିକଟରେ ଏକତ୍ରିତ ହେବା ସହ ମଶାଲ ଯାତ୍ରାରେ ସାମିଲ ହୋଇ ପାରମ୍ପାରିକ ବାଦ୍ୟର ତାଳ ସହ ଢେମସା ନାଚ କରି ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମଶାଲ ଶୋଭାଯାତ୍ରାରେ ବାହାରି ପଡିଆରେ ପହଞ୍ଚିଥିଲେ । ଖେଳ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ କେପିଏଲ ପରିଚାଳନା କମିଟି ତରଫରୁ



ଅଧିକାରି ଦେବଦତ୍ତ ମଲ୍ଲିକ, କାଶୀପୁର ବନାଞ୍ଚଳ ଅଧିକାରି ସଚ୍ଚିଦାନନ୍ଦ ପରିଡା, କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଦାୟୀତ୍ୱରେ ଥିବା ମେଡିକାଲ ଅଧିକାରୀ ନେତ୍ରାନନ୍ଦ ନାଏକ, ଆଦିତ୍ୟ ଆଲୁମିନା ମାନବ ସମ୍ବଳ, ଆଇଆର, ସିଏସଆର୍ ଓ ଓଏଚସି ମୁଖ୍ୟ ତନ୍ମୟ ମହାନ୍ତି ସହ ବହୁମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ କାଶୀପୁରିଆ ଦଳ ଉକ୍ତ ରନକୁ ପିଛା କରି ୧୩.୪ ଓଭରରେ ୬ ଓ୍ୱିକେଟ ହରାଇ ବିଜୟ ହାସଲ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କେପିଏଲ୍ ଅଧ୍ୟକ୍ଷ ସୀତାରାମ ସାହୁ, ଉପାଧ୍ୟକ୍ଷ ଦିଲିପ ନାଏକ, ସଂପାଦକ ସନ୍ତୋସ କୁମାର ଗୌଡ, ସୁଶାନ୍ତ କୁମାର ପଟ୍ଟନାୟକ, ପି. ହେମନ୍ତ କୁମାର ରାଓ, ସମ୍ବିଦ ଲେଙ୍କା ଉପସ୍ଥିତ ରହି ଖେଳ କ୍ରିକେଟ ପ୍ରେମୀମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତିବର୍ଷ କାଶୀପୁରରେ କ୍ରିକେଟ ଖେଳର ଆୟୋଜନ କରାଯାଇଥିବା କୁହାଯାଇଛି । ଆଜିର ଏହି ଉଦଘାଟନ ମ୍ୟାଚରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଦଳର ଖେଳାଳି, ଗ୍ରାମବାସିଙ୍କ ସହ ପରିଚାଳନା କମିଟିର ସଦଶସ୍ୟମାନେ ଉପସ୍ଥିତ ଥିଲେ ।

# ବାଇକ୍ ଶୋଭାଯାତ୍ରାରେ ଜଙ୍ଗଲ ସୁରକ୍ଷା ସଚେତନତା



ଗୁଣୁପୁର,୧୫।୩ (ସମିସ): ଜଙ୍ଗଲ ସୁରକ୍ଷା ଓ ନିଆଁ ଦାଉରୁ ରୋକିବା ପାଇଁ ଗୁଣୁପୁର ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶରେ ଗୁଣୁପୁର ରେଞ୍ଜ ଅଧୀନ ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ମାଧ୍ୟମରେ ଜଙ୍ଗଲକୁ ନିଆଁ ଲାଗିବାରୁ ରକ୍ଷା କରିବା ସହ ଜଙ୍ଗଲ ସୁରକ୍ଷା ପ୍ରତି ଲୋକମାନଙ୍କୁ ସଚେତନ କରାଯିବ । ଗୁଣୁପୁର ରେଞ୍ଜ ଅଧୀନର ବିଭିନ୍ନ ଗ୍ରାମାଞ୍ଚଳରେ ଯାଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି । ଆଜି ସକାଳେ ଗୁଣୁପୁର ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର, ଫରେଷ୍ଟର ପୁଣ୍ଡଚନ୍ଦ୍ର ପାତ୍ର ଓ ବନ ବିଭାଗର କର୍ମଚାରୀମାନେ ଏକତ୍ରିତ ହୋଇ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିଥିଲେ । ପରେ ନୂଆ ବସ୍‌ଷ୍ଟାଣ୍ଡ ଠାରେ ନାଚଗୀତ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଓ ନିଆଁ ଦାଉ ରୋକିବା ନେଇ ସଚେତନତା କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଦଳ ଗ୍ରାମାଞ୍ଚଳ ଅଭିମୁଖେ ବାହାରି ସଚେତନତା କାର୍ଯ୍ୟକ୍ରମ କରିଥିଲେ । ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର ସବୁଜ ପତାକା ଦେଖାଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ବନ ବିଭାଗ ପକ୍ଷରୁ ଅଭିନବ ପଦ୍ଧତିରେ ନାଚଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ଜଙ୍ଗଲ ସୁରକ୍ଷା ପ୍ରତି ସଚେତନ କରାଯାଉଛି । ଗୁଣୁପୁର ବନଖଣ୍ଡ ଅନ୍ତର୍ଗତ ପ୍ରତ୍ୟେକ ପଞ୍ଚାୟତର ଗ୍ରାମାଞ୍ଚଳକୁ ଯାଇ ଏହି ସଚେତନତା ଅଭିଯାନ କରାଯିବାକୁ ବନ ବିଭାଗ ଲକ୍ଷ୍ୟ ରଖିଛି ।

# ମହାବିଷୁବ ସଂକ୍ରାନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡ଼ା,୧୫।୩(ସମିସ): ରାୟଗଡ଼ା ମହାବିଷୁବ ସଂକ୍ରାନ୍ତି କମିଟି ପକ୍ଷରୁ ଆସନ୍ତା ଏପ୍ରିଲ ମାସରେ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି) ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ କୋରାପୁଟ ଛକ ସ୍ଥିତ ସ୍ଥାନୀୟ ସେବା ସମାଜ ପରିସରରେ ଥିବା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ଭଳି



ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ଏପ୍ରିଲ ୧୪ ଓ ୧୫ ଦୁଇଦିନ ଧରି ମହାବିଷୁବ ସଂକ୍ରାନ୍ତି ପାଳନ କରାଯିବା ନେଇ କମିଟି ପକ୍ଷରୁ ନିଷ୍ପତି ହୋଇଥିଲା । ପ୍ରଥମ ଦିବସରେ ଶୋଭାଯାତ୍ରା, ପଞ୍ଜିକା ପଠନ, ଭଜନ ସନ୍ଧ୍ୟା ସହିତ ପଣା ବଂଟନ କାର୍ଯ୍ୟକ୍ରମ ଏବଂ ଦ୍ୱିତୀୟ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ବୈଠକରେ ନିଷ୍ପତି ଚୂଡାନ୍ତ ହୋଇଥିଲା । ଏହି ବୈଠକରେ ବରିଷ୍ଠ ଆଇନଜୀବୀ ମଦନମୋହନ ପାଢୀ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ରାଜକିଶୋର ପଣ୍ଡା, ଭବାନୀ ଶଙ୍କର ଜେନା, ଦେବାଶିଷ ପଣ୍ଡା, ଶାନ୍ତନୁ ଶୁଦ୍ଧି, ମାନସ ରଞ୍ଜନ ନାୟକ, ସୁନୀଲ ପାଢୀ, ସଂଗ୍ରାମ କେଶର ପଟ୍ଟନାୟକ, ବାସୁଦେବ ମିଶ୍ର, ସନ୍ତୋଷ ପାଣିଗ୍ରାହୀ, ନିରଞ୍ଜନ ପାଳ, ରାଜେଶ ପାଢୀ, କେ. ଅଶ୍ୱିନୀ, କେଦାରଦାସ, ସୁକାନ୍ତ ପାଢୀଙ୍କ ସମେତ ସହରର ବହୁମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବକ ଉପସ୍ଥିତ ଥିଲେ ।

# ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଖଇରପୁଟ,୧୫।୩(ସମିସ): ସହରାଞ୍ଚଳ ସହ ଗ୍ରାମାଞ୍ଚଳକୁ ସଂଯୋଗ କରିବା ପାଇଁ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ କୋଟି କୋଟି ଟଙ୍କା ମଞ୍ଜୁର କରୁଥିବା ବେଳେ ମାଲକାନଗିରି ଜିଲ୍ଲାରେ ତାହାର ଗ୍ରାଉଣ୍ଡ ରିଆଲିଟି ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ପ୍ରଦର୍ଶନ କରୁଛି । ନୂଆ ରାସ୍ତା ନିର୍ମାଣ ହେବାର ମାସେ ମଧ୍ୟ ପିଚୁ ଉଠିଯାଉଥିବା ଘଟଣା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି । ଠିକ୍ ଭାବେ ତଦାରଖ ହେଉନଥିବା ସତ୍ତ୍ୱେ ଠିକାଦାରମାନେ ସମୟରେ ବିଲ ପାଇଯାଉଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଖଇରପୁଟ ବ୍ଲକ ଅନ୍ତର୍ଗତ ଆମିଳିପୁଟରୁ ରାଉଲିଗୁଡାକୁ ସଂଯୋଗ କରୁଥିବା ରାସ୍ତାରେ ମାସେ ପୂର୍ବରୁ ପିଚୁ କାମ ହୋଇଥିଲା । କିନ୍ତୁ ଏବେ ସେହି ପିଚୁ ଅନେକ ସ୍ଥାନରେ

● ମାସେ ଗଳାନି ନୂଆ ରାସ୍ତା ପିଚୁ



ଉଠିଯାଇଥିବା ଦେଖାଯାଉଛି । ଗ୍ରାମବାସୀମାନେ କାମ ସମୟରେ ଠିକାଦାରଙ୍କୁ ଭଲ ଭାବରେ କାମ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କୌଣସି ଫଳ ମିଳିନଥିବା ଅଭିଯୋଗ କରିଛନ୍ତି । ସେହିପରି ମାଥିଲି ବ୍ଲକର ଝୁଲନିବାହାଲରୁ ଗଡିଆଲିକୁ ସଂଯୋଗ କରୁଥିବା ରାସ୍ତାରେ ଗତ ଚାରି ବର୍ଷ ମଧ୍ୟରେ ତିନିଥର ପିଚୁ ପଡ଼ିଥିଲେ ମଧ୍ୟ ପ୍ରତିବର୍ଷ ରାସ୍ତାର ଅବସ୍ଥା ପୁଣି ପୁରୁଣା ଭଳି ହୋଇଯାଉଛି । ଏଥର ମଧ୍ୟ ଅଳ୍ପ କିଛି ମାସରେ ରାସ୍ତା ଖରାପ ହୋଇଯାଇଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଖଇରପୁଟ ବ୍ଲକର ବଣ୍ଡାଘାଟି ଅଞ୍ଚଳର ମୁଦୁଲିପଡ଼ାରୁ ପାତ୍ରପୁଟକୁ ସଂଯୋଗ କରୁଥିବା ରାସ୍ତାରେ ମଧ୍ୟ ସମାନ ଅଭିଯୋଗ ଆସିଛି । ରାସ୍ତା କାମ ଚାଲୁଥିବା ସମୟରେ ମଧ୍ୟ ପିଚୁ ଉଠିଯାଉଥିବା ଦେଖି ଗ୍ରାମବାସୀମାନେ ବିରୋଧ କରିଥିଲେ । ବାରମ୍ବାର ଅଭିଯୋଗ ପରେ ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ନିର୍ମାଣ କାମକୁ ଥାମିଦେଇଥିବା ସୂଚନା ମିଳିଛି । ନିୟମ ଅନୁଯାୟୀ ରାସ୍ତାରେ ପିଚୁ କାମ ଚାଲିଥିବା ବେଳେ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ କାମ ହେବା କଥା । କିନ୍ତୁ ଅଧିକାଂଶ ସ୍ଥାନରେ ଏହି ନିୟମ ପାଳନ ହେଉନଥିବା ଅଭିଯୋଗ ହେଉଛି । ଏହି ସନ୍ଦର୍ଭରେ ଜିଲ୍ଲା ଯୁବ ବିଜେଡି ସଭାପତି ଶ୍ରୀନିବାସ ମୁଦୁଲି କହିଛନ୍ତି ଯେ, ପୂର୍ବରୁ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ନାଁରେ ବିଭିନ୍ନ ଅଭିଯୋଗ ଆସିଥିଲା । ଯଦି ଏଥର ମଧ୍ୟ ଏହାର ସଠିକ୍ ତଦନ୍ତ ନହୁଏ, ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସେ ସତର୍କ କରିଛନ୍ତି । ଗ୍ରାମବାସୀମାନେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ସକାଳ THE SAKALA
www.sakalaepaper.com



## ଯୁଦ୍ଧକ୍ଷେତ୍ରରୁ ବାହାରିଲା 'ଜଗ୍ ଲଡ଼କୀ'

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ସାମୁଦ୍ରିକ ପରିବହନ ବାଧାପ୍ରାପ୍ତ ହୋଇଥିବା ବେଳେ 'ଜଗ୍ ଲଡ଼କୀ' ନାମକ ଏକ ଭାରତୀୟ ତୈଳବାହୀ ଟ୍ୟାଙ୍କର ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛି । ଏହି ଟ୍ୟାଙ୍କରରେ ୮୦,୮୦୦ ଟନ୍ ମୁର୍ବାନ ଅଶୋଧିତ ତୈଳ ରହିଥିଲା ଓ ଏହା ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଫୁଜୈରା ବନ୍ଦରରୁ ବାହାରି ଆସିଛି । ଏହି ଟ୍ୟାଙ୍କର ରବିବାର ସକାଳ ୧୦.୩୦ରେ ଏହି ବନ୍ଦରରୁ ଯାତ୍ରା ଆରମ୍ଭ କରିଥିଲା ଓ ଏହା ଏବେ ଭାରତୀୟ ବନ୍ଦର ଅଭିମୁଖେ ଯାତ୍ରା କରୁଛି । ଏହି ଜାହାଜରେ ଥିବା ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି । ଭାରତୀୟ ସାମୁଦ୍ରିକ ପ୍ରାଧୀକରଣ ଦ୍ୱାରା ଜାହାଜଟିରେ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି । ଏଥିସହ ଚତୁର୍ଥ ଭାରତୀୟ ପତାକାଧାରୀ ଜାହାଜ, ଯାହା ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ସୁରକ୍ଷିତ ଭାବେ ବାହାରି ଆସିଛି । ବର୍ତ୍ତମାନ ମଧ୍ୟ ୨୦ରୁ ଅଧିକ ଭାରତୀୟ ଜାହାଜ ହର୍ମୁଜ ପ୍ରଣାଳୀର ପଶ୍ଚିମ ଦିଗରେ ରହିଛି ।

## ଡ୍ରଗ୍ସ ପାର୍ଟି; ଟିଡିପି ସାଂସଦ ଅଟକ

**ହାଇଦରାବାଦ, ୧୫ ।୩ (ଏଜେନ୍ସି):** ହାଇଦରାବାଦ୍‌ର ମୋଇନାବାଦ୍ ଅଞ୍ଚଳରେ ଥିବା ଏକ ଫାର୍ମ ହାଉସ୍‌ରେ ଶନିବାର ବିଳମ୍ବିତ ରାତିରେ ପୁଲିସ ଚଢ଼ାଉ କରି ଏକ ଡ୍ରଗ୍ସ ପାର୍ଟିର ପର୍ଦ୍ଦାଫାଶ କରିଛି । ଏହି ପାର୍ଟିରୁ ୧୧ଜଣଙ୍କୁ ଅଟକ ରଖାଯାଇଛି । ଏମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ଟିଡିପି ସାଂସଦ ପୁଟ୍ଟା ମହେଶ କୁମାର ଯାଦବ, ବିଆରଏସ୍ ନେତା ପାଇଲଟ ରୋହିତ ରେଡ୍ଡୀ ଓ ରାଜସ୍ଥାନର ଜଣେ ପୂର୍ବତନ ବିଧାୟକ ସାମିଲ ଅଛନ୍ତି । ଚଢ଼ାଉ ବେଳେ ପୁଲିସ ଫାର୍ମହାଉସ୍‌ରୁ ପ୍ରାୟ ଦୁଇ ଗ୍ରାମ କୋକେନ ଜବତ କରିଛି । ଡ୍ରଗ୍ସ ଟେଷ୍ଟରେ ଅଟକ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବିଆରଏସ୍ ନେତା ରୋହିତ ରେଡ୍ଡୀ ଓ ରାଜସ୍ଥାନର ପୂର୍ବତନ ବିଧାୟକ କୋକେନ ପରୀକ୍ଷା ରିପୋର୍ଟରେ ପଜିଟିଭ ଆସିଛନ୍ତି । ତେବେ ଟିଡିପି ସାଂସଦ ପୁଟ୍ଟା ମହେଶ କୁମାର ଯାଦବଙ୍କ ରିପୋର୍ଟ ନେଗେଟିଭ ଆସିଥିବା ସୂଚନା ମିଳିଛି ।

## ନେପାଳରେ ଭାରତୀୟ ତୀର୍ଥଯାତ୍ରୀଙ୍କ ବସ୍ ଓଲଟି ୭ ମୃତ

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ନେପାଳର ଗୋର୍ଖା ଜିଲ୍ଲାରେ ଶନିବାର ରାତିରେ ଏକ ଭାରତୀୟ ତୀର୍ଥଯାତ୍ରୀଙ୍କ ବସ୍ (ମାଇକ୍ରୋବସ୍) ୨୦୦ ଫୁଟ ଗଭୀର ଖାଇ ଖସିପଡ଼ିବା ସହ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୭ ଜଣ ଭାରତୀୟ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୭ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଯାତ୍ରୀମାନେ ପ୍ରସିଦ୍ଧ ମନକାମନା ମନ୍ଦିର ଦର୍ଶନ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଓ ୨ ଜଣ ମହିଳା ଅଛନ୍ତି । ଆହତମାନଙ୍କୁ ଚିତୱନ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି । ବସ୍‌ର ଡ୍ରାଇଭର ସୁରକ୍ଷିତ ଥିବା ବେଳେ ତାଙ୍କ ସହକାରୀ ଆହତ ହୋଇଛନ୍ତି ।

## ହାଇକୋର୍ଟରୁ ନିରାଶ ହୋଇ ସୁପ୍ରିମ୍‌କୋର୍ଟ ଗଲେ କେଜ୍ରିୱାଲ୍

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟ୍‌କା ମିଳିଛି । କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ ଯେ, ତାଙ୍କ ବିରୋଧରେ ଚାଲିଥିବା ଅବକାରୀ ନୀତି ମାମଲାକୁ ଜଷ୍ଟିସ୍ ସ୍ୱର୍ଣ୍ଣ କାନ୍ତ ଶର୍ମାଙ୍କ ଖଣ୍ଡପୀଠରୁ ଅନ୍ୟ କୌଣସି ପୀଠକୁ ସ୍ଥାନାନ୍ତର କରାଯାଉ । କିନ୍ତୁ ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନ ରୋଷ୍ଟର ଅନୁଯାୟୀ, ଏହି ମାମଲା ଜଷ୍ଟିସ ଶର୍ମାଙ୍କୁ ହିଁ ଦିଆଯାଇଛି । କୋର୍ଟ କହିଛନ୍ତି ଯେ, କୌଣସି ବିଚାରପତିଙ୍କୁ ମାମଲାରୁ ହଟାଇବା ପାଇଁ ହେଉଥିବା ଆବେଦନ ପ୍ରଥମେ ସମ୍ପୃକ୍ତ ବିଚାରପତିଙ୍କ ନିକଟରେ ଉପସ୍ଥାପନ କରାଯିବା ଉଚିତ । ଏଥିସହ ପ୍ରଶାସନିକ ସ୍ତରରେ ମାମଲା ସ୍ଥାନାନ୍ତର କରିବାର କୌଣସି ଯୁକ୍ତିଯୁକ୍ତ କାରଣ ନଥିବା କୋର୍ଟ ସ୍ପଷ୍ଟ କରିଛନ୍ତି । ଏହି ନିଷ୍ପତ୍ତି ପରେ, ଅବକାରୀ ନୀତି ମାମଲାର ଶୁଣାଣି ଜଷ୍ଟିସ ସ୍ୱର୍ଣ୍ଣ କାନ୍ତ ଶର୍ମାଙ୍କ ପୀଠରେ ଜାରି ରହିବ । କେଜ୍ରିୱାଲ ଯୁକ୍ତି ବାଢ଼ିଥିଲେ ଯେ, ଜଷ୍ଟିସ ଶର୍ମାଙ୍କ ପାଖରେ ମାମଲା ରହିଲେ ନିରପେକ୍ଷ ଭାବେ ବିଚାର ହେବ କି ନା ତାହା ସନ୍ଦେହ ରହିଛି । ସେ ଅଭିଯୋଗ କରିଥିଲେ ଯେ, ବିଚାରପତି ପୂର୍ବରୁ ଏହି ମାମଲା ସହ ଜଡ଼ିତ ସମାନ ତଥ୍ୟ ଉପରେ ମତ ଦେଇଛନ୍ତି, ଯାହା ସୁପ୍ରିମକୋର୍ଟଙ୍କ ଦ୍ୱାରା ଖାରଜ ହୋଇଥିଲା । ଅନ୍ୟପକ୍ଷରେ କେଜ୍ରିୱାଲ ଏବଂ ସିସୋଦିଆ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଦିଲ୍ଲୀ ହାଇକୋର୍ଟରେ ମାମଲାର ଶୁଣାଣି କରୁଥିବା ବିଚାରପତିଙ୍କ ବଦଳି ପାଇଁ କେଜ୍ରିୱାଲ ଦାବି କରିଛନ୍ତି । ସେହିପରି ସିସୋଦିଆ ହାଇକୋର୍ଟଙ୍କ ସମନକୁ ବିରୋଧ କରିଛନ୍ତି ।

## କାଳ ହେଲା ରିଲ୍; ୧୨୦ ସ୍ପିଡରେ ଗାଡ଼ି ଚଳାଇ ୨ ସାଙ୍ଗ ମୃତ

**ଅହମଦାବାଦ, ୧୫।୩ (ଏଜେନ୍ସି):** ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାର ରୋଗ ଯୁବପିଢ଼ିଙ୍କ ମଧ୍ୟରେ ବ୍ୟାପିବାରେ ଲାଗିଛି । ଏଥିପାଇଁ ରିଲ୍ କରୁଛନ୍ତି । ଆଉ ଏହି ନିଶା ଜଣଙ୍କ ପରେ ଜଣେ କରି ଅନେକଙ୍କ ଜୀବନ ନେଲାଣି । ଏବେ ଗୁଜରାଟର ଜେଟପୁର ଅଞ୍ଚଳରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି । ଦ୍ରୁତଗତିରେ ଗାଡ଼ି ଚଳାଇ ରିଲ୍ କରୁଥିବା ଦୁଇ ଯୁବକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ସୂଚନା ଅନୁଯାୟୀ, ଶନିବାର ଅବଧ ତିୱାରୀ ହ୍ୟୁଣ୍ଡାଇ ଭର୍ନା କାର୍ ଚଳାଉ ଥିଲେ । ସେ ୧୨୦ କିମି ବେଗରେ ଗାଡ଼ି ଭଗାଇ ରିଲ୍ କରିଥିଲେ । ଗାଡ଼ି ପଛରେ ବସିଥିବା ଜଣେ ବ୍ୟକ୍ତି ଏହାରି ଭିଡିଓ ରେକର୍ଡ କରିଥିଲେ । ଏହାର ଭିଡିଓ ତିୱାରୀଙ୍କ ଇନଷ୍ଟାଗ୍ରାମରେ ସେୟାର କରାଯାଇଛି । ଏଥିରେ ଦେଖିବାକୁ ମିଳୁଛି ଯେ ଡାହାଣ ହାତରେ ଷ୍ଟିଅରିଂ ଧରିଛନ୍ତି ଏବଂ ବାମ ହାତରେ ମୋବାଇଲରେ ତିୱାରୀ ଭିଡିଓ ରେକର୍ଡିଂ କରୁଛନ୍ତି । ପଛରେ ବସିଥିବା ଆଉ ଜଣେ ବ୍ୟକ୍ତି ଦ୍ରୁତଗତିରେ ଯାଉଥିବା କାର୍‌କୁ ରେକର୍ଡିଂ କରୁଛନ୍ତି । କିଛି ସମୟରେ ଏହି କାର୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡରକୁ ଧକ୍କା ଦେଇଥିଲା । ଏଥିରେ ତିୱାରୀଙ୍କ ସମେତ ତାଙ୍କର ୨୦ ବର୍ଷୀୟ ବନ୍ଧୁ ଦେବରାଜ ଗୋସାଇ ପ୍ରାଣ ହରାଇଛନ୍ତି । ଅନ୍ୟଜଣେ ବନ୍ଧୁ ଅକ୍ଷୟ ପ୍ରବୀଣ ଭାଇ ବାଘେଲା ଗୁରୁତର ଅଛନ୍ତି ।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ୯/୧୧ ଭଳି ଷଡ଼ଯନ୍ତ୍ର କରୁଛି ଏପ୍‌ଷ୍ଟିନ ଗ୍ୟାଙ୍ଗ!

**ତେହରାନ, ୧୫।୩ (ଏଜେନ୍ସି):** ଇରାନ ଯୁଦ୍ଧ ଆମେରିକା-ଇସ୍ରାଏଲ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି । ଯୁଦ୍ଧକୁ ୧୬ ଦିନ ବିତିଯାଇଛି । ମାତ୍ର ଯେଉଁ ଲକ୍ଷ୍ୟ ରଖି ଦୁଇ ଦେଶ ମିଳିତ ଆକ୍ରମଣ କରିଥିଲେ ତାହା ଦିନକୁ ଦିନ ଘୁଞ୍ଚିବାରେ ଲାଗିଛି । ଏ ପର୍ଯ୍ୟନ୍ତ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶରେ ସମାଲୋଚନାର ସରବ୍ୟ ହେଉଛନ୍ତି । କ୍ୱିନପିକ୍ ୟୁନିଭର୍ସିଟିର ପକ୍ଷରୁ ହୋଇଥିବା ସର୍ଭେରେ ଆମେରିକାର ୫୩ ପ୍ରତିଶତ ଲୋକ ଯୁଦ୍ଧକୁ ବିରୋଧ କରୁଛନ୍ତି । ଇରାନରେ ସ୍ଥଳ ଅଭିଯାନ ବିରୋଧରେ ସର୍ଭେରେ ସାମିଲ ତିନି ତୃତୀୟାଂଶ ଲୋକ ମତ ଦେଇଛନ୍ତି । ସାରା ବିଶ୍ୱରେ ମଧ୍ୟ ଟ୍ରମ୍ପଙ୍କ ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି । ଏପରି ସ୍ଥଳେ ଜନତାଙ୍କ ଆକ୍ରୋଶରୁ ବର୍ତ୍ତିବା ଲାଗି ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଫୁଟାଣି ମାରି ଚାଲିଛନ୍ତି । ଇରାନ କ୍ଷେପଣାସ୍ତ୍ର, ଡ୍ରୋନ ଭଣ୍ଡାର, ନୌସେନା ଆଦିକୁ ଧ୍ୱଂସ କରିବା ନେଇ ଟ୍ରମ୍ପଙ୍କ ଦାବି ବୃଥା ଆସ୍ଫାଳନ ସାବ୍ୟସ୍ତ ହୋଇଛି । ଆମେରିକା ପାଇଁ ଉପସାଗରୀୟ ଦେଶଗୁଡ଼ିକର ସୁରକ୍ଷା ଘେର ଭାଙ୍ଗି ଯାଇଛି । ଇରାନର ଜୋରଦାର ଆକ୍ରମଣରେ ସାଉଦି ଆରବ, ୟୁଏଇ, ବାହାରିନ, କୁଏତ, କାତାର ଆଦି ଦେଶରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ ହେଉଛି । ଏଥିପାଇଁ ଅର୍ଥନୀତି ପ୍ରାୟ ଠପ୍ ହୋଇଯାଇଛି । ତେଣୁ ସମସ୍ତେ ଆମେରିକାକୁ ଯୁଦ୍ଧ ରୋକିବାକୁ ଚାପ ପକାଉଛନ୍ତି । ଏପରି ସ୍ଥିତିରେ ଟ୍ରମ୍ପ ପ୍ରଶାସନ ଗଣମାଧ୍ୟମକୁ ଚେତାବନୀ ଦେଇଛି । ଇରାନ ଯୁଦ୍ଧକୁ ନେଇ ସମାଲୋଚନା ମୂଳକ ଖବର ପ୍ରସାର ଏବଂ ତଥ୍ୟକୁ ମୋଡ଼ି ମକଚି ପ୍ରସ୍ତୁତ କରିବାକୁ ନେଇ ନାଲି ଆଖି ଦେଖାଇଛନ୍ତି । ଏପରି ଜାରି ରଖିଲେ ଲାଇସେନ୍ସ ବାତିଲ କରିଦିଆଯିବ ବୋଲି କହିଛନ୍ତି ।

- ଆକ୍ରମଣ କରି ଦେଶ ଉପରେ ଦୋଷ ବୋଲିବେ: ଇରାନ
- ଠୋସ୍ ଗ୍ୟାରେଣ୍ଟି ମିଳିଲେ ଅସ୍ତ୍ରବିରତି ହେବ
- ପଡ଼ୋଶୀ ଦେଶ ଉପରେ ଇରାନର ପ୍ରଚଣ୍ଡ ପ୍ରହାର
- ଆକ୍ରମଣ ବନ୍ଦ ପାଇଁ ଦାବି କଲେ ମୁସଲିମ ଦେଶ
- ଗଣମାଧ୍ୟମକୁ ଧମକ ଦେଲା ଟ୍ରମ୍ପ ପ୍ରଶାସନ

ଇରାନର ଇସଫାହନ ସହରରେ ବଡ଼ି ଭୋରରେ ଇସ୍ରାଏଲ ଆକ୍ରମଣ କରିଛି । ଏଥିରେ ୧୫ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଛନ୍ତି । ଏହାର ଜବାବରେ ମଧ୍ୟ-ଇସ୍ରାଏଲରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରି ଭୟ ସୃଷ୍ଟି କରିଛି । ଫଳରେ ଶହେରୁ ଅଧିକ ଲୋକ ଆହତ ହୋଇଛନ୍ତି । ମାତ୍ର ଇରାନ ଆଜି ନରମ ଆଭିମୁଖ୍ୟ ପୋଷଣ କରି ଯୁଦ୍ଧ ବନ୍ଦ ହେଉଥିବା ପଦକ୍ଷେପକୁ ସ୍ୱାଗତ କରିବୁ ବୋଲି କହିଥିବାବେଳେ ଆମେରିକା ରାଷ୍ଟ୍ରପତି ନିଜ ମନ୍ତବ୍ୟରୁ ପୁଣି ଓହରି ଯାଇଛି । ଏବେ ଇରାନ ସହ କୌଣସି ଡିଲ୍ ହେବନି ବୋଲି କହିଛନ୍ତି । ଏହା ମଧ୍ୟରେ ଇରାନ ବରିଷ୍ଠ ଅଧିକାରୀ ଅଲି ଲରିଜାନି ବଡ଼ ଦାବି କରିଛନ୍ତି । ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ ସହ ଜଡ଼ିତ କିଛି ଲୋକ ୨୦୦୧ର ୯/୧୧ ଭଳି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିବା କହିଛନ୍ତି । ମାତ୍ର ଏହାର ଦୋଷ ସେମାନେ ଇରାନ ଉପରେ ଲଦିବାକୁ ଚାହୁଁଛନ୍ତି । ଇରାନ ଏଭଳି କୌଣସି ଆତଙ୍କବାଦୀ ଆକ୍ରମଣକୁ ସମର୍ଥନ କରୁନାହିଁ । ଆମେରିକା ଜନତାଙ୍କ ସହ ମଧ୍ୟ ଇରାନ ଯୁଦ୍ଧ ଲଢୁନାହିଁ । ସେହିପରି ଦେଶର ସର୍ବୋଚ୍ଚ ନେତା ମୋଜତବା ଖାମନେଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଇରାନ ସ୍ପଷ୍ଟ କରିଛି । ଏହା ପୂର୍ବରୁ ମୋଜତବା ଆହତ ଥିବା ନେଇ ଆମେରିକା ରାଷ୍ଟ୍ରପତି ଦାବି କରିଥିଲେ । ଇରାନ ବିଦେଶମନ୍ତ୍ରୀ ଅବାସ ଅରାଘଚୀ କହିଛନ୍ତି ଯେ ଯଦି ଯୁଦ୍ଧ ବନ୍ଦ ପାଇଁ ଠୋସ୍ ଗ୍ୟାରେଣ୍ଟି ମିଳିଲେ ଆମେରିକା-ଇସ୍ରାଏଲ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଅଛୁ । ଏଭଳି ଉତ୍ତେଜନାମୂଳକ ସ୍ଥିତିରେ ନିଜ ଅଞ୍ଚଳରେ ଆକ୍ରମଣ ବନ୍ଦ କରିବା ପାଇଁ ଇରାନ ନିକଟରେ ଉପସାଗରୀୟ ଦେଶଗୁଡ଼ିକ ଦାବି କରିଛନ୍ତି । ଆଜି ରିଆଧର ମେଟ୍ରୋପଲିଟାନ ଅଞ୍ଚଳରେ ଇରାନ ଡ୍ରୋନ ଆକ୍ରମଣ କରିଛି । ଏଥିରେ ୨ ଜଣ ପ୍ରାଣ ହରାଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି । ସେହିପରି ୟୁଏଇରେ ଥିବା ଆମେରିକାର ଅଲ-ଦଫ୍ରା ଏୟାରବେସରେ ୧୦ କ୍ଷେପଣାସ୍ତ୍ର ଏବଂ ଅନେକ ଡ୍ରୋନ ମାଡ଼ କରାଯାଇଛି । ଖାର୍ଗ ଦ୍ୱୀପରେ ଆମେରିକା କରିଥିବା ଆକ୍ରମଣକୁ ଜବାବ ଦେବା ପାଇଁ ଏପରି କରାଯାଇଛି । କାରଣ ୟୁଏଇରୁ ଇରାନର ଖାର୍ଗ ଦ୍ୱୀପ ଉପରେ ଆକ୍ରମଣ ହୋଇଥିବା ଇରାନ ଅଭିଯୋଗ କରିଛି । କୁଏତର ଅହମ୍ମଦ-ଅଲ-ଜାବେର ଏୟାରବେସରେ ଇରାନ ୨ଟି କ୍ଷେପଣାସ୍ତ୍ର ମାଡ଼ କରିଛି । ଏଥିରେ ତିନି ଜଣ ସୈନିକ ଆହତ ହୋଇଛନ୍ତି । କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ରାଡାର ସିଷ୍ଟମ କ୍ଷତିଗ୍ରସ୍ତ ହୋଇଛି । କାତାର ଉପରେ ୪ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରଣ ହୋଇଛି ।

ଏ ପର୍ଯ୍ୟନ୍ତ ଯୁଦ୍ଧରେ ଇରାନର ୧୦ ହଜାର ବାସଗୃହ କ୍ଷତିଗ୍ରସ୍ତ କିମ୍ବା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲାଣି । ୧୪୦୦ରୁ ଅଧିକ ଇରାନ ନାଗରିକଙ୍କ ଜୀବନ ଗଲାଣି । ସେହିପରି ଆମେରିକା ବୈଦେଶିକ ମନ୍ତ୍ରୀ ପେଟେ ହେଗ୍‌ସେଥ କହିଛନ୍ତି ଯେ ଶତ୍ରୁର ୧୫ ହଜାର ଠିକଣାକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଛି । ଦିନକୁ ପ୍ରାୟ ହଜାର ଠିକଣାକୁ ନିଶାଣ କରାଯାଉଛି । ଏହା ମଧ୍ୟରେ ଟ୍ରମ୍ପ କହିଛନ୍ତି ଯେ ହର୍ମୁଜ ଷ୍ଟ୍ରିଟ ଦେଇ ତୈଳ କାରବାର ପାଇଁ ମିତ୍ର ରାଷ୍ଟ୍ରଙ୍କ ସହ ମିଶି ଏକ ଯୋଜନା ପ୍ରସ୍ତୁତ କରାଯାଉଛି । ଉପସାଗରୀୟ ଦେଶର ତୈଳ ଉପରେ ନିର୍ଭରଶୀଳ ଚୀନ୍ ସମେତ ଅନ୍ୟ ରାଷ୍ଟ୍ରଙ୍କୁ ହର୍ମୁଜକୁ ଯୁଦ୍ଧ ଜାହାଜ ପଠାଇବା ପାଇଁ ଟ୍ରମ୍ପ ଆହ୍ୱାନ ଦେଇଛନ୍ତି । ମାତ୍ର କୌଣସି ଦେଶ ଏଥିରେ ରାଜି ନାହାନ୍ତି ।




ଯୁଦ୍ଧ ବିରୋଧରେ ଆମେରିକାରେ ବିକ୍ଷୋଭ

## ଲେବାନନ୍‌ରେ ୨ ଲକ୍ଷ ଶିଶୁ ବାସହରା

**ବେରୁଟ୍,୧୫ ।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ଅଞ୍ଚଳରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଇସ୍ରାଏଲର ଆକ୍ରମଣ ଯୋଗୁ ଲେବାନନ୍‌ରେ ଲକ୍ଷ ଲକ୍ଷ ଲୋକ ଘରଛାଡ଼ି ପଳାଇଛନ୍ତି । ଜଣାଶୁଣା ନ୍ୟୁଜ ଏଜେନ୍ସି 'ଅଲ୍ ଜଜିରା' ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ଆକ୍ରମଣରେ ଲେବାନନ୍‌ରେ ପ୍ରାୟ ୮ ଲକ୍ଷ ଲୋକ ସ୍ଥାନାନ୍ତରିତ ହୋଇଛନ୍ତି । ସେଥିମଧ୍ୟରୁ ୨ ଲକ୍ଷରୁ ଅଧିକ ଶିଶୁ ରହିଛନ୍ତି । ଏହି ଶିଶୁମାନେ ଏବେ ଆଶ୍ରୟସ୍ଥଳୀରେ ରହିବାକୁ ବାଧ୍ୟ ହେଉଛନ୍ତି । ଗତ ଦୁଇ ସପ୍ତାହ ମଧ୍ୟରେ ଲେବାନନ୍‌ରେ ୪୦,୦୦୦ ଅଧିକ ଘର ଭାଙ୍ଗି ମାଟିରେ ମିଶିଯାଇଛି । ସେହିପରି ଦୁବାଇରେ ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି । ଦୁବାଇର ପ୍ରସିଦ୍ଧ ଅଲ୍ ସିଫ୍ ମାର୍କେଟ, ବୁର୍ଜ ଅଲ ଆରବ ବେଳାଭୂମି ଓ ଦୁବାଇ ମଲରେ ପର୍ଯ୍ୟଟକଙ୍କ ସଂଖ୍ୟା ଗତ କିଛି ଦିନ ହେବ ବହୁତ କମିଯାଇଛି । ଯୁଦ୍ଧ ପରିସ୍ଥିତି ଯୋଗୁଁ ଲୋକେ ଦୁବାଇକୁ ଏକ ସୁରକ୍ଷିତ ପର୍ଯ୍ୟଟନ ସ୍ଥଳ ଭାବେ ଗ୍ରହଣ କରିବାକୁ ଭୟ କରୁଛନ୍ତି । ଦୁବାଇରୁ ପଳାଇଯାଉଥିବା ବ୍ରିଟିଶ ନାଗରିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସେମାନେ ଲଣ୍ଡରେ ଘର ଖୋଜୁଥିବାରୁ ସେଠାରେ ଭଡ଼ା ମଧ୍ୟ ଅହେତୁକ ବୃଦ୍ଧି ପାଇଛି ।

- ଦୁବାଇରେ ପର୍ଯ୍ୟଟନ ଶିଳ୍ପ ଧରାଶାୟୀ
- ପାକିସ୍ତାନରେ ସରକାରୀ କର୍ମଚାରୀଙ୍କ ୩୦% ଦରମାରେ କାଟ୍

**ଇସଲାମାବାଦ୍:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ଇନ୍ଧନ ସଙ୍କଟ ସମାଧାନ ପାଇଁ ପାକିସ୍ତାନର ସରକାର ଦେଶରେ କଠୋରା କଟକଣା ଲାଗୁ କରିଛନ୍ତି । ପାକିସ୍ତାନ ଅର୍ଥନୀତିରେ ଏବେ ଏକ ବଡ଼ ସଙ୍କଟ ଦେଇ ଗତି କରୁଛି । ଇନ୍ଧନ ଓ ଅର୍ଥାଭାବରୁ ବଞ୍ଚିବା ପାଇଁ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ସରକାରୀ କର୍ମଚାରୀଙ୍କ ପାଇଁ କଠୋର ପଦକ୍ଷେପ ଘୋଷଣା କରିଛନ୍ତି । ସରକାରୀ ପ୍ରତିଷ୍ଠାନ ଓ ବିଭାଗଗୁଡ଼ିକରେ କର୍ଯ୍ୟରତ କର୍ମଚାରୀଙ୍କ ଦରମାରେ ୩୦ ପ୍ରତିଶତ ପର୍ଯ୍ୟନ୍ତ କାଟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ଦ୍ୱାରା ସରକାରୀ ରାଜକୋଷ ଉପରେ ପଡୁଥିବା ଚାପକୁ କିଛିମାତ୍ରାରେ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି । ସରକାରୀ ବିଭାଗଗୁଡ଼ିକ ପାଇଁ ନୂତନ ଗାଡ଼ି କ୍ରୟ କରିବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି । ପୁରୁଣା ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣା ଖର୍ଚ୍ଚ ମଧ୍ୟ କମାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦେଶରେ ଇନ୍ଧନର ଅତ୍ୟଧିକ ଅଭାବ ଦେଖା ଦେଇଥିବାରୁ, ସରକାରୀ ଗାଡ଼ିର ମଧ୍ୟ ବ୍ୟବହାରକୁ ସୀମିତ ରଖାଯାଇଛି । ପାକିସ୍ତାନରେ ଅର୍ଥନୈତିକ ଦେବାଳିଆ ସ୍ଥିତି ଉପୁଜିଛି ଓ ବିଦେଶୀ ମୁଦ୍ରା ଭଣ୍ଡାର ବହୁତ କମି ଯାଇଛି । ଆଇଏମ୍ଏଫ୍‌ର ଚାପ ଓ ମୁଦ୍ରାସ୍ଫୀତି ପରିସ୍ଥିତିକୁ ଆହୁରି ଜଟିଳ କରିଛି ।

## ନେତନ୍ୟାହୁଙ୍କ ମୃତ୍ୟୁ ଖବରକୁ ଖଣ୍ଡନ କଲା ଇସ୍ରାଏଲ

**ଦୁବାଇ/ତେହରାନ, ୧୫ ।୩ (ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମୃତ୍ୟୁ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଖବର ତଥା ଗୁଜବକୁ ତାଙ୍କ କାର୍ଯ୍ୟାଳୟ ତରଫରୁ ଖଣ୍ଡନ କରାଯାଇଛି । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ କହିଛି ଯେ ଏହି ସମସ୍ତ ଖବର ଭୁଲ, ମିଥ୍ୟା ଓ ଅମୂଳକ ବୋଲି କୁହାଯାଇଛି । ନେତନ୍ୟାହୁଙ୍କ ମୃତ୍ୟୁ ଖବର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା । ନେତନ୍ୟାହୁଙ୍କ ଏକ୍ସ ଆକାଉଣ୍ଟରେ ସେୟାର ହୋଇଥିବା ଏକ ଭିଡ଼ିଓକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । କିଛି ୟୁଜର୍ସ ଦାବି କରିଥିଲେ ଯେ ନେତନ୍ୟାହୁଙ୍କୁ ଡାହାଣ ହାତରେ ୬ଟି ଆଙ୍ଗୁଠି ଦେଖାଯାଉଛି, ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜେନେରେଟେଡ୍ ଭିଡ଼ିଓର ଏକ ସାଧାରଣ ତ୍ରୁଟି । ପୁଣି ଭିଡ଼ିଓ ପଛରେ ଥିବା ପରଦା ଓ ପତାକାର ଅସ୍ୱାଭାବିକ ଗତି ଦେଖି ଅନେକ ଏହାକୁ ଏଡିଟେଡ ଭିଡ଼ିଓ ବୋଲି କହିଥିଲେ । ଆମେରିକୀୟ ସମାଲୋଚକ କାଣ୍ଡାସ ଓଭେନ୍ସ ଏହି ଭିଡ଼ିଓର ସତତ୍ୟା ଉପରେ ପ୍ରଶ୍ନ ଉଠାଇଥିଲେ, ଯାହା ଫଳରେ ଗୁଜବ ଆହୁରି ତୀବ୍ର ହୋଇଥିଲା । ଏହି ଗୁଜବ ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଆମେରିକ-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଓ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇ ମୃତ୍ୟୁ ବରଣ କରିବା ପରେ ଯୁଦ୍ଧି ସ୍ଥିତି ଆହୁରି ଭୟଙ୍କର ହୋଇଛି । ଇରାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେଇଛି । ଯାହା ଫଳରେ ତୈଳ ଓ ଗ୍ରାସ ଯୋଗାଣ ବାଧାପ୍ରାପ୍ତ ହୋଇଛି ।



ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆରଜିସି) ଏକ ବିବୃତ୍ତି ଜାରି କରି ଇସ୍ରାଏଲକୁ କଡ଼ା ଚେତାବନୀ ଦେଇଛି । ଏହି ବିବୃତିରେ କୁହାଯାଇଛି ଯେ, ଯଦି ନେତନ୍ୟାହୁ ଜୀବିତ ଅଛନ୍ତି, ତେବେ ତାଙ୍କୁ ଖୋଜି ବାହାର କରାଯିବ ଓ ହତ୍ୟା କରାଯିବ । ଇରାନ କହିଛି ଯେ, ଏହି ଶିଶୁ ହତ୍ୟାକରୀ ଅପରାଧୀ ଅର୍ଥାତ ନେତନ୍ୟାହୁ ଯଦି ଜୀବିତ ଅଛନ୍ତି, ତେବେ ଇରାନ ତାଙ୍କୁ ସମ୍ପୂର୍ଣ୍ଣ ଶକ୍ତି ସହ ପିଛା କରିବ ଓ ତାଙ୍କୁ ମୃତ୍ୟୁ ଦଣ୍ଡ ଦେବ । ଉଲ୍ଲେଖଥାଉ କି, ନେତନ୍ୟାହୁ ଗତ କିଛି ଦିନ ହେବ ସର୍ବସାଧାରଣରେ ଦେଖାଯାଇ ନାହାନ୍ତି । ତାଙ୍କର ମାର୍ଚ୍ଚ ୧୨ର ଏକ ଭିଡ଼ିଓକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି, ଯେଉଁଥିରେ ତାଙ୍କ ହାତରେ ୬ଟି ଆଙ୍ଗୁଠି ଥିବା ଭଳି ଜଣାପଡୁଛି । କେବଳ ନେତନ୍ୟାହୁ ନୁହନ୍ତି, ତାଙ୍କ ପୁଅ ୟାଇର ନେତନ୍ୟାହୁ ମଧ୍ୟ ମାର୍ଚ୍ଚ ୯ ତାରିଖ ପରଠାରୁ ସାମାଜିକ ଗଣମାଧ୍ୟମରୁ ଗାୟବ ଅଛନ୍ତି ।

**ବଞ୍ଚିଥିଲେ ବି ଖୋଜି ଖୋଜି ମାରିବୁ: ଇରାନ**

## ଦୁବାଇରେ ଶକ୍ତିଶାଳୀ ବିସ୍ଫୋରଣ

**ଦୁବାଇ, ୧୫ ।୩ (ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ରବିବାର ୧୬ତମ ଦିବସରେ ପହଞ୍ଚିଛି । ଇସ୍ରାଏଲ- ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଆହୁରି ଅଧିକ ଭୟଙ୍କର ରୂପ ନେଇଛି । ରବିବାର ଇରାନ ପକ୍ଷରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ପ୍ରମୁଖ ସହର ଦୁବାଇ ଓ କୁଏତ ଉପରେ ଶତାଧିକ ମିସାଇଲ ଓ ଡ୍ରୋନ୍ ମାଡ଼ କରାଯାଇଛି । ଦୁବାଇର ମରିନା ଓ ଅଲ ସୁଫୋ ଅଞ୍ଚଳରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା । ଫୁଜୈରା ତୈଳ ଟର୍ମିନାଲରେ ନିଆଁ ଲାଗିଯିବା ଫଳରେ ସେଠାରେ କାର୍ଯ୍ୟ ବନ୍ଦ ରହିଛି । ଜଣେ ଜୋର୍ଡାନ ନାଗରିକ ଏଥିରେ ଆହତ ହୋଇଛନ୍ତି । ସେହିପରି କୁଏତ୍ ଅନ୍ତର୍ଜାତୀୟ ବିମାନ ବନ୍ଦର ଉପରେ ମଧ୍ୟ ଇରାନର ଡ୍ରୋନ ମାଡ଼ ହୋଇଛି । ତେବେ ଏଥିରେ କୌଣସି ଲୋକ ମୃତ୍ୟୁବରଣ କରିଥିବାର ଖବର ମିଳିନାହିଁ । ଯୁଦ୍ଧ ଆରମ୍ଭରୁ ଇରାନ ବର୍ତ୍ତମାନ ସୁଦ୍ଧା ୟୁଏଇ ଉପରେ ୧,୮୦୦ରୁ ଅଧିକ ମିସାଇଲ ଓ ଡ୍ରୋନ ପ୍ରୟୋଗ କରିସାରିଲାଣି । କେବଳ ଶନିବାର ଦିନ ୯ଟି ବାଲିଷ୍ଟିକ ମିସାଇଲ ଓ ୩୩ଟି ଡ୍ରୋନ ମାଡ଼ କରାଯାଇଥିଲା । ବାହାରିନ, ଓମାନ ଓ ସାଉଦି ଆରବର ଶକ୍ତି କେନ୍ଦ୍ରଗୁଡ଼ିକୁ ମଧ୍ୟ ଇରାନ ଟାର୍ଗେଟ କରି ଆକ୍ରମଣ କରୁଛି । ଏହି କାରଣରୁ ଏପ୍ରିଲ ମାସରେ ହେବାକୁ ଥିବା ବାହାରିନ ଓ ସାଉଦି ଆରବ ଫର୍ମୁଲା-୧ ରେସିଂ ପ୍ରତିଯୋଗିତାକୁ ମଧ୍ୟ ବାତିଲ କରାଯାଇଛି । ଆମେରିକା ପକ୍ଷରୁ ଇରାନର ପ୍ରମୁଖ ତୈଳ କେନ୍ଦ୍ର 'ଖାର୍ଗ ଦ୍ୱୀପ' ଉପରେ ଆକ୍ରମଣ କରାଯାଇଥିଲା । ଏହାର ଜବାବରେ ଇରାନ ପଡୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଛି ।

**କୁଏତ୍ ବିମାନ ବନ୍ଦର ଓ ତୈଳ ଡିପୋ ଉପରେ ଇରାନର ଭୟଙ୍କର ଆକ୍ରମଣ**

## ତାମିଲନାଡୁରେ ତେଜିଲା ନିର୍ବାଚନ ରାଜନୀତି

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ସମୀକରକର ବଦଳିବାରେ ଲାଗିଛି । ଅଭିନେତା ତଥା ରାଜନେତା ବିଜୟ ଥାଲାପତିଙ୍କ ନୂଆ ଦଳ ତାମିଲିଗା ଭେଟ୍ରି କାଜାଗମ (ଟିଭିକେ) ଓ ବିଜେପି ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଛି । ସୂତ୍ର ଅନୁସାରେ, ବିଜେପି ବିଜୟଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ଓ ୮୦ଟି ଆସନ ପ୍ରସ୍ତାବ ଦେଇଛି । ମେଣ୍ଟ ପାଇଁ ଆଲୋଚନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଚୁକ୍ତି ଅନ୍ତିମ ରୂପ ନେଲେ ଓ ଯଦି ରାଜ୍ୟରେ ଏନ୍‌ଡିଏ ସରକାର ଗଠନ ହୁଏ, ତେବେ ବିଜେପି ବିଜୟଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ଦେବା ସହ ୮୦ଟି ଆସନରେ ଲଢ଼ିବା ପାଇଁ ସୁଯୋଗ ଦେବ । ପ୍ରସ୍ତାବିତ ଆସନ ବଣ୍ଟନ ଅନୁସାରେ ବିଜେପି ପକ୍ଷରୁ ଟିଭିକେକୁ ପ୍ରାୟ ୮୦ଟି ଆସନ ଦେବାକୁ କଥା ହୋଇଛି । ନିର୍ବାଚନ ପୂର୍ବରୁ ଦୁଇ ପକ୍ଷର ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ମେଣ୍ଟ ଗଠନ ସଫଳ ହେଲେ ରାଜ୍ୟର ନିର୍ବାଚନୀ ସମୀକରଣ ବଦଳିପାରେ, କାରଣ ତାମିଲନାଡୁରେ ଅନେକ ନିର୍ବାଚନ ମଣ୍ଡଳୀରେ ଅତି ଅଳ୍ପ ଭୋଟ ବ୍ୟବଧାନରେ ହାର- ଜିତ ନିର୍ଣ୍ଣୟ ହୋଇଥାଏ । ରିପୋର୍ଟ ଅନୁଯାୟୀ ବିଜୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଗ୍ରହୀ ଅଛନ୍ତି । ବିଜେପି ଦୀର୍ଘଦିନ ଧରି ବିଜୟ ଓ ତାଙ୍କ ଦଳକୁ ଏନ୍‌ଡିଏ ମେଣ୍ଟରେ ସାମିଲ କରିବାକୁ ଚେଷ୍ଟା କରୁଛି । ବିଜୟଙ୍କ ଦଳ ରାଜନୀତିରେ ପ୍ରବେଶ କରିବା ପରେ ଦ୍ରୁତ ଭାବେ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି । ତାମିଲନାଡୁରେ ବିଜୟଙ୍କ ଏକ ବିଶାଳ ପ୍ରଶଂସକ ଗୋଷ୍ଠୀ ଅର୍ଥାତ ଭୋଟ ବ୍ୟାଙ୍କ ରହିଛି ଓ ଖାସ୍ ଏଥିପାଇଁ ବିଜେପି ବିଜୟଙ୍କ ସହ ମେଣ୍ଟ କରିବାକୁ ଚାହୁଁଛି । ରାଜ୍ୟର ସଂଘର୍ଷପୂର୍ଣ୍ଣ ନିର୍ବାଚନରେ ମାତ୍ର କିଛି ପ୍ରତିଶତ ଭୋଟ ମଧ୍ୟ ଫଳାଫଳ ବଦଳାଇ ଦେଇପାରେ ବୋଲି ବିଜେପି ଅନୁଭବ କରୁଛି । ସେପଟେ ଏକ ସ୍ୱତନ୍ତ୍ର ପରିଚୟ ନେଇ ରାଜନୀତିରେ ପାଦ ଦେଇଥିବା ବିଜୟ, ଏତେ ଶୀଘ୍ର ଏକ ଜାତୀୟ ମେଣ୍ଟରେ ସାମିଲ ହେଲେ ତାଙ୍କ ନିରପେକ୍ଷ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇପାରେ ବୋଲି ତାଙ୍କର କିଛି ଅନୁଗାମୀ ଆଶଙ୍କା ପ୍ରକାଶ କରିଛନ୍ତି ।

**ବିଜେପିର ଥୋପ: ବିଜୟଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ, ୮୦ ଆସନ**



ଟିଭିକେ ପକ୍ଷରୁ ଏହି ଖବରକୁ ଅସ୍ୱୀକାର କରାଯାଇଛି । ଦଳ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଦଳ ରାଜ୍ୟର ସବୁ ୨୩୪ଟି ଆସନରେ ଏକାକୀ ନିର୍ବାଚନ ଲଢ଼ିବ । ବିଜୟ ନିଜ ଦଳର ଆଭିମୁଖ୍ୟ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ବିଜେପିକୁ ଏକ ଆଦର୍ଶଗତ ଶତ୍ରୁ ଓ ଡିଏମ୍‌କେକୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖନ୍ତି ।

### କରୁର ଦଳାଚକଟା: ବିଜୟଙ୍କୁ ୭ ଘଣ୍ଟା ଜେରା

**ନୂଆଦିଲ୍ଲୀ, ୧୫।୩ (ଏଜେନ୍ସି):** ଅଭିନେତାରୁ ରାଜନେତା ପାଲଟି ଥିବା ଟିଭିକେ ମୁଖ୍ୟ ବିଜୟଙ୍କୁ ଆଜି ସିବିଆଇ ୭ ଘଣ୍ଟା ପର୍ଯ୍ୟନ୍ତ ଜେରା କରିଛି । ଗତ ବର୍ଷ ତାମିଲନାଡୁର କରୁରରେ ହୋଇଥିବା ଦଳାଚକଟାକୁ ନେଇ ବିଜୟଙ୍କୁ ପଚରାଉଚୁରା କରାଯାଇଛି । ଏହି ଦୁର୍ଘଟଣାରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା । ପ୍ରାୟ ୬୦ ଜଣ ଆହତ ହୋଇଥିଲେ । ପୂର୍ବରୁ ଏହି ମାମଲାରେ ବିଜୟଙ୍କୁ ଦୁଇ ଥର ଜେରା କରାଯାଇଛି । ଚଳିତ ଥରର ତାରିଖ ଘୁଞ୍ଚାଇବାକୁ ବିଜୟଙ୍କ ପକ୍ଷରୁ ଏଜେନ୍ସି ନିବେଦନ କରାଯାଇଥିଲା । ଏଥିପାଇଁ ରାଜନୈତିକ କାର୍ଯ୍ୟକ୍ରମକୁ ଅଭିନେତା କାରଣ ଦର୍ଶାଇ ଥିଲେ । ମାତ୍ର ସିବିଆଇ ଏହାକୁ ଖାରଜ କରି ଜେରା ପାଇଁ ଦିଲ୍ଲୀ ମୁଖ୍ୟାଳୟକୁ ଡାକିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ଏସଆଇଟିଠାରୁ ଏହାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ଏଜେନ୍ସି ହାତକୁ ଯାଇଥିଲା । ଏହି ମାମଲାରେ ଡିଏମକେ ବିଧାୟକ ସେନ୍ଦିଲ ବାଲାଜୀଙ୍କୁ ମଧ୍ୟ ସମନ ଜାରି କରାଯାଇଛି । ଖୁବଶୀଘ୍ର ତାଙ୍କୁ ପଚରାଉଚୁରା କରାଯିବ । ମାତ୍ର ଏହି ମାମଲା ବିଜୟଙ୍କ ରାଜନୈତିକ କ୍ୟାରିୟର ଉପରେ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି ହୋଇଛି ।

## ସବୁ ଦଳକୁ ଲୋକସଭା ବାଚସ୍ପତିଙ୍କ ଚିଠି

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ଲୋକସଭାର ବାଚସ୍ପତି ଓମ୍ ବିର୍ଲା ସଂସଦରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ଚିଠି ଲେଖି ସଂସଦର ଗରିମା ଓ ପରମ୍ପରା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି । ଚିଠିରେ କୁହାଯାଇଛି ଯେ ଭାରତୀୟ ସଂସଦ ୧୪୦ କୋଟି ଲୋକଙ୍କ ଆଶା, ଆକାଂକ୍ଷା ଓ ଅପେକ୍ଷାର ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ଲୋକତାନ୍ତ୍ରିକ ସଂସ୍ଥା । ସଂସଦ ଭବନ ପରିସର ସମସ୍ତଙ୍କ ପାଇଁ ଏକ ପବିତ୍ର ସ୍ଥାନ, ଯେଉଁଠାରେ ଚର୍ଚ୍ଚା ସମ୍ବାଦ ଓ ବିଭିନ୍ନ ମତାମତର ଆଦାନ ପ୍ରଦାନ ହୋଇଥାଏ । କିଛି ସାଂସଦଙ୍କ ଆଚରଣ ଦ୍ୱାରା ସଂସଦର ଗରିମାରେ ଆଞ୍ଚ ଆସୁଛି । ସଂସଦ ପରିସରରେ ବ୍ୟାନର, ପ୍ଲା କାର୍ଡ ଓ ମର୍ଯ୍ୟାଦାହୀନ ଭାଷାର ପ୍ରୟୋଗ ଚିନ୍ତା ସୃଷ୍ଟି କରିଛି । ଗୃହର ସଦସ୍ୟମାନଙ୍କ ଆଚରଣକୁ ସାରା ଦେଶ ଦେଖୁଛି । ଦଳଗୁଡ଼ିକ ମଧ୍ୟରେ ଅନୁଶାସନ ଓ ନୈତିକ ଆଚରଣ ବଜାୟ ରଖିବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ । ବାଚସ୍ପତି ଆଶା ବ୍ୟକ୍ତ କରିଛନ୍ତି ଯେ ସମସ୍ତ ଦଳର ନେତାମାନେ ଏହି ମହାନ ଅନୁଷ୍ଠାନର ଗୌରବଶାଳୀ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସହଯୋଗ କରିବେ, ଯାହା ଫଳରେ ସଂସଦୀୟ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଆହୁରି ଦୃଢ଼ ହେବ । ସେ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି ଯେ ତାଙ୍କ ଦଳର ସାଂସଦମାନଙ୍କୁ ଶିଷ୍ଟାଚାର, ଉଚ୍ଚ ନୈତିକ ଆଚରଣ ଓ ଶୃଙ୍ଖଳା ପାଳନ କରିବାକୁ ପ୍ରେରିତ କରନ୍ତୁ । ସେ କହିଛନ୍ତି ଯେ, ଯଦି ସମସ୍ତେ ମିଳିମିଶି ଏହି ଦିଗରେ ପ୍ରୟସା କରିବେ, ତେବେ ଦେଶବାସୀଙ୍କର ସଂସଦୀୟ ଲୋକତନ୍ତ୍ର ପ୍ରତି ଆସ୍ଥା ଆହୁରି ମଜବୁତ ହେବ ଓ ସଂସଦର ମର୍ଯ୍ୟାଦା ଓ ପ୍ରତିଷ୍ଠା ବୃଦ୍ଧି ପାଇବ ।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇବେ। ଆୟ ବ୍ୟୟ ସମାନ ରହିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପୂରା କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ପ୍ରେମ ଜୀବନ ସୁଖମୟ ହେବ।

**ବୃଷ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅଯଥା ଖର୍ଚ୍ଚ ବଢ଼ିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ମାନସମ୍ମାନ ବୃଦ୍ଧି ପାଇବ।

**ମିଥୁନ:** ଯୋଜନା ମୁତାବକ କାମ କରନ୍ତୁ। ନିଜପାଇଁ ସମୟ ଦିଅନ୍ତୁ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅତିଥି ସତ୍କାର କରିପାରନ୍ତି। ବିଦ୍ୟାର୍ଥୀ ଖେଳକୁଦରେ ଅଧିକ ସମୟ ବିତାଇବେ।

**କର୍କଟ:** ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତାରେ ରହିପାରନ୍ତି। ଅଧିକ ପରିଶ୍ରମ କରିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରିବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଯାନବାହନ କ୍ରୟ କରିପାରନ୍ତି।

**କନ୍ୟା:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଅଫିସ୍ କାମକୁ ନେଇ ଚିନ୍ତା ବଢ଼ିପାରେ। ଅଟକି ଥିବା ଧନ ମିଳିପାରେ। ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

**ବିଛା:** ନୂତନ ଜମି କ୍ରୟ କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ହେବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ହରାନ୍ତୁନି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ମକର:** ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଉଦାସ ରହିପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଆଜି ଦିନ ଆପଣଙ୍କୁ ମିଶ୍ରିତ ଫଳ ଦେବ। ବନ୍ଧୁଙ୍କ ସହିତ ସମୟ ବିତାଇବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୩୯ - ଚେକୋସ୍ଲୋଭାକିଆ ଜର୍ମାନୀ ଉପରେ କବ୍ଜା କଲା।
- ୧୯୬୬-ଆମେରିକାରେ ମାନବଯୁକ୍ତ ମହାକାଶଯାନ 'ଜେମିନି-୮' ଉତ୍କ୍ଷେପଣ ହେଲା।
- ୨୦୦୪- ରୁଷିଆରେ ଏକ ନଅତାଲା କୋଠାରେ ବିସ୍ଫୋରଣ, ୨୧ ମୃତ।
- ୨୦୧୨-ସଚିନ୍ ତେନ୍ଦୁଲକର ଅନ୍ତରାଷ୍ଟ୍ରୀୟ କ୍ରିକେଟ୍‌ରେ ଶହେ ଶତକ ଲଗାଇଥିବା ପ୍ରଥମ ଖେଳାଳି ହେଲେ।



## କୁକୁର ବୁଲାଇ ଲକ୍ଷାଧିକ ରୋଜଗାର

ସାମାଜିକ ଗଣମାଧ୍ୟମରେ ପ୍ରତିଦିନ କିଛି ନା କିଛି ରୋଚକୀୟ ତଥା ନୂଆ ଭିଡିଓ ଭାଇରାଲ ହେଉଛି। ଏହି କ୍ରମରେ ଏବେ ଏକ ଭିଡିଓ ଖୁବ୍ ଚର୍ଚ୍ଚା ସାଉଁଟୁଛି। ସାମାଜିକ ଗଣମାଧ୍ୟମରେ ଜଣେ ଯୁବକ ଚାକିରି ଛାଡ଼ିବା କଥା କହିଛନ୍ତି। କିଛି ଆରାମଦାୟକ କାମ ଥିଲେ, ବ୍ୟବହାରକାରୀଙ୍କୁ ଜଣାଇବାକୁ କହିଲେ। ଏହାରି ଭିତରେ ସମ୍ପୃକ୍ତ ଯୁବକଙ୍କୁ କୁକୁର ବୁଲାଇବାକୁ ଜଣେ ବ୍ୟବହାରକାରୀ ପରାମର୍ଶ ଦେଲେ। ଏଥିରେ ଟଙ୍କା ରୋଜଗାର କରିବା ସହିତ ଶାନ୍ତି ମଧ୍ୟ ମିଳିଥାଏ ବୋଲି କୁହାଯାଇଛି। ଏହା ପରେ ଆଉ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଜଣେ ଯୁବକ ତାଙ୍କ ଏମବିଏ ଗ୍ରାଜୁଏଟ୍ ଭାଇଙ୍କଠାରୁ ଅଧିକ ଆୟ କରୁଥିବା କହିଛନ୍ତି। ଭିଡିଓଟି ମହାରାଷ୍ଟ୍ରର। ସେ ପ୍ରତି ମାସରେ କୁକୁର ବୁଲାଇ ପ୍ରାୟ ୪.୫ ଲକ୍ଷ ରୋଜଗାର କରୁଥିବା ସ୍ୱୀକାର କରିଛନ୍ତି। ଯେଉଁ ବ୍ୟକ୍ତି କୁକୁର ବୁଲାଉଛନ୍ତି ତାଙ୍କ ଦରମା କେବଳ ୭୦ ହଜାର ଟଙ୍କା। ଭିଡିଓ ଅନୁସାରେ, ବ୍ୟକ୍ତି ଜଣକ ଅନ୍ୟମାନଙ୍କ କୁକୁରକୁ ଦିନକୁ ଦୁଇଥର ବୁଲାଇବାକୁ ନିଅନ୍ତି। ଏହା ବଦଳରେ ତାଙ୍କୁ ଭଲ ଟଙ୍କା ମିଳିଥାଏ। ଅବଶ୍ୟ ଏବେ ସୁଦ୍ଧା ଯୁବକଙ୍କର ପ୍ରକୃତ ପରିଚୟ ସାମ୍ନାକୁ ଆସି ନାହିଁ। ଅନ୍ୟପଟେ ଭାରତରେ ଡଗ୍ ୱାକିଂ କାମକୁ ମାମୁଲି ବୋଲି ଲୋକେ ଭାବୁଛନ୍ତି। ତେବେ ଏ ବ୍ୟକ୍ତି ଜଣକ ଏକଥା ଦର୍ଶାଇଛନ୍ତି ଯେ, ପରିଶ୍ରମ ଏବଂ ଠିକ୍ ଯୋଜନା କରିବା ଦ୍ୱାରା କୌଣସି କାମ ଛୋଟ ହୋଇ ନ ଥାଏ। ଅନ୍ୟପଟେ ସମ୍ପୃକ୍ତ ବ୍ୟକ୍ତି ଜଣକ ଗୋଟିଏ କୁକୁର ବୁଲାଇବା ପାଇଁ ୧୫ ହଜାର ଟଙ୍କା ନେଉଛନ୍ତି। ବର୍ତ୍ତମାନ ସମୟରେ ତାଙ୍କ ପାଖରେ ୩୦ରୁ ଅଧିକ କୁକୁର ଅଛି। ଯେଉଁମାନଙ୍କୁ ସେ ନିତିଦିନ ବୁଲାଇବାକୁ ନେଇଥାନ୍ତି। ଏହି ପ୍ରକାରେ ତାଙ୍କ ଆୟ ମାସକୁ ୪.୫ ଲକ୍ଷ ହେଉଥିବା କୁହାଯାଇଛି।

## ଜାତୀୟ ଟିକାକରଣ ଦିବସ



ପ୍ରତିବର୍ଷ ମାର୍ଚ୍ଚ ୧୬ ତାରିଖକୁ 'ଜାତୀୟ ଟିକାକରଣ ଦିବସ' ବା 'ଇମ୍ୟୁନାଇଜେସନ ଡେ' ଭାବେ ପାଳନ କରାଯାଏ। ସବୁ ବୟସର ଲୋକଙ୍କୁ ଟିକାକରଣ ପ୍ରତି ସଚେତନ କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ଟିକାକରଣ ଏମିତି ଏକ ପ୍ରକ୍ରିୟା, ଯଦ୍ଦ୍ୱାରା ଘାତକ ତଥା ଭୟଙ୍କର ରୋଗକୁ ରୋକିବାରେ ସାହାଯ୍ୟ କରେ। ସେଥିପାଇଁ ଶିଶୁଟିଏ ଜନ୍ମ ହେବା ମାତ୍ରେ ତା'ର ଟିକାକରଣ ଆରମ୍ଭ ହୋଇଯାଏ। ମହାମାରୀ କରୋନା ସମୟରେ ମଣିଷ ଟିକାକରଣର ଆବଶ୍ୟକତାକୁ ହୃଦୟଙ୍ଗମ କରି ପାରିଥିଲା। ସେତେବେଳେ ଶରୀରର ରୋଗପ୍ରତିରୋଧକ କ୍ଷମତାକୁ ବଢ଼ାଇବା ନିମନ୍ତେ ପୂରା ବିଶ୍ୱରେ ଟିକାକରଣ କରାଯାଇଥିଲା। ୧୯୯୫ରେ ପ୍ରଥମେ ପୋଲିଓ ଟିକାକରଣରୁ ଏହି ଦିବସର ପ୍ରାରମ୍ଭ ହୋଇଥିଲା। ଓରାଲ ପୋଲିଓ ଭ୍ୟାକସିନ୍ ଅର୍ଥାତ୍ ପାଟିରେ ଶିଶୁଙ୍କୁ ପୋଲିଓର ପ୍ରଥମ ବୁନ୍ଦା ଦିଆଯାଇଥିଲା। ଭାରତକୁ ପୋଲିଓ ମୁକ୍ତ କରିବା ଲାଗି ଏହି ଦିନରୁ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିଲା 'ପଲ୍ସ ପୋଲିଓ' ଅଭିଯାନ। ଏହା ମାଧ୍ୟମରେ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ଭାକସିନ୍‌ର ଦୁଇ ବୁନ୍ଦା ଦିଆଯାଉଥିଲା। ଆଉ ଏହି ଅଭିଯାନ ଯୋଗୁଁ ୨୦୧୪ରେ ଭାରତକୁ ପୋଲିଓ ମୁକ୍ତ ଘୋଷଣା କରାଯାଇଥିଲା। ତେବେ କରୋନା ମହାମାରୀ ଲୋକଙ୍କୁ ଟିକାକରଣ ଦିଗରେ ଅଧିକ ସଚେତନ ଓ ସତର୍କ କରାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତିବର୍ଷ ଟିକାକରଣ ଅଭିଯାନ ଯୋଗୁଁ ୨୦-୩୦ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇଥାଏ।

## ନର୍ସ ଭୂମିକାରେ କଙ୍ଗନା



ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ କଙ୍ଗନା ରଣାୱତ ଏବେ ଏକ ନୂଆ ଫିଲ୍ମ ଉପରେ କାମ ଆରମ୍ଭ କରିଛନ୍ତି। ସେ 'ଭାରତ ଭାଗ୍ୟ ବିଧାତା' ସିନେମାରେ ନଜର ଆସିବେ। ଏଥିରେ ସେ ନର୍ସ ଚରିତ୍ରରେ ଅଭିନୟ କରିବେ। ତେବେ ସିନେମାଟି ମୁମ୍ବାଇର କାମା ହସ୍‌ପିଟାଲରେ ୨୬/୧୧ ଆକ୍ରମଣ ଘଟଣା ଉପରେ ଆଧାରିତ। ବିଶେଷକରି ସେତେବେଳେ ହସ୍‌ପିଟାଲରେ ଘଟିଥିବା ଘଟଣା ଏବଂ ସେଠାକାର ଲୋକଙ୍କ ସାହସିକତା ଉପରେ ଏହାର କାହାଣୀ ଗତିଶୀଳ। ସରଳ ଭାଷାରେ କହିଲେ, ହସ୍‌ପିଟାଲର କର୍ମଚାରୀ କିଭଳି ଏଭଳି ଏକ କଠିନ ସମୟରେ ସାହସ ଦେଖାଇ ସ୍ଥିତିକୁ ସମ୍ଭାଳିଲେ, ସେକଥା ସିନେମାରେ ଦର୍ଶକେ ଦେଖିପାରିବେ। କଙ୍ଗନାଙ୍କ ସମେତ ଏହି ସିନେମାରେ ଗିରିଜା ଓକ୍ ମଧ୍ୟ ମୁଖ୍ୟ ଚରିତ୍ରରେ ନଜର ଆସିବେ। ସିନେମାର ନିର୍ଦ୍ଦେଶନାରେ ମନୋଜ ତାପଡ଼ିଆ ଅଛନ୍ତି। ବର୍ତ୍ତମାନ ସିନେମାର ସୁଟିଂ ପୂରା ହୋଇଛି ଏବଂ ଏବେ ଏହାର ପୋଷ୍ଟ ପ୍ରଡକସନ ଉପରେ କାମ ଚାଲିଛି।

# ସ୍ୱସ୍ତି

## ଶୋଇବା ପୂର୍ବରୁ ନିଦ୍ରା ଦେବୀଙ୍କ ଧ୍ୟାନ


**ଶାସ୍ତ୍ରରେ ନିଦର ସମ୍ବନ୍ଧ ନିଦ୍ରା ଦେବୀଙ୍କ ସହିତ ରହିଛି। କୁହାଯାଏ, ନିଦ୍ରା ଦେବୀଙ୍କ କୃପାରୁ ଲୋକେ ଶାନ୍ତିରେ ଶୁଅନ୍ତି। ତେଣୁ ଶାସ୍ତ୍ର ଅନୁସାରେ, ଶୋଇବା ପୂର୍ବରୁ ନିଦ୍ରା ଦେବୀଙ୍କୁ ସ୍ମରଣ କରିବା ଉଚିତ।**



ନିଦ୍ରା ଦେବୀ ହେଉଛନ୍ତି, ଭଗବତୀ ମହାମାୟା। ଧାର୍ମିକ ମାନ୍ୟତାନୁସାରେ, ଶୋଇବା ପୂର୍ବରୁ ନିଦ୍ରା ଦେବୀଙ୍କୁ ସ୍ମରଣ କରିବା ଅତ୍ୟନ୍ତ ଲାଭକାରୀ। ଦେବୀଙ୍କୁ ଧ୍ୟାନ କରିବା ଦ୍ୱାରା ଦିନ ତମାମର ଚିନ୍ତା, ନକାରାତ୍ମକ ବିଚାର ଶାନ୍ତ ହୁଏ। ଏହା ଦ୍ୱାରା ମନ ଧ୍ୟାନ ମୁଦ୍ରାକୁ ଯାଏ। କୁହାଯାଏ, ଯେଉଁ ବ୍ୟକ୍ତି ଶୁଦ୍ଧ ମନରେ ନିଦ୍ରା ଦେବୀଙ୍କ ସ୍ମରଣ କରନ୍ତି, ସେମାନେ ସ୍ୱପ୍ନ ଦେଖି ଭୟଭୀତ ହୁଅନ୍ତି ନାହିଁ ବା ଭୟଙ୍କର ସ୍ୱପ୍ନ ଦେଖି ନ ଥାନ୍ତି। ଦେବୀଙ୍କ ସୁରକ୍ଷା କବଚ ମନର ରକ୍ଷା କରୁଥିବା ବିଶ୍ୱାସ ରହିଛି। ବିଳମ୍ବିତ ରାତ୍ରିରେ ନିଦ ଆସୁଥିଲେ, ନିଦ୍ରା ଦେବୀଙ୍କ ମନ୍ତ୍ର ଜପ କରିବା ଲାଭଦାୟକ। ଅନିଦ୍ରା ତଥା ମାନସିକ ଅଶାନ୍ତି ଦେଇ ଗତି କରୁଥିଲେ ଖଟରେ ଶୋଇ ରହି ନିଦ୍ରା ଦେବୀଙ୍କ ମନ୍ତ୍ର ଜପ କରିବା ଭଲ। ମନ୍ତ୍ରକୁ ୩ କିମ୍ବା ୧୧ ଥର ଜପ କରିବା ଭଲ ବୋଲି କୁହାଯାଏ। ଏହା ଦ୍ୱାରା ମନ ନିୟନ୍ତ୍ରଣରେ ରହେ ଓ ନିଦ ଆସେ।

## ଖର ମାସରେ ବର୍ଜନୀୟ

**ମୀନ ସଂକ୍ରାନ୍ତିରୁ ଖର ମାସ ଆରମ୍ଭ ହୋଇଛି। ଏହା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ରହିବ। ଖର ମାସରେ କୌଣସି ଶୁଭ ତଥା ମାଙ୍ଗଳିକ କାର୍ଯ୍ୟ କରାଯାଏ ନାହିଁ।**



- ଖର ମାସରେ କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବା ଅନୁଚିତ। କାମରେ ବାଧା ଉପୁଜି ହୁଏ।
- ଏହି ମାସରେ ଗୃହ ପ୍ରବେଶ କରାଯାଏ ନାହିଁ। ଏହା ଦ୍ୱାରା ସୁଖ, ଶାନ୍ତି, ସକାରାତ୍ମକତା ହ୍ରାସ ପାଏ।
- ଏହା ବାଦ୍ ନୂଆ ଘର ନିର୍ମାଣ ଆରମ୍ଭ କରିବା ଭଲ ନୁହେଁ।
- ନିର୍ବନ୍ଧ, ବାହାଘର, ଖରମାସରେ କରାଯିବ ନାହିଁ।
- ମୁଣ୍ଡନ, ବ୍ରତୋପନୟନ, ନାମକରଣ ସଂସ୍କାର ଖର ମାସରେ ବର୍ଜନୀୟ।
- ଖର ମାସରେ ନୂଆ ଘର, ଗାଡ଼ି କିଣିବାକୁ ଶୁଭ ବୋଲି କୁହାଯାଏ ନାହିଁ।
- ଏପରିକି ବାହାଘର ପାଇଁ ଗହଣା କିଣିବା ଭଳି ଶୁଭକାର୍ଯ୍ୟ କରିବା ଅନୁଚିତ।



## ଭକ୍ତିର ମାସ ଚୈତ୍ର

**ହିନ୍ଦୁ ଧର୍ମରେ ଚୈତ୍ର ମାସର ବିଶେଷ ମହତ୍ତ୍ୱ ଅଛି। ଏହି ମାସକୁ ଭକ୍ତି ଓ ସଂଯମର ମାସ ବୋଲି କୁହାଯାଏ। କାରଣ ଏହି ମାସରେ ଅନେକ ବ୍ରତ ଓ ପୂଜାପର୍ବ ପାଳନ କରାଯାଇଥାଏ। ଏହି ମାସରେ ବ୍ରହ୍ମା ସୃଷ୍ଟିର ରଚନା କରିଥିଲେ। ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ। ଏହି ମାସରେ ହିନ୍ଦୁ ନବବର୍ଷ ପାଳନ କରାଯାଏ। ତେବେ ଏ ମାସର ମହତ୍ତ୍ୱ କ'ଣ ରହିଛି, ତାହାକୁ ନେଇ ଏହି ଉପସ୍ଥାପନା।**



ଏହି ମାସରେ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ଥଣ୍ଡା ପାଣିରେ ସ୍ନାନ କରିବା ଉଚିତ। ଏହାପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଦିନ ତମାମ ଥରେ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ। ଏଭଳି କରିବା ଦ୍ୱାରା ରୋଗରୁ ରକ୍ଷା ମିଳିବା ସହ ଆୟୁ ବୃଦ୍ଧି ହେଉଥିବା ବିଶ୍ୱାସ ଅଛି। ଏହି କଥା ପୁରାଣ ସମେତ ଆୟୁର୍ବେଦ ଗ୍ରନ୍ଥରେ ଉଲ୍ଲେଖ ରହିଛି। ପୌରାଣିକ ମାନ୍ୟତାନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦାରୁ ସୃଷ୍ଟିର ରଚନା ଆରମ୍ଭ କରିଥିଲେ। ତା'ସହ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ।

ପୌରାଣିକ ମାନ୍ୟତାନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦାରୁ ହିଁ ବ୍ରହ୍ମା ସୃଷ୍ଟିର ରଚନା କରିଥିଲେ। ଏହି ମାସରେ ଭଗବାନ ବିଷ୍ଣୁ ଦଶାବତାର ମଧ୍ୟରୁ ପ୍ରଥମେ ମତ୍ସ୍ୟ ଅବତାର ନେଇ ଥିଲେ। ତେବେ ମତ୍ସ୍ୟ ଅବତାର ଗ୍ରହଣ କରି ପ୍ରଳୟକାଳରେ ଜଳରେ ମନୁଙ୍କ ନୌକାକୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଥିଲେ। ସେହିପରି ପ୍ରଳୟକାଳ ଶେଷ ହେବା ପରେ ମନୁଙ୍କଠାରୁ ହିଁ ନୂଆ ସୃଷ୍ଟିର ରଚନା ହେଲା।

ଚୈତ୍ର କୃଷ୍ଣ ପକ୍ଷରେ ପଡୁଥିବା ଅମାବାସ୍ୟାକୁ 'ଚୈତ୍ର ଅମାବାସ୍ୟା' କୁହାଯାଏ। ହିନ୍ଦୁ ଧର୍ମରେ ଅମାବାସ୍ୟାର ବିଶେଷ ମହତ୍ତ୍ୱ ଥିବା ବେଳେ ଏହିଦିନ ସ୍ନାନ, ଦାନ ତଥା ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ କରାଯାଏ। ଏହିଦିନ ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ପାଇଁ ପୂଜା ତଥା ବ୍ରତ ରଖିବା ବିଧି ଅଛି। ତା'ସହ ଗରିବଙ୍କୁ ଅନ୍ନଦାନ କରାଇଲେ ଉତ୍ତମ ଫଳ ପ୍ରାପ୍ତି ହୁଏ।

## ଏକାଦଶୀରେ କ'ଣ ଖାଇବେ ଓ ଖାଇବେନି

**ହିନ୍ଦୁ ଧର୍ମରେ ଏକାଦଶୀ ବ୍ରତର ମହତ୍ତ୍ୱ ରହିଛି। ଶାସ୍ତ୍ର ଅନୁସାରେ, ପ୍ରତି ମାସରେ କୃଷ୍ଣ ଓ ଶୁକ୍ଳ ପକ୍ଷରେ ଦୁଇଟି ଏକାଦଶୀ ପଡ଼ିଥାଏ। ଏହି ବ୍ରତରେ କ'ଣ ଖାଇବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ଜାଣିବା।**

- ଏକାଦଶୀ ଉପବାସ କରୁଥିବା ବ୍ରତଧାରୀ ଦଶମୀ ଦିନରୁ ମାଂସ, ରସୁଣ, ପିଆଜ, ମସୁର ଡାଲି ଖାଇବା ଅନୁଚିତ।
- ଉପବାସ ରହି ବ୍ରତ କରିପାରୁ ନ ଥିଲେ ଦିନରେ ଥରୁଟିଏ ଖାଇପାରିବେ।



- କ୍ଷୀର ଓ ଜଳ ସେବନ କରିପାରିବେ।
- ଆଳୁ, ନଡ଼ିଆ, ସାଗୁ, ସୈନ୍ଧବ ଲବଣ, କ୍ଷୀର, ବାଦାମ, ଚିନି, ଅଦା ଆଦିକୁ ଖାଦ୍ୟରେ ସାମିଲ କରିପାରିବେ।
- ଏହିଦିନ ଗଛରୁ ପତ୍ର ଛିଡ଼ାଇବା ଭଲ ନୁହେଁ।
- ଏକାଦଶୀ ଦିନ ବ୍ରତଧାରୀ ବାଇଗଣ, ଗାଜର, କୋବି, ପାଳଙ୍ଗ ଖାଇବା ଭଲ ନୁହେଁ।
- ଏକାଦଶୀରେ ଶ୍ରୀବିଷ୍ଣୁଙ୍କ ପୂଜାରେ ମିଠା ପାନ ଲାଗି କରାଯାଏ। ହେଲେ ଏହି ଦିନ ପାନ ଖାଇବାକୁ ବାରଣ କରାଯାଇଛି।
- ଫଳରେ କଦଳୀ, ଆମ୍ବ, ଅଙ୍ଗୁର, ବାଦାମ, ପିସ୍ତା ଆଦି ଖାଇପାରିବେ।
- ଏକାଦଶୀରେ ସାତ୍ତ୍ୱିକ ଭୋଜନ ଉପରେ ଗୁରୁତ୍ୱ ଦେବା ଉଚିତ।
- ଆମିଷ ଓ ନିଶା ସେବନ କରିବା ଅନୁଚିତ।
- ପ୍ରତ୍ୟେକ ଜିନିଷ ଠାକୁରଙ୍କ ପାଖରେ ଭୋଗ ଲାଗି କରି ତଥା ସେଥିରେ ତୁଳସୀ ପକାଇ ଗ୍ରହଣ କରିବା ଉଚିତ।

■ ଚାଇନିଜ୍ ଗ୍ରାଁ ପ୍ରି

## କିମିଙ୍କୁ ପ୍ରଥମ ଟାଇଟଲ୍



ସାଙ୍ଘାଇ,୧୫।୩(ଏଜେନ୍ସି): ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ରବିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ରେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଗତକାଲି ସର୍ବକନିଷ୍ଠ ଖେଳାଳି ଭାବେ ପୋଲ ପୋଜିସନ ହାସଲ କରିଥିବା ଇଟାଲୀର ଏହି ୧୯ ବର୍ଷୀୟ ଡ୍ରାଇଭର ନାମିଦାମି ପ୍ରତିଯୋଗୀଙ୍କୁ ପଛରେ ପକାଇ ଏଠାରେ ଟାଇଟଲ ଜିତିନେଇଥିଲେ । ତାଙ୍କ ଟିମ୍ ମେଟ୍ ତଥା ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ଜର୍ଜ ରସେଲ ଦ୍ୱିତୀୟ ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଛନ୍ତି । ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରି ପରେ ଏଠାରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଦ୍ୱିତୀୟଥର ସକାଶେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଛନ୍ତି । ଏମାନଙ୍କ ପଛକୁ ଫେରାରୀର ଦୁଇ ଡ୍ରାଇଭର ବ୍ରିଟେନର ଲଉଇସ୍ ହାମିଲଟନ ଓ ଚାର୍ଲସ ଲାକ୍ଲେର୍କ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ଫେରାରୀ ଲାଗି ହାମିଲଟନ ପ୍ରଥମଥର ଲାଗି ପୋଡିୟମ ଫିନିସ୍ କରିଥିଲେ ।

■ ଇଣ୍ଡିଆନ ୱେଲ୍ସରେ ଆଲକାରାଜ ପରାସ୍ତ

## ମେଦଭେଦେଭ-ସିନ୍ନର ଫାଇନାଲ

ଇଣ୍ଡିଆନ୍‌ୱେଲ୍ସ,୧୫।୩(ଏଜେନ୍ସି): ବିଶ୍ୱରନଂ-୧ଖେଳାଳି ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି ରୁଷର ଡାନିଲ ମେଦଭେଦେଭ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲରେ ପ୍ରବେଶ କରିଛନ୍ତି । ଏହା ଫଳରେ ଆଲକାରାଜଙ୍କର କ୍ରମାଗତ ୧୬ତମ ବିଜୟଧାରାରେ ବ୍ରେକ୍ ଲାଗିଛି । ଫାଇନାଲରେ ତାଙ୍କ ସହ ବିଶ୍ୱର ନଂ-୨ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କୁ ଭେଟିବେ । ଅନ୍ୟ ଏକ ସେମିଫାଇନାଲରେ ସିନ୍ନର ୬-୨, ୬-୪ରେ ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କୁ ପରାସ୍ତ କରିଥିଲେ । ମହିଳା ଏକକ ଫାଇନାଲରେ ନଂ-୧ ସିଡ ଆରିନା ସାବାଲେଙ୍କାଙ୍କ ସହ ନଂ-୩ ସିଡ୍ ଏଲିନା ରିବାକିନାଙ୍କ ସହ ମୁକାବିଲା କରିବେ । ସେମିଫାଇନାଲରେ ବେଲାରୁଷର ସାବାଲେଙ୍କା ୬-୩, ୬-୪ରେ ଚେକ୍ ପ୍ରଜାତନ୍ତ୍ରର ଲିଣ୍ଡା ନୋସ୍କୋଭାଙ୍କୁ ଓ କାଜାଖସ୍ତାନର ରିବାକିନା ୟୁକ୍ରେନ୍‌ର ଏଲିନା ଭିଟୋଲିନାଙ୍କୁ ୭-୫, ୬-୪ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ ।

## ବରଗଡ଼ର ମୌସୁମୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୫।୩(ସମିସ): ବରଗଡ଼ର ମୌସୁମୀ ରାୟ ପ୍ରଥମ ରାଜ୍ୟ ସ୍ପ୍ରିଣ୍ଟ ଆଥଲେଟିକ୍ସରେ ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଗତକାଲି ସେ ମହିଳା ୧୦୦ ମିଟର ଓ ଆଜି ୨୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆଜିର ଇଭେଣ୍ଟରେ ପୁରୁଷ ୨୦୦ ମିଟର ଦୌଡ଼ରେ କିଟ୍‌ର ଡିଏମ୍ ଜୟରାମ, ପୁରୁଷ ୪୦୦ ମିଟର ବାଧାଦୌଡ଼ରେ କଟକର ଲକ୍ଷ୍ମୀଧର ଦେହୁରୀ ଓ ମହିଳା ବିଭାଗରେ ସୁନ୍ଦରଗଡ଼ର ଜିତା ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ଦୌଡ଼ରେ କିଟର ଜିତେନ ବାଗ ଓ ମହିଳା ବିଭାଗରେ ସୁନ୍ଦରଗଡ଼ର ଅମିଶା ତିର୍କୀ, ୪୦୦ ମିଟର ବାଧାଦୌଡ଼ର ପୁରୁଷ ବିଭାଗରେ ବରଗଡ଼ର ଲୁସାନ ଖମାରୀ ଓ ମହିଳା ବିଭାଗରେ ବାସନ୍ତୀ ମାଝି (ଡବଲ ସ୍ୱର୍ଣ୍ଣ) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ସମ୍ମାନିତ ହେଲେ ଶ୍ରେଷ୍ଠ କ୍ରିକେଟର

ନୂଆଦିଲ୍ଲୀ,୧୫।୩(ଏଜେନ୍ସି)

ଚଳିତ ବର୍ଷ ଲାଗି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଭାରତୀୟ କ୍ରିକେଟ ଖେଳାଳି ଓ ଦଳକୁ ଆଜି ସମ୍ମାନିତ ଓ ପୁରସ୍କୃତ କରିଛି ବିସିସିଆଇ । ଏଠାରେ ରବିବାର ଅନୁଷ୍ଠିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦେଶର ସର୍ବୋଚ୍ଚ କ୍ରିକେଟ ପୁରସ୍କାର ଭାରତର ୩ଜଣ କିଂବଦନ୍ତୀ ଖେଳାଳି ରୋଜର ବିନ୍ନି, ରାହୁଲ ଦ୍ରାବିଡ୍ ଓ ମହିଳା ବିଭାଗରେ ମିତାଲି ରାଜଙ୍କୁ ପ୍ରଦାନ କରାଯାଇଛି । ଏହି ୩ଜଣ ଜଣେ ଖେଳାଳି, ପ୍ରଶାସକ, ପ୍ରଶିକ୍ଷକ ଭାବେ ଭାରତୀୟ କ୍ରିକେଟର ଅନେକ ସେବା କରି ଦେଶର ଗୌରବ ବୃଦ୍ଧି କରିଛନ୍ତି । ଏହା ସହ ପୁରୁଷ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ କ୍ରମାଗତ ଦ୍ୱିତୀୟଥର ଲାଗି ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ଓ ମହିଳା ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ୫ମ ଥର ଲାଗି ଶ୍ରେଷ୍ଠ ମହିଳା ଅନ୍ତର୍ଜାତୀୟ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି । ଉଭୟ ଖେଳାଳି ସେମାନଙ୍କ ବ୍ୟାଟିଂ ଓ ନେତୃତ୍ୱ ବଳରେ ଭାରତର ସମ୍ମାନ ଓ ଗୌରବ ବଢ଼ାଇଛନ୍ତି । ଏହି ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲେ ଗତ ଦୁଇ ବର୍ଷରେ ୫ଟି ଆଇସିସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବା ଦଳର ଖେଳାଳିମାନେ । ନିକଟରେ ନ୍ୟୁଜିଲାଣ୍ଡକୁ ହରାଇ ପୁରୁଷ ଟି-୨୦ ବିଶ୍ୱକପ୍ ଓ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ହରାଇ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ଖେଳାଳିମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ । ଏମାନଙ୍କୁ ଯଥାକ୍ରମେ ୧୩୧ କୋଟି ଓ ୫୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳକୁ ମଧ୍ୟ ୫୮ କୋଟି ଟଙ୍କାର ପୁରସ୍କାର ଦିଆଯାଇଥିଲା । ଭାରତୀୟ କ୍ରିକେଟର ଭବିଷ୍ୟକ ତଥା ୧୯ ବର୍ଷରୁ କମ୍ ବୟସ ବିଭାଗରେ ବିଶ୍ୱଚାମ୍ପିଅନ ହୋଇଥିବା ପୁରୁଷ ଓ ମହିଳା ଦଳକୁ ସମ୍ମାନିତ କରାଯିବା ସହ ୭.୫ କୋଟି ଲେଖାଏଁ ଟଙ୍କା ପୁରସ୍କାର ଦିଆଯାଇଥିଲା ।

■ ବିନ୍ନି, ଦ୍ରାବିଡ ଓ ମିତାଲିଙ୍କୁ ଲାଇଫ୍ ଟାଇମ୍ ଆୱାର୍ଡ

■ ଗିଲ୍, ମନ୍ଧାନାଙ୍କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ପୁରସ୍କାର

■ ୫ଟି ଆଇସିସି ଚାମ୍ପିଅନ ଦଳକୁ ଆର୍ଥିକ ପ୍ରୋତ୍ସାହନ






ବିସିସିଆଇ ସଭାପତି ମିଥୁନ ମାନହାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଦେଶର ଏକାଧିକ କିଂବଦନ୍ତୀ କ୍ରିକେଟ ଖେଳାଳି, ପ୍ରଶାସକ ଓ ସ୍ପନ୍‌ସର ଏହି ସମାରୋହର ଶୋଭା ମଣ୍ଡନ କରିଥିଲେ । ବିଶେଷ କରି ଘରୋଇ କ୍ରିକେଟରେ ସଫଳତା ଲାଭ କରିଥିବା ଖେଳାଳିମାନଙ୍କୁ ବରିଷ୍ଠ ସଦସ୍ୟମାନେ ଉତ୍ସାହିତ କରୁଥିବା ଦେଖାଯାଇଥିଲା । ଘରୋଇ ମହିଳା କ୍ରିକେଟର ବରିଷ୍ଠ ବିଭାଗରେ ହରିୟାଣାର ଶେଫାଳି ବର୍ମା ଓ କନିଷ୍ଠ ବିଭାଗରେ ଇରା ଯାଦବଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ରଣଜୀ ଟ୍ରଫିରେ ବିଦର୍ଭର ହର୍ଷ ଦୁବେ ଓ ସୀମିତ ଓଭର କ୍ରିକେଟରେ ମୁମ୍ବଇର ଆୟୁଷ ମାହତ୍ରେ ଶ୍ରେଷ୍ଠ ଅଲରାଉଣ୍ଡର ବା ଲାଲା ଅମରନାଥ ପୁରସ୍କାର ପାଇଛନ୍ତି ।

■ ମୋକୋଏନାଙ୍କ ଘାତକ ବୋଲିଂ

## ପ୍ରଥମ ଟି-୨୦ରେ ଜିତିଲା ଦ.ଆଫ୍ରିକା

ମାଉଣ୍ଟ ମାଉଙ୍ଗାନୁଇ,୧୫।୩(ଏଜେନ୍ସି): ଡେବ୍ୟୁଟାଣ୍ଟ ୧୯ ବର୍ଷୀୟ ଫାଷ୍ଟ ବୋଲର ଏନ୍. ମୋକୋଏନାଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଘରୋଇ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଏହା ଫଳରେ ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍ ସେମିଫାଇନାଲ ପରାଜୟର ପ୍ରତିଶୋଧ ନେବାରେ ଦକ୍ଷିଣ ଆଫ୍ରିକା କିଛିଟା ଆଶ୍ୱସ୍ତି ଲାଭ କରିଛି । ଏହି ମ୍ୟାଚ୍‌ରେ ମୋକୋଏନା ୨୬ ରନ୍‌ରେ ୩ଟି, ଗେରାଲ୍ଡ କୋଏଜି, ଓଟନିଲ ବାର୍ଟମ୍ୟାନ୍ ଓ ଅଧିନାୟକ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୧୪.୩ ଓଭରରେ ମାତ୍ର ୯୧ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଜେମ୍ସ ନୀଶାମ ସର୍ବାଧିକ ୨୬, ଅଧିନାୟକ ମିଚେଲ ସାଣ୍ଟନର ଓ କୋଲ ମ୍ୟାକକୋଞ୍ଚି ୧୫ ରନ୍ ଲେଖାଏଁ କରିଥିଲେ । ଜବାବରେ ଅନ୍ୟତମ ଡେବ୍ୟୁଟାଣ୍ଟ ୱିକେଟକିପର/ଓପନର କନ୍ନର ଇସ୍ତରହୁଇଜେନ୍‌ଙ୍କ ଅପରାଜିତ ୪୫ ରନ୍ ସହାୟତାରେ ଦକ୍ଷିଣ ଆଫ୍ରିକା ୧୬.୪ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା । ମୋକୋଏନାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲାବେଳେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମାର୍ଚ୍ଚ ୧୭ ତାରିଖ ମଙ୍ଗଳବାର ଖେଳାଯିବ ।

## ସର୍ଫରାଜ ଅହମ୍ମଦ୍‌ଙ୍କ ଅବସର

କରାଚି,୧୫।୩(ଏଜେନ୍ସି): ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ୱିକେଟରକ୍ଷକ ବ୍ୟାଟର ସର୍ଫରାଜ ଅହମ୍ମଦ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଖେଳରୁ ଅବସର ଘୋଷଣା କରିଛନ୍ତି । ଏକମାତ୍ର ପାକିସ୍ତାନୀ ଅଧିନାୟକ ଭାବେ ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲ (୨୦୧୭ ଚାମ୍ପିଅନ୍ସ ଟ୍ରଫି)ରେ ଭାରତକୁ ହରାଇଥିବା ସର୍ଫରାଜ ଏବେ ଜାତୀୟ ଚୟନକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି । ପାକିସ୍ତାନ କ୍ରିକେଟ ବୋର୍ଡ ସୂତ୍ରରୁ ଜଣାଯାଇଛି ସର୍ଫରାଜଙ୍କୁ ଟେଷ୍ଟ ଦଳର କୋଚ୍ ଭାବେ ନିଯୁକ୍ତି ଦିଆଯିବ । ସେଥିଲାଗି ତାଙ୍କୁ ଅବସର ନେବାକୁ କୁହାଯାଇଛି ।

## ବାଂଲା ୨-୧ରେ ପାକିସ୍ତାନକୁ ହରାଇଲା

ଢାକା,୧୫।୩(ଏଜେନ୍ସି): ତାଞ୍ଜିଦ୍ ହାସନଙ୍କ ଶତକ ଓ ଫାଷ୍ଟ ବୋଲରଙ୍କ ଦମ୍‌ଦାର ବୋଲିଂ ବଳରେ ବାଂଲାଦେଶ ୨-୧ ବ୍ୟବଧାନରେ ପାକିସ୍ତାନକୁ ଦିନିକିଆ ସିରିଜ୍‌ରେ ପରାସ୍ତ କରିଛି । ୧୦୭ ବଲ୍‌ରେ ୧୦୭ରନ୍ କରିଥିବା ତାଞ୍ଜିଦ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଆଜି ଏଠାରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ବାଂଲାଦେଶ ୧୧ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା । ତାଞ୍ଜିଦ୍ ହାସନଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫ ୱିକେଟରେ ୨୯୦ ରନ୍ କରିଥିଲା । ଜବାବରେ ପାକିସ୍ତାନ ୮୨ ରନ୍‌ରେ ୫ ୱିକେଟ ହରାଇବା ପରେ ସଲମାନ ଅଲି ଆଘା (୯୮ ବଲ୍‌ରେ ୧୦୬ରନ୍)ଙ୍କ ଶତକ ବଳରେ ପାକିସ୍ତାନ ୨୭୯ ରନ୍ କରିଥିଲା । ବାଂଲାର ତାସ୍କିନ୍ ଅହମ୍ମଦ୍ ୪ଟି, ମୁସ୍ତାଫିଜୁର ରହମନ ୩ଟି ଓ ନାହିଦ୍ ରାଣା ୨ଟି ୱିକେଟ ନେଇ ଦଳକୁ ଐତିହାସିକ ସିରିଜ୍ ବିଜୟୀ କରାଇଥିଲେ ।

## ଜାତୀୟ ଯୁବ ଭଲିବଲ ଉଦ୍‌ଘାଟିତ




ଭୁବନେଶ୍ୱର,୧୫।୩(ସମିସ): କିଟ୍ ୟୁନିଭର୍ସିଟିଜ୍ ପରିସରରେ ଆସନ୍ତାକାଲିଠାରୁ ୨୬ତମ ଜାତୀୟ ଯୁବ୍ ଭଲିବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାକୁ ଭାରତୀୟ ଭଲିବଲ ମହାସଂଘର ପାଟ୍ରନ ଅଚ୍ୟୁତ ସାମନ୍ତ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି । କିଟ୍ ପରିସରରେ ଥିବା ମଲ୍ଟିପର୍ପୋଜ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ଭଲିବଲ ସଂଘ ଓ କିଟ୍ ୟୁନିଭର୍ସିଟିଜର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି । ଏଥିରେ ୨୬ଟି ପୁରୁଷ ଓ ୨୪ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି । ଆଜିର ଉଦ୍‌ଘାଟନୀ ଉତ୍ସବରେ ଭଲିବଲ ମହାସଂଘର ସାଧାରଣ ସଭାପତି ବୀରେନ୍ଦ୍ର କନୱର, ସମ୍ପାଦକ ରାମାନନ୍ଦ ଚୌଧୁରୀ, ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଗଗନେନ୍ଦୁ ଦାଶ, କିଟ୍ ଓ କିସ୍ ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

● ଷଷ୍ଠ ବିଶ୍ୱଦର୍ଶନୀ ସ୍ମାରକୀ ଚେସ୍

## ପ୍ରିୟଦର୍ଶନ ରାୟ ଚାମ୍ପିଅନ

ଭୁବନେଶ୍ୱର,୧୫ ।୩(ସମିସ): ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ରବିବାର ଷଷ୍ଠ ବିଶ୍ୱଦର୍ଶନୀ ବିସ୍ମିତାରାଣୀ ସାହୁ ସ୍ମାରକୀ ରାଜ୍ୟସ୍ତରୀୟ ଓପନ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଚେସ୍ ଆସୋସିଏସନ ଓ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚେସ୍ ପ୍ରତିଯୋଗିତାରେ ସିଡ଼ିଏ ଡିଏଭି ପବ୍ଲିକ୍ ସ୍କୁଲର ପ୍ରିୟଦର୍ଶନ ରାୟ ୫ମ ରାଉଣ୍ଡ ଶେଷ ସୁଦ୍ଧା ୪ ପଏଣ୍ଟ ପାଇ ଟାଇଟଲ ହାସଲ କରିଛନ୍ତି । ସେହିପରି ମନୀଷ ରଞ୍ଜନ ଦାସ ଦ୍ୱିତୀୟ, ଆୟୁଷ୍ମାନ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି । ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବର୍ଗ ଓ ବାଳିକା ବିଭାଗରେ ମଧ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା ଓ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଓମ୍ ଗୁରୁକୁଳ ସ୍କୁଲ (କେସୁରା)ର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ବିଶ୍ୱାଳ, ଦେବାଶିଷ ପାଣିଗ୍ରାହୀ, କନୋଜ କୁମାର ବେହେରା, ବିଶ୍ୱଦର୍ଶନୀଙ୍କ ସ୍ୱାମୀ ପ୍ରିୟବର୍ତ୍ତ ସାହୁ ଓ ତାଙ୍କ ପୁଅ ଶାଶ୍ୱତ ସୌମ୍ୟବ୍ରତ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିଲେ ।

ଏଲ୍‌ଏଲ୍‌ସିସି କପ୍ କ୍ରିକେଟ |

## କ୍ୱାର୍ଟରଫାଇନାଲରେ ଏମ୍‌ସିଏ




ଭୁବନେଶ୍ୱର,୧୫।୩(ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତି ଏଲ୍‌ଏଲ୍‌ସିସି ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ୧୪ ବର୍ଷରୁ କମ୍ କ୍ଲବ୍ ସ୍ତରର ୫ମ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ । ଏହି ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଦଳର 'ବି' ଟିମ୍‌କୁ ୨୦୩ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଏମ୍‌ସିଏ ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ କୌଶିକ ସାହୁଙ୍କ ଅପରାଜିତ ୧୧୩ ଓ ସାଇପ୍ରଜ୍ୟୋତି ଶତପଥୀ ୮୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଏମସିଏ ନିର୍ଦ୍ଧାରିତ ୩୫ ଓଭରରେ ୩ ୱିକେଟ ହରାଇ ୩୧୨ ରନ୍ କରିଥିଲା । ଜବାବରେ ଏଲ୍‌ଏଲ୍‌ସିସି-ବି' ୨୬.୫ ଓଭରରେ ୧୦୯ ରନ୍ କରି ଅଲଆଉଟ ହୋଇଯାଇଥିଲା । ବିଜୟୀ ଦଳ ପକ୍ଷରୁ ସାଇପ୍ରଜ୍ୟୋତି ଓ ସହସ୍ରାଂଶୁ ୩ଟି ଲେଖାଏଁ, ଶିବାଶିଷ ସିଂ ୨ଟି ୱିକେଟ ପାଇଥିଲେ । ଏଲ୍‌ଏଲ୍‌ସିସିର ଦିବ୍ୟାଂଶୁ ୩୨ ଓ ଲାଡୋ ୨୮ ରନ୍ କରିଥିଲେ । ବିଜୟୀ ଦଳର ସାଇପ୍ରଜ୍ୟୋତିଙ୍କ ଅଲରାଉଣ୍ଡ ସଫଳତା (୮୪ରନ୍, ୩ୱିକେଟ) ଲାଗି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଅତିଥି ରାଜକିଶୋର ନାୟକ ପ୍ରଦାନ କରିଥିଲେ ।

ଟିଲୋ କପ୍ କ୍ରିକେଟ ଉଦ୍‌ଯାପିତ

## ନିମପୁରକୁ ହରାଇ ଦିଲ୍ଲୀ ସିଏଜି ଚାମ୍ପିଅନ

ବନ୍ତ/ଆଗରପଡ଼ା,୧୫।୩(ସମିସ)

କମ୍ପ୍ଟ୍ରୋଲର୍ ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଦିଲ୍ଲୀ ୭ ୱିକେଟରେ ନିମପୁର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚଳିତବର୍ଷର ସର୍ବଭାରତୀୟ ଟିଲୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଭଦ୍ରକ ଜିଲ୍ଲା ଟିଲୋସ୍ଥିତ ହନୁମାନଜୀଉ ପଡ଼ିଆରେ ରବିବାର ଖେଳାଯାଇଥିବା ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନିମପୁର ୧୯.୫ ଓଭରରେ ମାତ୍ର ୯୭ ରନ୍ କରିଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ସୁଶିଲ ବାରିକ ୩୫ ଓ ବିକ୍ରମ ସାମଲ ୩୯ ରନ୍ କରିବାକୁ ସମର୍ଥ ହୋଇଥିଲେ । ପ୍ରତିପକ୍ଷ ଦଳର ଓଡ଼ିଶା ରଣଜୀ ଖେଳାଳି ଦେବବ୍ରତ ପ୍ରଧାନଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା । ଆରାଫତ୍ ଖାନ୍‌ଙ୍କୁ ଓ ପ୍ରୟାସ ରାୟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

ଜବାବରେ ସିଏଜି ଟିମ୍, ଦିଲ୍ଲୀ ୧୩.୩ ଓଭରରେ ମାତ୍ର ୩ ୱିକେଟ ହରାଇ ୯୯ ରନ୍ କରିବା ସହ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ଦଳ ପକ୍ଷରୁ ଓଡ଼ିଶାର ଅନ୍ୟତମ ରଣଜୀ ଅଲରାଉଣ୍ଡର କାର୍ତ୍ତିକ ବିଶ୍ୱାଳ ୨୭ ବଲ୍‌ରେ ୨୪, ଗୁରିନ୍ଦର ସିଂ ୧୨ ବଲ୍‌ରେ ୨୨ ଓ ସୁମିତ ମାଥୁର ୨୭ ବଲ୍‌ରେ ୨୪ ରନ୍ କରି ଦଳକୁ ଚାମ୍ପିଅନ କରାଇଥିଲେ । ନିମପୁର ପକ୍ଷରୁ ରଣଜୀ ଖେଳାଳି ତରଣୀ ସ, ଜାମଲାଭଞ୍ଜନ ମହାପାତ୍ର ଓ ସୁଶିଲ ବାରିକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ବିଜୟୀ ଦଳ ପକ୍ଷରୁ ଘାତକ ବୋଲିଂ କରିଥିବା ଦେବବ୍ରତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ, ସୁମିତ ମାଥୁରଙ୍କୁ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା । ଦେବବ୍ରତ ଶ୍ରେଷ୍ଠ କ୍ୟାଚର, ସୁମିତ ଶ୍ରେଷ୍ଠ ବ୍ୟାଟର, ଆରାଫତ୍ ଖାନ୍ ଶ୍ରେଷ୍ଠ ବୋଲର ଓ କାର୍ତ୍ତିକ ଶ୍ରେଷ୍ଠ ୱିକେଟକିପର ବିବେଚିତ ହୋଇଥିଲେ । ଏହି ମ୍ୟାଚ୍‌କୁ ଅମ୍ପାୟାର ରଞ୍ଜନ ମହାନ୍ତି ଓ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ । ସୁମିତ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲାବେଳେ ସୁକାନ୍ତ ବେହେରା ଓ ରସିଦୁଲ ଓହିଦ୍ ଧାରାବିବରଣୀ ପ୍ରଦାନ କରିଥିଲେ ।




ଖେଳ ଶେଷରେ ଆୟୋଜିତ ଉତ୍ସବରେ ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ତଥା ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଆୟୋଜକ ଟିଲୋ ଆଥ୍‌ଲେଟିକ ଆସୋସିଏସନର ଉପଦେଷ୍ଟା ମନ୍ମଥ ରାଉଳ, ବନ୍ତ ବ୍ଲକ୍ ଚେୟାରମ୍ୟାନ୍ ମନୋରଞ୍ଜନ ଘଡାଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ

## କିଶୋରକୁ ହରାଇ ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର,୧୫ ।୩(ସମିସ): ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖିମଜୀ କପ୍ ମୁକ୍ତେଶ୍ୱର ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ରବିବାର ଖେଳଯାଇଥିବା ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ପାରାମାଉଣ୍ଟ ୧୪ ରନରେ କିଶୋର ସ୍ପୋର୍ଟିଂକୁ ପରାସ୍ତ କରି ସେମି ଟିକଟ ହାସଲ କରିଛି । ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରେ ୮ ୱିକେଟ ହରାଇ ୨୩୮ ରନ ସଂଗ୍ରହ କରିଥିଲା । ଜବାବରେ କିଶୋର ୩୯.୧ ଓଭରରେ ୨୨୪ ରନକରି ଅଲଆଉଟ ହେବା ସହ ବିଜୟଠାରୁ ୧୫ ରନ ଦୂରରେ ରହିଯାଇଥିଲା । କିଶୋର ତରଫରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୪୨, ହାରୀ ଡୋଟେର ୩୬, ବିଶ୍ୱଭୂଷଣ ବିହାରୀ ୩୩ ରନ ସଂଗ୍ରହ କରିଥିଲେ । ବୋଲିଂରେ ପାରାମାଉଣ୍ଟ ତରଫରୁ ମିନାଲ ପରିଡ଼ା ୩, ସେଖ ସାକିବ ସରବେର ଓ ଅଂଶୁମାନ ସାହୁ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ତରଫରୁ ଅଧିନାୟକ ଅଂଶୁମାନ ସାହୁ ସର୍ବାଧିକ ୭୨, ମିନାଲ ପରିଡ଼ା ୩୭, ଏମ୍ ଜ୍ଞାନେନ୍ଦ୍ର କୁମାର ୩୨, ସୁଦର୍ଶନ ସ୍ୱାଇଁ ୨୩ ରନ ସଂଗ୍ରହ କରିଥିଲେ । ବୋଲିଂରେ କିଶୋର ପକ୍ଷରୁ ଆଶୁତୋଷ ଦାସ ୩ ୱିକେଟ ଅକ୍ତିଆର କରିଥିଲେ । ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା ୩୭ ରନ କରିବା ସହ ୩ ୱିକେଟ ଅକ୍ତିଆର କରିଥିବା ପାରାମାଉଣ୍ଟର ମିନାଲ ପରିଡ଼ାଙ୍କୁ ମ୍ୟାଚ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ । ଏହି ଅବସରରେ ପୂର୍ବତନ କ୍ରିକେଟର ତଥା ମୁକ୍ତେଶ୍ୱର କ୍ଲବ ସଦସ୍ୟ ଶଶାଙ୍କ ମହାନ୍ତି, ଅଜିତ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ । ଆସନ୍ତାକାଲି ଅର୍ଥାତ ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାୟୋନିୟର ପୁରୀ ଓ ପ୍ରଗତି ସ୍ପୋର୍ଟିଂ ପରସ୍ପରକୁ ଭେଟିବେ ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS